# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୪/୨୦୨୦ (୧୩ପୃଷ୍ଠା) | Bhubaneswar, Wednesday, October 14/2020 | ★★★★★★

୪୬ଶ ଭାଗ ୩୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## କ୍ରିସ୍ ଗେଲ୍ ସୁସ୍ଥ

ଫୁଡ୍ ପଏଜନିଂରୁ ଆରୋଗ୍ୟ ହୋଇଥିବା ଷ୍ଟାର ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍ ଗୁରୁବାର ରୟାଲ ଚ୍ୟାଲେଞ୍ଜର୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ ଖେଳିପାରନ୍ତି।


୧୩ | ୦୨


## ନୋରାଙ୍କ ଥ୍ରୋ-ବ୍ୟାକ୍ ଭିଡିଓ ଭାଇରାଲ

ନୋରା ଫତେହୀଙ୍କ ଏକ ଥ୍ରୋ-ବ୍ୟାକ୍ ଭିଡିଓ ଇଣ୍ଟରନେଟ୍‌ରେ ଖୁବ୍ ଭାଇରାଲ ହୋଇଛି। ସେ 'କମରିୟା' ସଙ୍ଗରେ ଜବରଦସ୍ତ ଡ୍ୟାନ୍ସ କରୁଥିବାର ଦେଖିବାକୁ ମିଳିଛି।



# ଓଡ଼ିଶା ଭାରତୀୟ ରଗ୍‌ବୀ ଦଳର ପ୍ରାୟୋଜକ

ଭୁବନେଶ୍ୱର,୧୩।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ହକି ପରେ ଏବେ ରଗ୍‌ବୀ। ଓଡ଼ିଶା ସରକାର ୨୦୧୮ ମସିହାରୁ ଭାରତୀୟ ହକି ଦଳର ପ୍ରାୟୋଜକ ରହିଆସିଥିବା ବେଳେ ଏବେ ଆଗାମୀ ୩ ବର୍ଷ ପାଇଁ ରଗ୍‌ବୀ ଇଣ୍ଡିଆର ପ୍ରାୟୋଜକ ହୋଇଛି। ଏ ନେଇ ଓଡ଼ିଶା ସରକାର ଓ ଇଣ୍ଡିଆନ ରଗ୍‌ବୀ ଫୁଟ୍‌ବଲ ୟୁନିୟନ (ଆଇଆରଏଫ୍‌ୟୁ) ମଧ୍ୟରେ ମଙ୍ଗଳବାର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଫଳରେ ରାଜ୍ୟରେ ୨୦୨୩ ପର୍ଯ୍ୟନ୍ତ ରଗ୍‌ବୀ ଖେଳାଳିଙ୍କ ଲାଗି ହାଇ ପରଫର୍ମାନ୍ସ ଟ୍ରେନିଂ ଓ କଣ୍ଡିସନିଂ ଭିତ୍ତିଭୂମି ସ୍ଥାପନ କରାଯିବା ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯିବ।




ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଆର. ଭିନିଲ କ୍ରିଷ୍ଣା ଓ ଆଇଆରଏଫ୍‌ୟୁ ଅଧ୍ୟକ୍ଷ ମାନେକ ଅନ୍‌ୱାଲା ଦୁଇ ପକ୍ଷରୁ ପ୍ରତିନିଧିତ୍ୱ କରି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ବିଶାଲ କୁମାର ଦେବ, ଆଇଆରଏଫ୍‌ୟୁ ମୁଖ୍ୟ କାର୍ଯ୍ୟନିର୍ବାହୀ ନାସିର ହୁସେନ, ବଲିଉଡ୍ ଅଭିନେତା ତଥା ପୂର୍ବତନ ଭାରତୀୟ ରଗ୍‌ବୀ ଖେଳାଳି ରାହୁଲ ବୋଷ, ଆଇଆର୍‌ଏଫ୍‌ୟୁ ବୋର୍ଡସଦସ୍ୟ ତଥା ଓଡ଼ିଶା ରଗ୍‌ବୀ ମୁଖ୍ୟ ୟୁ.କେ. ମହାନ୍ତି ଓ କ୍ରୀଡ଼ା ଓ ଯୁବ ସେବା ବିଭାଗର ବରିଷ୍ଠ ଅଧିକାରୀମାନେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ଥିଲେ।

ଅନ୍ତର୍ଜାତୀୟ ରଗ୍‌ବୀ ଇଭେଣ୍ଟରେ ଅଂଶଗ୍ରହଣ କରୁଥିବା ଭାରତୀୟ ପୁରୁଷ ଓ ମହିଳା ଦଳ ପାଇଁ ପ୍ରାୟୋଜକ ହିସାବରେ ଓଡ଼ିଶା ଟ୍ରେନିଂ, କଣ୍ଡିଶନିଂ ଓ ପ୍ରୋତ୍ସାହନ ପାଇଁ ସୁବିଧା ସୁଯୋଗ ☞ପୃଷ୍ଠା–୧୦

# ଲଗାଣବର୍ଷା: ପାହାଡ଼ ଧସିଲା

ପାତ୍ରପୁର/ଦିଗପହଣ୍ଡି/ଚିକିଟି/ଶେରଗଡ଼, (ଡି.ଏନ୍.ଏ.)/ପାରଳାଖେମୁଣ୍ଡି,୧୩।୧୦(ସ୍ୱ.ପ୍ର.)

- ବାଘଲଟି ଜଳଭଣ୍ଡାରର ୨ ଗେଟ୍ ଖୋଲିଲା
- ବାହୁଦା, ଋଷିକୁଲ୍ୟା, ମହେନ୍ଦ୍ରତନୟା, ବଂଶଧାରାରେ ବନ୍ୟାଜଳ
- ଗଜପତିରେ ୫୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର
- ସୋରଡ଼ା ନିକଟ ଜରଉ ନଦୀର ଗ୍ରାମ ପୋଲ ଭାଙ୍ଗିଲା

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ତୀବ୍ର ଅବପାତରେ ପରିଣତ ହୋଇ ଆନ୍ଧ୍ର ଉପକୂଳ ଦେଇ ଅତିକ୍ରମ କରିଛି। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଓ ଗଜପତି ଜିଲାରେ ସୋମବାରଠାରୁ ପ୍ରବଳ ବର୍ଷା ଜାରି ରହିଛି। ଫଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ତାଡ଼କାସାହି ଓ ଚରିଆବାଡ଼ ମଧ୍ୟସ୍ଥଳରେ ପାହାଡ଼ ଧସି ରାସ୍ତା ଅବରୋଧ ହୋଇଛି। ସେହିପରି ଗଜପତି ଜିଲା ଗୁମ୍ମା ବ୍ଲକ ତରଙ୍ଗଡା ପଞ୍ଚାୟତ ଟାମୋଇସିଂ ଗ୍ରାମରେ ପାହାଡ ଧସିଥିବା ସୂଚନା ମିଳିଛି। ଗଜପତି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲାର କାଶୀନଗର, ରାୟଗଡ଼, ଆର.ଉଦୟଗିରି, ଗୁମ୍ମା ଆଦି ଅଞ୍ଚଳର ବିପଦପୂର୍ଣ୍ଣ ସ୍ଥାନରୁ ସୋମବାର ରାତିରୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥଲା। ପରେ ଆଉ କେତେକଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସେମାନଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ଦୁଇ ଜିଲାର ବିଭିନ୍ନ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି।

ପାତ୍ରପୁର ବ୍ଲକ ପାହାଡ଼ ଉପରେ ଥିବା ଆଙ୍କୁଲି, ବୁରାତାଲ, ତୁମ୍ବା ପଞ୍ଚାୟତର ଅଧିକାଂଶ ଗ୍ରାମରେ ବାଦଲଫଟା ବର୍ଷା ହୋଇଛି। ଏଲଗଲ, ବଣିଆବସା, ବେହେରାପୁଟୁ, ମାଡୁଆଗୁମା, ଉପରବୁରାତାଲ, ବାଦୁଆ, କୁରଗଡ଼, ଧୋବାଲିଙ୍ଗି, ଅଣ୍ଡଅଣ୍ଡା ଆଦି ଗ୍ରାମରେ ବର୍ଷା ପାଣି ପଶି ଆଦିବାସୀଙ୍କୁ ଆତଙ୍କିତ କରିଛି। ☞ପୃଷ୍ଠା–୪



ଗଞ୍ଜାମ ଜିଲାର ତାଡ଼କାସାହି ଓ ଚରିଆବାଡ଼ ମଧ୍ୟସ୍ଥଳରେ ପାହାଡ଼ ଧସିପଡ଼ିଛି।

# ୧୦.୩% ଖସିବ ଭାରତୀୟ ଅର୍ଥ ବ୍ୟବସ୍ଥା

ୱାଶିଂଟନ,୧୩।୧୦




- ଆସନ୍ତା ଆର୍ଥିକ ବର୍ଷରେ ଜିଡିପିରେ ୮.୮% ଅଭିବୃଦ୍ଧି: ଆଇଏମ୍‌ଏଫ୍
- ଅଭିବୃଦ୍ଧି ଆକଳନକୁ ନେଇ ପ୍ରଶ୍ନ ଉଠାଇଲେ ବିଶେଷଜ୍ଞ

କରୋନା ଭାଇରସ୍ ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଜୋର୍‌ଦାର ଝଟ୍‌କା ଲାଗିଛି। ଫଳରେ ଚଳିତ ଆର୍ଥିକ ବର୍ଷ ଭାରତର ମୋଟ୍ ଘରୋଇ ଉତ୍ପାଦ(ଜିଡିପି) ୧୦.୩% ଖସିବ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍) ମଙ୍ଗଳବାର ଅନୁମାନ କରିଛି। ଅପରପକ୍ଷରେ ପରବର୍ତ୍ତୀ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୧–୨୦୨୨ରେ ଜିଡିପିରେ ୮.୮% ଅଭିବୃଦ୍ଧି ହେବ ବୋଲି ଆଇଏମ୍‌ଏଫ୍ ମତ ରଖିଛି। ଏହି ଅନ୍ତର୍ଜାତୀୟ ସଂସ୍ଥା ଏକ ସମୟରେ ଯେଉଁଭଳି ଅଭିବୃଦ୍ଧି ହ୍ରାସ ଓ ବୃଦ୍ଧି ନେଇ ଆକଳନ କରିଛି, ତାହାକୁ ନେଇ ଅର୍ଥନୈତିକ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। ୧୦.୩% ଜିଡିପି ହ୍ରାସକୁ ଭରଣା କରି ପୁଣି ୮.୮% ଅଭିବୃଦ୍ଧି ହାସଲ କରିବା ଅର୍ଥାତ୍ ଗୋଟିଏ ବର୍ଷରେ ୧୯.୧% ସଫଳତା ପାଇବା ବିଷୟକୁ ନେଇ ବିଶେଷଜ୍ଞମାନେ ସନ୍ଦେହ ପ୍ରକଟ କରୁଛନ୍ତି।

ଆଇଏମ୍‌ଏଫ୍‌ର କହିବାନୁଯାୟୀ, ୨୦୨୧ରେ ଭାରତ ଚାଇନାକୁ ଟପି ପୁଣି ଥରେ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ହେବାକୁ ☞ପୃଷ୍ଠା–୪

# ଜଳବାୟୁ ପରିବର୍ତ୍ତନରୁ ବିପର୍ଯ୍ୟୟ ବଢ଼ିବ

ଜେନେଭା,୧୩।୧୦(ଏ.ପି.)



## ୨୦ ବର୍ଷରେ ୭,୩୪୮ ବିପତ୍ତି

ଜଳବାୟୁ ପରିବର୍ତ୍ତନ ଯୋଗୁ ବିଗତ ୨୦ ବର୍ଷରେ ବିଶ୍ୱ ୭,୩୪୮ ବିପତ୍ତି ସହିଛି। ୨୦୦୦ରୁ ୨୦୧୯ ମଧ୍ୟରେ ଏଥିଯୋଗୁ ୧.୨୩ ମିଲିୟନ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪.୨ ବିଲିୟନ ଲୋକ ପ୍ରଭାବିତ ହୋଇଥିଲେ। ଏହି ଅବଧି ମଧ୍ୟରେ ବିପର୍ଯ୍ୟୟ କାରଣରୁ ବିଶ୍ୱ ଅର୍ଥନୀତିର ୨.୯୭ ଟ୍ରିଲିୟନ ଡଲାର କ୍ଷତି ହୋଇଥିବା ୟୁଏନ୍ ଅଫିସ୍ ଫର୍ ଡିଜାଷ୍ଟର ରିସ୍କ ରିଡକ୍ସନ ପକ୍ଷରୁ କୁହାଯାଇଛି। ଜାତିସଂଘର 'ହ୍ୟୁମାନ କଷ୍ଟ୍ ଅଫ୍ ଡିଜାଷ୍ଟର୍ସ ୨୦୦୦-୨୦୧୯' ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୧୯୮୦ରୁ ୧୯୯୯ ମଧ୍ୟରେ ୪,୨୧୨ଟି ବିପର୍ଯ୍ୟୟ ଆସିଥିଲା। ୟୁଏନ୍‌ଡିଆର୍‌ଆର୍ ମୁଖ୍ୟ ମାମି ମିଜୁଟୋରିଙ୍କ ଅନୁସାରେ ୨୦ ବର୍ଷର ବିପର୍ଯ୍ୟୟକୁ ଦେଖିଲେ ଏକମାତ୍ର ଉପସଂହାର ଜଳଜଳ ହୋଇ ଦିଶିବ ଯେ, ଆମେ ଇଚ୍ଛାକୃତ ଭାବେ ବିଧ୍ୱଂସକ।

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱ ଆଗରେ ଏକ ବଡ଼ ଆହ୍ୱାନ ରୂପେ ଦଣ୍ଡାୟମାନ। ଏଥିଯୋଗୁ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ, ବିଶ୍ୱତାପନ, ବନାଗ୍ନି, ମରୁଡ଼ି ଓ ସାମୁଦ୍ରିକ ଝଡ଼ ଭଳି ବିପତ୍ତି ସଂଖ୍ୟା ବଢ଼ିବାରେ ଲାଗିଛି। ଏଭଳି ସ୍ଥିତି ଲାଗିରହିଲେ ଆଗକୁ ଆମକୁ ବଡ଼ ବଡ଼ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିବ। ଫଳରେ ଆସନ୍ତା ଦଶନ୍ଧିରେ ଅନ୍ତର୍ଜାତୀୟ ମାନବିକ ସହାୟତା ଆବଶ୍ୟକ କରୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧିପାଇବ। ୨୦୧୮ରେ ବିଶ୍ୱବ୍ୟାପୀ ଏହି କାରଣରୁ ୧୦୮ ନିୟୁତ ଲୋକ ମାନବିକ ସହାୟତା ଲୋଡ଼ିଥିବାବେଳେ ୨୦୩୦ରେ ଏଭଳି ଅଭାବୀଙ୍କ ସଂଖ୍ୟା ୫୦% ବଢ଼ିଯିବ। ଜାତିସଂଘ ପାଣିପାଗ ସଂସ୍ଥା ମଙ୍ଗଳବାର ଏଭଳି ଭବିଷ୍ୟବାଣୀ କରି କ୍ରମବର୍ଦ୍ଧିଷ୍ଣୁ ବିପର୍ଯ୍ୟୟର ସମ୍ଭାବ୍ୟ ଭୟାନକ ଚିତ୍ର ଆଙ୍କିଛି, ଯାହାକି ବିଶ୍ୱ ସମୁଦାୟର ଚିନ୍ତା ବଢ଼ାଇ ବିପର୍ଯ୍ୟୟ ମୁକାବିଲା ପାଇଁ ଆବଶ୍ୟକ ରଣନୀତି ପ୍ରସ୍ତୁତ କରିବାକୁ ଏକପ୍ରକାର ବାଧ୍ୟ କରିଛି।

ବିଶ୍ୱ ପାଣିପାଗ ସଂସ୍ଥା ଓ ଏହାର ସହଯୋଗୀ ସଙ୍ଗଠନଗୁଡ଼ିକ ପକ୍ଷରୁ ଜାରି କରାଯାଇଥିବା ସଦ୍ୟ ରିପୋର୍ଟରେ ଦର୍ଶାଯାଇଛି ଯେ, ଜଳବାୟୁ ସମ୍ପର୍କିତ ବିପର୍ଯ୍ୟୟ ପ୍ରତିବର୍ଷ ବଢ଼ିବାରେ ଲାଗିଛି। ବିଗତ ୫୦ ବର୍ଷ ମଧ୍ୟରେ ବିଶ୍ୱବାସୀ ପାଣିପାଗ, ଜଳବାୟୁଜନିତ ବିପର୍ଯ୍ୟୟ ଓ ସୁନାମି ଭଳି ୧୧,୦୦୦ ଅସ୍ୱାଭାବିକ ସ୍ଥିତିକୁ ପ୍ରତ୍ୟକ୍ଷ କରିଛନ୍ତି। ଏଥିଯୋଗୁ ୨୦ ଲକ୍ଷ ଲୋକଙ୍କ ଜୀବନ ଯାଇଛି ଏବଂ ☞ପୃଷ୍ଠା–୪

# ୬୮,୮୨୫ କୋଟି ଋଣ କରିବେ ରାଜ୍ୟ

## ଓଡ଼ିଶା ସମେତ ୨୦ ରାଜ୍ୟ ସାମିଲ

ନୂଆଦିଲ୍ଲୀ,୧୩।୧୦

ଜିଏସ୍‌ଟି ରାଜସ୍ୱ ହ୍ରାସକୁ ଭରଣା କରିବା ଲାଗି ଓଡ଼ିଶା ସମେତ ମୋଟ ୨୦ଟି ରାଜ୍ୟ ବଜାରରୁ ଋଣ କରିବେ। ଏହି ରାଜ୍ୟଗୁଡିକ ମୋଟ ୬୮,୮୨୫ କୋଟି ଟଙ୍କାର ଋଣ ଉଠାଇବେ ବୋଲି ଜଣାପଡିଛି। ଖୋଲା ବଜାରରୁ ଋଣ ଉଠାଇବା ଲାଗି ଏହି ରାଜ୍ୟଗୁଡିକୁ କେନ୍ଦ୍ର ସରକାର ମଙ୍ଗଳବାର ଅନୁମତି ପ୍ରଦାନ କରିଛନ୍ତି। ରାଜ୍ୟଗୁଡିକୁ କ୍ଷତିପୂରଣ ପ୍ରଦାନ ପ୍ରସଙ୍ଗ ନେଇ ଜିଏସ୍‌ଟି ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ କୌଣସି ସହମତି ପ୍ରକାଶ ପାଇପାରି ନ ଥିଲା। ଜିଏସ୍‌ଟି ☞ପୃଷ୍ଠା–୪

# ଗ୍ରାମାଞ୍ଚଳ ସଡ଼କ ନିର୍ମାଣରେ ଚଞ୍ଚକତା

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

- ଠିକାଦାରଙ୍କୁ ଯନ୍ତ୍ରୀଙ୍କ ଅହେତୁକ ଅନୁକମ୍ପା
- ୯ କୋଟି ଜରିମାନା ଛାଡ଼ିଦେଲେ
- ତ୍ରୁଟିପୂର୍ଣ୍ଣ ଡିପିଆର୍ ଯୋଗୁ ୫.୩୧ କୋଟି ବରବାଦ

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଅଧୀନ ଗ୍ରାମାଞ୍ଚଳ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଛି। ନିର୍ଦ୍ଧାରିତ ସମୟରେ କାମ ଶେଷ ନ ହେବା ଏବଂ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦେଖାଇବା ଯୋଗୁ ରାଜକୋଷ ଉପରେ ଆର୍ଥିକ ବୋଝ ପଡୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀମାନଙ୍କ ଦାୟିତ୍ୱହୀନତା ଯୋଗୁ ଲୋକମାନେ ରାସ୍ତା ପାଇବାରୁ ବଞ୍ଚିତ ହେବା ସହ ଠିକାଦାର ମାଲାମାଲ ହେଉଛନ୍ତି। କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରାସ୍ତା ନିର୍ମାଣରେ ହେଉଥିବା ଏଭଳି ଚଞ୍ଚକତାର ପର୍ଦ୍ଦାଫାଶ କରିଛନ୍ତି।

ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି ଯେ, ନିର୍ବାହୀ ଯନ୍ତ୍ରୀମାନେ ଠିକାଦାରଙ୍କ ଠାରୁ କାର୍ଯ୍ୟ ବିଳମ୍ବ ପାଇଁ ଜରିମାନା ଆଦାୟ ନ କରିବାରୁ ୯ କୋଟି ଟଙ୍କା ହରାଇବାକୁ ପଡିଛି। କେବଳ ସେତିକି ନୁହେଁ, ଯନ୍ତ୍ରୀମାନଙ୍କ ଅପାରଗତା ଯୋଗୁ ରାସ୍ତା ନିର୍ମାଣ ପାଇଁ ସରକାରଙ୍କୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ନିର୍ମାଣ କାର୍ଯ୍ୟ ମଧ୍ୟ ବର୍ଷ ବର୍ଷ ଲାଗିଯାଉଛି। ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ ଗ୍ରାମ୍ୟ ଉନ୍ନୟନ ବିଭାଗ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** | ଆଳଙ୍କାରିକ ପ୍ୟାକେଜ




**ରାଜ୍ୟ ସଭାର ୧୧ ଆସନ ଲାଗି ୯ରେ ଭୋଟ**

ୟୁପିର ୧୦ ଓ ଉତ୍ତରାଖଣ୍ଡର ଗୋଟିଏ ରାଜ୍ୟ ସଭା ଆସନ ନଭେମ୍ବରରେ ଖାଲି ହେବାକୁ ଥିବାବେଳେ ନଭେମ୍ବର ୯ରେ ଭୋଟଗ୍ରହଣ କରାଯିବ। ଅକ୍ଟୋବର ୨୦ରେ ଏଥିଲାଗି ବିଜ୍ଞପ୍ତି ଜାରି କରାଯିବ ଓ ଅକ୍ଟୋବର ୨୭ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିବ। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ମଧ୍ୟରେ ଭୋଟଗ୍ରହଣ କରାଯାଇ ସେହିଦିନ ସନ୍ଧ୍ୟା ୫ଟାରେ ଭୋଟଗଣତି କରାଯିବ ବୋଲି ନିର୍ବାଚନ କମିଶନ ପ୍ରକାଶ କରିଛନ୍ତି।

# ମନ୍ଦିର ଖୋଲିବା ନେଇ ବାକ୍‌ଯୁଦ୍ଧ


ଉଦ୍ଧବ ଠାକ୍‌ରେ


ଭଗତ ସିଂ କୋଶିୟାରୀ

■ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ-ରାଜ୍ୟପାଳ ମୁହାଁମୁହିଁ
■ଉଦ୍ଧବ କହିଲେ, ଆମକୁ ହିନ୍ଦୁତ୍ୱ ପାଠ ପଢ଼ାଅ ନାହିଁ
■ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ପାୱାର

ମୁମ୍ବାଇ/ନୂଆଦିଲ୍ଲୀ,୧୩।୧୦

କରୋନା ଲକ୍‌ଡାଉନ ଯୋଗୁ ବନ୍ଦ ଥିବା ମନ୍ଦିରଗୁଡ଼ିକୁ ଖୋଲିବା ନେଇ ମହାରାଷ୍ଟ୍ରରେ ମଙ୍ଗଳବାର ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଓ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ସୀମା ଟପିଛି। ଏହି ପ୍ରସଙ୍ଗ କେବଳ ମହାରାଷ୍ଟ୍ର ନୁହେଁ, ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିବାବେଳେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି।

ମାର୍ଚ୍ଚ ୨୫ରେ ଲକ୍‌ଡାଉନ ଜାରି ହେବା ସହ ମହାରାଷ୍ଟ୍ର ସମେତ ସାରା ଦେଶର ଧର୍ମାନୁଷ୍ଠାନଗୁଡ଼ିକୁ ବନ୍ଦ କରାଯାଇଥିଲା। କିଛି ସପ୍ତାହ ହେବ ପର୍ଯ୍ୟାୟକ୍ରମେ ଅନ୍‌ଲକ କରାଯାଉଛି। ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଉଦ୍ଧବ ଏବେ ମନ୍ଦିର ନ ଖୋଲିବାକୁ ନିଷ୍ପତ୍ତି ନେଇଥିବାବେଳେ ମହାରାଷ୍ଟ୍ର ରାଜ୍ୟପାଳ କୋଶିୟାରୀ ତାଙ୍କୁ ଚିଠି ଲେଖିଥିଲେ। ଆପଣ ହିନ୍ଦୁତ୍ୱର ଜଣେ ଦୃଢ଼ ପକ୍ଷଧର। ଏବେ ଆପଣ 'ଧର୍ମନିରପେକ୍ଷ' ହୋଇଗଲେ, ଯେଉଁ ଶବ୍ଦକୁ ନିଜେ ଘୃଣା କରୁଥିଲେ ବୋଲି ରାଜ୍ୟପାଳ ଉଦ୍ଧବଙ୍କୁ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଗୋଟିଏପଟେ ବାର୍, ରେଷ୍ଟୁରାଣ୍ଟ ଓ ବେଳାଭୂମି ଖୋଲିବାକୁ ଅନୁମତି ଦେଇଥିବାବେଳେ ଅନ୍ୟପଟେ ଆମ ଦେବଦେବୀଙ୍କୁ ଲକ୍‌ଡାଉନରେ ରଖିଛନ୍ତି ବୋଲି କୋଶିୟାରୀ ସମାଲୋଚନା କରିଛନ୍ତି। ଏହାର ଜବାବରେ ଠାକ୍‌ରେ କହିଛନ୍ତି, ରାଜ୍ୟପାଳ ହିନ୍ଦୁତ୍ୱ କଥା କହିବା ସମ୍ପୂର୍ଣ୍ଣ ଠିକ୍। ତେବେ ଆମକୁ କାହାଠାରୁ ହିନ୍ଦୁତ୍ୱ ସାର୍ଟିଫିକେଟ ନେବା ଅଥବା ପାଠ ପଢ଼ିବାର ଆବଶ୍ୟକତା ନାହିଁ। ମୁମ୍ବାଇକୁ ପିଓକେ ସହ ତୁଳନା କରିଥିବା ଲୋକଙ୍କୁ ସ୍ୱାଗତ କରୁଥିବା ବ୍ୟକ୍ତି ମୋ ହିନ୍ଦୁତ୍ୱ ସହ ମେଳ ଖାଉନାହାନ୍ତି ବୋଲି ଶିବସେନା ଅଧ୍ୟକ୍ଷ ଠାକ୍‌ରେ କହିଛନ୍ତି। ଦିନ ତମାମ ଉଭୟଙ୍କ ମଧ୍ୟରେ ପତ୍ର ବିନିମୟରେ ବାକ୍‌ଯୁଦ୍ଧ ଜାରି ରହିଥିବାବେଳେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ରାଜ୍ୟପାଳଙ୍କ ଭାଷାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାଜ୍ୟପାଳ ଏକ ଦଳର ନେତାଙ୍କୁ ସମ୍ବୋଧନ କଲା ଭଳି ଭାଷା ବ୍ୟବହାର କରିଛନ୍ତି। ସମ୍ବିଧାନ ଅନୁସାରେ ଧର୍ମନିରପେକ୍ଷତା ଅର୍ଥ ସବୁ ଧର୍ମକୁ ସମାନ ଗୁରୁତ୍ୱ ଦିଆଯିବା। ମୁଖ୍ୟମନ୍ତ୍ରୀ ଏହାକୁ ପାଳନ କରିବେ। କିନ୍ତୁ ସାମ୍ବିଧାନିକ ପଦବୀରେ ଥିବା ରାଜ୍ୟପାଳ ଯେପରି ଭାଷା ବ୍ୟବହାର କରିଛନ୍ତି, ତାହା ତାଙ୍କୁ ଶୋଭା ପାଉନାହିଁ। ପ୍ରଧାନମନ୍ତ୍ରୀ ଏହା ଉପରେ ଦୃଷ୍ଟି ଦେବେ ବୋଲି ଆଶା।


ଆସାମର ଦକ୍ଷିଣ ସାଲ୍‌ମାରାସ୍ଥିତ ବ୍ରହ୍ମପୁତ୍ର ନଦୀରେ ଗୋରୁଙ୍କୁ ଡଙ୍ଗାରେ ବିପଜ୍ଜନକ ଅବସ୍ଥାରେ ନିଆଯାଉଛି।

# ଲଦାଖର ୟୁଟି ମାନ୍ୟତା ବେଆଇନ

ନୂଆଦିଲ୍ଲୀ/ବେଜିଂ,୧୩।୧୦

**ଭାରତ-ଆମେରିକାକୁ ଚାଇନାର ଜବାବ**


ଝାଓ ଲିଜିଆନ୍

କେନ୍ଦ୍ର ସରକାର ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ (ୟୁଟି) ମାନ୍ୟତା ଦେବାର ୧୪ ମାସ ପରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ଅଡୁଆ ଛିଣ୍ଡୁନାହିଁ। ଭାରତ ସହ ସୀମା ବିବାଦରେ ବ୍ୟସ୍ତ ଚାଇନା ଏହାକୁ ଅସ୍ୱୀକାର କରିଆସୁଛି। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ୬୦,୦୦୦ ସୈନ୍ୟ ମୁତୟନ ହୋଇଥିବା ନେଇ ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓଙ୍କ ପ୍ରଘଟର ୩ ଦିନ ପରେ ଚାଇନା କହିଛି, ଲଦାଖକୁ ନୂଆଦିଲ୍ଲୀ ପକ୍ଷରୁ ପ୍ରଦାନ କରାଯାଇଥିବା ୟୁଟି ମାନ୍ୟତାକୁ ବେଜିଂ ସ୍ୱୀକୃତି ଦିଏନାହିଁ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସୋମବାର ଏଲ୍‌ଏସି ନିକଟରେ ୪୪ ନୂଆ ବ୍ରିଜ୍ ଉଦ୍‌ଘାଟନ କରିଥିଲେ। ପାକିସ୍ତାନ ଓ ଚାଇନା ଏକ ମିଶନ ଅଧୀନରେ ସୀମାରେ ବିବାଦ ସୃଷ୍ଟି କରୁଛନ୍ତି ବୋଲି ରାଜନାଥ ମନ୍ତବ୍ୟ ଦେବା ପରେ ଚାଇନା ପକ୍ଷରୁ ଏଭଳି ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ଭାରତର ବର୍ଡର ରୋଡ୍ସ ଅର୍ଗାନାଇଜେଶନ(ବିଆର୍‌ଓ) ପକ୍ଷରୁ ଲଦାଖ ସୀମାରେ ୮ ଓ ଅରୁଣାଚଳ ସୀମାରେ ୮ ସେତୁ ନିର୍ମାଣ କରାଯାଇଛି। ସୀମା ସଂଲଗ୍ନ ଏହି ବ୍ରିଜ୍‌ଗୁଡ଼ିକ ଦେଇ ସାମରିକ କାର୍ଯ୍ୟ ଓ ଅସ୍ତ୍ରଶସ୍ତ୍ର ପରିବହନ ସହଜ ହୋଇପାରିବ। ଖବରଦାତାଙ୍କ ଏସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ ଗଣମାଧ୍ୟମକୁ କହିଛନ୍ତି, ସମ୍ପୃକ୍ତ ଅଞ୍ଚଳରେ ଭାରତର ଭିତ୍ତିଭୂମି ନିର୍ମାଣକୁ ବେଜିଂ ବିରୋଧ କରୁଛି। ସୀମାରେ ଭିତ୍ତିଭୂମି ବିକାଶ ସହ ସାମରିକ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରସ୍ତୁତି କରାଯିବା ଦୁଇଦେଶ ମଧ୍ୟରେ ଉତ୍ତେଜନାର କାରଣ। କୌଣସି ପକ୍ଷ କିଛି ପଦକ୍ଷେପ ନେଲେ ସ୍ଥିତି ବିଗିଡ଼ିଯିବ ବୋଲି ସେ ଚେତାଇଛନ୍ତି।

ସୂଚନାଯୋଗ୍ୟ, ଭାରତୀୟମାନେ ଉତ୍ତରସୀମାରେ ୬୦,୦୦୦ ଚାଇନା ସୈନ୍ୟଙ୍କୁ ସାମ୍ନା କରୁଛନ୍ତି। ଭାରତୀୟ–ପ୍ରଶାନ୍ତ ମହାସାଗରୀୟ ୩ ବୃହତ୍ ଗଣତନ୍ତ୍ର ଭାରତ, ଅଷ୍ଟ୍ରେଲିଆ ଓ ଜାପାନ ପ୍ରତି ଚାଇନାର କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିପଦ ରହିଛି ବୋଲି ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ କହିଥିଲେ।

## ୨୮ରେ ଲଦାଖ ଯିବ ସଂସଦୀୟ କମିଟି

ସୀମାରେ ଭାରତ–ଚାଇନା ମୁହାଁମୁହିଁ ସ୍ଥିତିରେ ରହିଥିବାବେଳେ ଲଦାଖର ସ୍ଥିତି ପରଖିବାକୁ ଆଗାମୀ ୨୮–୨୯ରେ ସଂସଦୀୟ କମିଟି ଲଦାଖ ଗସ୍ତରେ ଯିବ ବୋଲି ଜଣାପଡ଼ିଛି। କଂଗ୍ରେସ ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀଙ୍କ ନେତୃତ୍ୱରେ ପିଏସି ସଦସ୍ୟମାନେ ସେଠାକୁ ଯାଇ ଥଣ୍ଡା ପାର୍ବତ୍ୟାଞ୍ଚଳରେ ମୁତୟନ ଥିବା ଯବାନଙ୍କ ଲାଗି ରାଶନ, ଗରମ ପୋଷାକ ଓ ଘରର ଉପଯୁକ୍ତ ସୁବିଧା ସମ୍ପର୍କରେ ପଚାରି ବୁଝିବେ। ଗତ ମାସରେ ଚୌଧୁରୀ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପତ୍ର ଲେଖି ପିଏସି ସଦସ୍ୟମାନେ ଲଦାଖ ଯିବା ସହ ଯବାନଙ୍କ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ପଚାରି ବୁଝିବେ ବୋଲି ଜଣାଇଥିଲେ। ସିଏଜି ରିପୋର୍ଟରେ ଲଦାଖ ସୀମାରେ ମୁତୟନ ଥିବା ଯବାନଙ୍କ ଲାଗି ଗରମ ପୋଷାକ, ରାଶନ, ଯୁଦ୍ଧାସ୍ତ୍ର ଆଦିର ଅଭାବ ରହିଥିବା ଦର୍ଶାଯାଇଥିଲା। ଏନେଇ ପିଏସି ପକ୍ଷରୁ ସିଡିଏସ୍ ଜେନେରାଲ ବିପିନ ରାୱତଙ୍କ ସହ ଆଲୋଚନା କରାଯାଇଛି। ଆଗାମୀ ୨୩ରେ ପିଏସି ବୈଠକ ବସି ସେଠାକୁ ଯାତ୍ରା ସମ୍ପର୍କରେ ଚୂଡ଼ାନ୍ତ ଆଲୋଚନା କରାଯିବ।

## ହାଥ୍‌ରସ ମାମଲା ସିବିଆଇ ଟିମ୍‌ର ଘଟଣାସ୍ଥଳ ପରିଦର୍ଶନ

ନୂଆଦିଲ୍ଲୀ, ୧୩।୧୦: ସିବିଆଇ ଟିମ୍ ଉତ୍ତରପ୍ରଦେଶର ହାଥ୍‌ରସରେ ଗତ ୧୪ରେ ଜଣେ ଦଳିତ ମହିଳାଙ୍କୁ ହୋଇଥିବା ଗଣବଳାତ୍କାର ସ୍ଥାନକୁ ଯାଇ ତଦନ୍ତ କରିଛି। ପୀଡ଼ିତାଙ୍କ ଭାଇଙ୍କୁ ମଧ ସେଠାକୁ ଡକାଯାଇଥିଲା। ସ୍ଥାନୀୟ ପୋଲିସ ଦ୍ୱାରା ଅଞ୍ଚଳକୁ ଘେରାବନ୍ଦୀ କରାଯାଇ ସେଦିନ ହୋଇଥିବା ଅପରାଧର ଦୃଶ୍ୟ ଫୋରେନ୍‌ସିକ୍ ଟିମ୍ ଆଗରେ ପ୍ରଦର୍ଶନ କରାଯାଇଥିଲା। ପ୍ରକାଶଥାଉ କି, ପୀଡ଼ିତା ଜଣକ ଦିଲ୍ଲୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ୨୯ରେ ପ୍ରାଣ ହରାଇଥିଲେ। ପରିବାରର ବାରଣ ସତ୍ତ୍ୱେ ପୀଡ଼ିତାଙ୍କୁ ଅଧରାତିରେ ପୋଡ଼ି ଦିଆଯାଇଥିଲା। ଏହାକୁ ନେଇ ବିକ୍ଷୋଭ କରାଯିବା ପରେ ଉତ୍ତରପ୍ରଦେଶ ସରକାର ମାମଲାକୁ ସିବିଆଇକୁ ହସ୍ତାନ୍ତର କରିଥିଲେ।

## ବିହାର: ଭାଜପାରୁ ୯, ଜେଡିୟୁରୁ ୧୫ ବହିଷ୍କୃତ

**ପାଟନା, ୧୩।୧୦:** ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଟିକେଟ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଟିକେଟ ଆଶାରେ ଦଳଡିଆଁ ପାଇଁ ଭାଜପାର ୯ ଓ ଜେଡିୟୁର ୧୫ ନେତାଙ୍କୁ ବହିଷ୍କୃତ କରାଯାଇଛି।

ଭାଜପାରୁ ୯ ନେତା ଏଲ୍‌ଜେପିରୁ ଟିକେଟ ପାଇ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଦଳବିରୋଧୀ କାର୍ଯ୍ୟ ଯୋଗୁ ଭାଜପା ପ୍ରଦେଶ ଅଧ୍ୟକ୍ଷ ସଞ୍ଜୟ ଜୈଶୱାଲ ଏହି ନେତାମାନଙ୍କୁ ୬ ବର୍ଷ ଲାଗି ବହିଷ୍କାର କରିଛନ୍ତି। ରାଜେନ୍ଦ୍ର ସିଂ, ଉଷା ବିଦ୍ୟାର୍ଥୀ, ରାମେଶ୍ୱର ଚୌରାସିଆ, ମୃଣାଳ ଶେଖର, ରବୀନ୍ଦ୍ର ଯାଦବ, ଶ୍ୱେତା ସିଂ, ଇନ୍ଦୁ କାଶ୍ୟପ, ଅନିଲ କୁମାର ଓ ଅଜୟ ପ୍ରତାପ ଏଭଳି ପରିଣାମ ଭୋଗିଛନ୍ତି। ସେହିପରି ଦଳବିରୋଧୀ କାର୍ଯ୍ୟ ଯୋଗୁ ଜେଡିୟୁର ୧୫ ନେତା ମଧ ବହିଷ୍କୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପୂର୍ବତନ ମନ୍ତ୍ରୀ, ୨ ବିଧାୟକ ରହିଛନ୍ତି। ଦଳୀୟ ଶୃଙ୍ଖଳା ଭାଙ୍ଗି ଏମାନେ ଏଲ୍‌ଜେପି ଟିକେଟରେ ନିର୍ବାଚନ ଲଢୁଥିବା ନେତାଙ୍କ ମଧ୍ୟରେ ଦାଦନ ସିଂ, ରାମେଶ୍ୱର ପାଶ୍ୱାନ, ଭଗବାନ ସିଂ କୁଶୱାହ, ରଣବିଜୟ ସିଂ, ସୁମିତ୍ କୁମାର ସିଂ, କାଞ୍ଚନ କୁମାର ଗୁପ୍ତା, ପ୍ରମୋଦ ସିଂ ଚନ୍ଦ୍ରବଂଶୀ, ଅରୁଣ କୁମାର, ତାଜାମୁଲ ଖାନ୍ ଓ ଅମରେଶ୍ ଚୌଧୁରୀ ପ୍ରମୁଖ ଅଛନ୍ତି।

## ୩ ଭଉଣୀଙ୍କୁ ଏସିଡ୍ ମାଡ଼

ଲକ୍ଷ୍ନୌ, ୧୩।୧୦

ଉତ୍ତରପ୍ରଦେଶର ଗୋଣ୍ଡା ଜିଲାରେ ଦଳିତ ବର୍ଗର ୩ ଭଉଣୀଙ୍କ ଉପରକୁ ଏସିଡ୍ ମାଡ଼ କରାଯାଇଛି। ସେମାନେ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ପୋଲିସ ଫୋରେନ୍‌ସିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହ ଘଟଣାସ୍ଥଳରେ ଛାନ୍‌ଭିନ୍ ଆରମ୍ଭ କରିଛି। ଘଟଣାରୁ ପ୍ରକାଶ ଯେ, ୩ ଭଉଣୀ ଘରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଘରେ ପଶି ଏଭଳି କାଣ୍ଡ ଭିଆଇଛନ୍ତି। ବଡ଼ ଭଉଣୀ (୧୭) ୩୦%, ମଝିଆ ଭଉଣୀ (୧୨) ୨୦% ଓ ସାନ ଭଉଣୀ (୮) ୫% ପୋଡ଼ିଯାଇଥିବା ପୋଲିସ କହିଛି। ଗାଁରେ ଲଣ୍ଡ୍ରି ଖୋଲି ୩ ଭଉଣୀଙ୍କ ବାପା ପରିବାର ପ୍ରତିପୋଷଣ କରନ୍ତି। ବଡ଼ ଝିଅର ବାହାଘର ଠିକ୍ ହୋଇଥିବାବେଳେ ତାଙ୍କ ମୁହଁ ବିକୃତ ହୋଇଯିବାରୁ ସେ ଚିନ୍ତାରେ ପଡ଼ିଯାଇଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହି ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାଜ୍ୟ ସରକାର ମହିଳାଙ୍କ ବିରୋଧରେ ଅପରାଧୀଙ୍କୁ ସୁରକ୍ଷା ଦେଉଥିବା ସେ ଟୁଇଟ୍ କରି ସମାଲୋଚନା କରିଛନ୍ତି।

# ଫୁର୍‌ସତ୍

## ନବଜାତକ ସହ ଅଫିସ୍ ଆସିଲେ ଆଇଏଏସ୍ ଅଫିସର


ନବଜାତକଙ୍କ ସହ ସୌମ୍ୟା ପାଣ୍ଡେ

ଲକ୍ଷ୍ନୌ: ସମାଜରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଜାଣି ଜାଣି କର୍ତ୍ତବ୍ୟରେ ଅବହେଳା କରିଥାନ୍ତି। କିନ୍ତୁ ଆଉ କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ କର୍ତ୍ତବ୍ୟ କରିବାକୁ ପଛାନ୍ତି ନାହିଁ। ଠିକ୍ ଏମିତି ଏକ ଉଦାହରଣ ସୃଷ୍ଟି କରିଛନ୍ତି ଆଇଏଏସ୍ ଅଫିସର ସୌମ୍ୟା ପାଣ୍ଡେ। ମାତ୍ର ୨ ସପ୍ତାହର ଶିଶୁକୁ କୋଳରେ ଧରି ସେ ଅଫିସ କାମ କରି ଉଦାହରଣ ସୃଷ୍ଟି କରିଛନ୍ତି।

ଉତ୍ତରପ୍ରଦେଶ ମୋଦିନଗର ଅଞ୍ଚଳର ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ସୌମ୍ୟା ପାଣ୍ଡେ କୋଳରେ ତାଙ୍କ ନବଜାତ ଶିଶୁକୁ ଧରି ଏବେ ଅଫିସ୍‌ରେ କାମ କରୁଛନ୍ତି। ପ୍ରସବର ମାତ୍ର ୨ ସପ୍ତାହ ପରେ ସେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏତେ କମ୍ ଦିନର ନବଜାତ ଶିଶୁକୁ ଧରି କାମ କରିବା ଦେଖି ସୌମ୍ୟାଙ୍କୁ ତାଙ୍କ ପରିବାର ତଥା ଅଫିସ୍‌ରେ ସମସ୍ତେ ସହଯୋଗ କରୁଛନ୍ତି। ସୌମ୍ୟାଙ୍କ କହିବା ଅନୁସାରେ କରୋନା ଭାଇରସ୍ ପାଇଁ ତାଙ୍କର କାମ ବହୁତ ବଢ଼ିଯାଇଛି। ଆଉ ଭଗବାନ ନାରୀମାନଙ୍କୁ ପ୍ରବଳ ଧୈର୍ଯ୍ୟ ଶକ୍ତି ଦେଇଛନ୍ତି, ଯାହାଫଳରେ ସେମାନେ ପ୍ରସବ ଦିନ ପର୍ଯ୍ୟନ୍ତ ଏବଂ ପରେ ସବୁ କାମ କରିବାକୁ ସକ୍ଷମ ହୋଇଥାନ୍ତି। ତେଣୁ ସେ ବି ୬ମାସର ଛୁଟି ନେବା ବଦଳରେ ଖୁବ୍‌ଶୀଘ୍ର ତାଙ୍କ କାମ କରିବାକୁ ଚାହିଁଥିଲେ। ଏଥିପାଇଁ ତାଙ୍କୁ ସମସ୍ତେ ସହଯୋଗ ବି କରୁଛନ୍ତି। ସୌମ୍ୟାଙ୍କ ଏଭଳି ଅଫିସରେ କାମ କରିବାର ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ନାରୀଶକ୍ତିକୁ ଅନେକେ ସମ୍ମାନ ଜଣାଇ ସୌମ୍ୟାଙ୍କ କାମକୁ ଢେର୍ ପ୍ରଶଂସା କରିଛନ୍ତି। କିଛି ଲୋକଙ୍କ ମତ ଅନୁସାରେ ଏପରି କରିବା ଫଳରେ ନବଜାତ ଶିଶୁ ପ୍ରତି ଅବହେଳା ହୋଇପାରେ। ତେବେ ଅଧିକାଂଶ ଲୋକଙ୍କ ମତ ଅନୁସାରେ ସୌମ୍ୟାଙ୍କ ପଦକ୍ଷେପ ସମସ୍ତଙ୍କୁ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେବା ନିମନ୍ତେ ପ୍ରେରଣା ଯୋଗାଇବ।

## ନୋରାଙ୍କ ଥ୍ରୋ-ବ୍ୟାକ୍ ଭିଡିଓ ଭାଇରାଲ


ନୋରା ଫତେହୀ

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ନୋରା ଫତେହୀ ନିଜ ଡ୍ୟାନ୍ସରେ ଲୋକଙ୍କ ହୃଦୟ କିଣି ନେଉଛନ୍ତି। ତାଙ୍କ ଅନ୍ଦାଜ୍‌ରେ ସବୁ ଦିୱାନା। ଭଲ ଡ୍ୟାନ୍ସ କରୁଥିବାରୁ ଫିଲ୍ମଗୁଡ଼ିକରେ ଧମାଲ୍ ମଚେଇବା ସହ ଷ୍ଟେଜ୍‌ରେ ମଧ ଭଲ ପର୍ଫର୍ମ କରିଛନ୍ତି। ନିକଟରେ ତାଙ୍କର ଏକ ଥ୍ରୋ–ବ୍ୟାକ୍ ଭିଡିଓ ଇଣ୍ଟରନେଟ୍‌ରେ ଖୁବ୍ ଭାଇରାଲ ହୋଇଛି। ଯେଉଁଥିରେ ସେ ରେଡ୍ କଲର୍‌ର ଏକ ଗାଉନ୍ ପିନ୍ଧି 'କମରିୟା' ସଙ୍ଗ୍‌ରେ ଜବରଦସ୍ତ ଡ୍ୟାନ୍ସ କରୁଥିବାର ଦେଖିବାକୁ ମିଳିଛି। ଲୋକେ ଏହାକୁ ବେଶ୍ ପସନ୍ଦ କରିବା ସହ ଲାଇକ୍, କମେଣ୍ଟ କରି ଶେୟାର ମଧ କରିଛନ୍ତି। ନୋରାଙ୍କ ଫ୍ୟାନ୍ ପେଜ୍ ଆକାଉଣ୍ଟରୁ ଏହି ଭିଡିଓ ଶେୟାର କରାଯାଇଛି। ଯାହାକୁ ବର୍ତ୍ତମାନ ସୁଦ୍ଧା ୪୪ ହଜାରରୁ ଅଧିକ ଥର ଦେଖାସାରିଲାଣି। ଏକ ସିନେ ଆୱାର୍ଡ ସେରିମନୀରେ ନୋରା ଡ୍ୟାନ୍ସ କରୁଥିବାର ହେଉଛି ଏହି ଭିଡିଓ। ବଲିଉଡ୍‌ର କଳାକାରମାନେ ତାଙ୍କ ପର୍ଫର୍ମାନ୍ସ ଦେଖି ଖୁସି ହୋଇଯାଇଥିଲେ। ମାହୋଲ ଏକଦମ୍ ଗରମ ହୋଇଯାଇଥିଲା। ଏହା ତାଙ୍କର ପ୍ରଥମ ଡ୍ୟାନ୍ସ ଭିଡିଓ ନୁହେଁ, ଏମିତି ଅନେକ ଭିଡିଓକୁ ନେଇ ସେ ବେଶ୍ ଚର୍ଚ୍ଚାରେ। ସୂଚନା ଥାଉ କି, ଅଜୟ ଦେବଗନ୍‌ଙ୍କ ଫିଲ୍ମ 'ଭୁଜ୍– ଦ ପ୍ରାଇଡ୍ ଅଫ୍ ଇଣ୍ଡିଆ'ରେ ନୋରାଙ୍କୁ ଦେଖିବାକୁ ମିଳିବ। ନୋରା ଫତେହିଙ୍କ ଏପର୍ଯ୍ୟନ୍ତ 'ଦିଲବର୍', 'କମରିୟା', 'ଗର୍ମି', 'ସାକି ସାକି' ଏବଂ 'ଏକ ତୋ କମ୍ ଜିନ୍ଦେଗାନୀ'ଭଳି ସଙ୍ଗ୍ ବଲିଉଡ୍‌ରେ ଧୁମ୍ ମଚେଇଛି।

## ମାଙ୍କଡ଼ଙ୍କ ଅନ୍‌ଲାଇନ୍ ପାଠପଢ଼ା



ନୂଆଦିଲ୍ଲୀ: ମାଙ୍କଡ଼ ବି ଅନ୍‌ଲାଇନ୍‌ରେ ପାଠ ପଢୁଛନ୍ତି। ଏକଥା ହୁଏତ ଅନେକଙ୍କୁ ଅଜବ ମନେ ହୋଇପାରେ। କିନ୍ତୁ ଏଭଳି ଏକ ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭାଇରାଲ ଭିଜୁଆଲରେ ପିଲାଟିଏ ଅନ୍‌ଲାଇନ୍ କ୍ଲାସ୍ କରୁଥିବାବେଳେ ଝରକା ପାଖରେ ମାଙ୍କଡ଼ମାନେ ଚୁପ୍‌ଚାପ୍ ବସିଥିବା ଦେଖିବାକୁ ମିଳୁଛି।

ସୋସିଆଲ ମିଡିଆରେ ଏଭଳି ଏକ ଭିଜୁଆଲକୁ ପ୍ରଥମେ ଶେୟାର କରିଥିଲେ ଆଇଏଏସ୍ ଅଫିସର ଅୱାଲିଶ୍ ଶରଣ। ଭିଜୁଆଲରେ ଝିଅଟିଏ ଅନ୍‌ଲାଇନ୍‌ରେ କ୍ଲାସ୍ କରୁଥିବାବେଳେ ମାଙ୍କଡ଼ମାନେ ଝରକା ପାଖରେ ଏତେ ସୁନ୍ଦରଭାବରେ ଧୀରସ୍ଥିର ହୋଇ ବସିଛନ୍ତି, ସତେଯେପରି ସେମାନେ ମଧ ଅନ୍‌ଲାଇନ୍ ପାଠ ପଢୁଛନ୍ତି। ଝିଅଟି ଘର ଭିତରେ ଅନ୍‌ଲାଇନ୍ କ୍ଲାସ୍ ନିମନ୍ତେ କାନରେ ଇୟରଫୋନ୍ ଲଗାଇ ସ୍କ୍ରିନ୍ ଆଡ଼କୁ ଅନାଇ ରହିଛି। ଠିକ୍ ସେହିଭଳି ଝରକା ପାଖରେ ମାଙ୍କଡ଼ ସବୁ ଏକାଠି ହୋଇ ଏକ ଲୟରେ ଫୋନ୍ ସ୍କ୍ରିନ୍‌କୁ ଅନାଇ ରହିଛନ୍ତି। ଭିଜୁଆଲଟି ଏତେ ଆକର୍ଷଣୀୟ ହୋଇଛି ଯେ, ସୋସିଆଲ ମିଡିଆରେ ଏହା ଲୋକଙ୍କୁ ଖୁବ୍ ଆକୃଷ୍ଟ କରିପାରିଛି। ଏଥିପାଇଁ ଭିଜୁଆଲକୁ ଶେୟାର କରିବାର ମାତ୍ର ଦିନକ ପରେ ୩୨ଶହରୁ ଅଧିକ ଲୋକ ପସନ୍ଦ କରିବା ସହ ହଜାର ହଜାର ସଂଖ୍ୟାରେ କମେଣ୍ଟ ଦେଇଛନ୍ତି। କେହି କେହି କହିଛନ୍ତି ଆଜିକାଲିର ଅନ୍‌ଲାଇନ୍ କ୍ଲାସ ଶୈଳୀକୁ ମାଙ୍କଡ଼ମାନେ ବି ଖୁବ୍ ପସନ୍ଦ କରୁଛନ୍ତି।

## ମାସ୍କ ପିନ୍ଧିଛି ଉଡ଼ାଜାହାଜ

ନୂଆଦିଲ୍ଲୀ: ଉଡ଼ାଜାହାଜ ପିନ୍ଧିଛି ଫେସ୍‌ମାସ୍କ। ଏଭଳି ଏକ କଥା ଶୁଣି ସମସ୍ତଙ୍କର ଭ୍ରୁକୁଞ୍ଚନ ହେବା ନିଶ୍ଚିତ। ହେଲେ ପ୍ରକୃତକଥା ହେଉଛି ଇଣ୍ଡୋନେସିଆ ବାୟୁସେନା ପକ୍ଷରୁ ଗରୁଡ଼ ଇଣ୍ଡୋନେସିଆ ବିମାନରେ ଏଭଳି ସ୍ୱତନ୍ତ୍ରଭାବେ ପ୍ରିଣ୍ଟ କରାଯାଇଛି, ଯାହା ମାସ୍କ ଭଳି ଦେଖାଯାଉଛି। ଅର୍ଥାତ୍ ବିମାନର ନୋଜ୍‌ରେ ଏଭଳି ମାସ୍କ ଭଳି ପ୍ରିଣ୍ଟ କରାଯାଇଛି, ଯାହାକୁ ଦେଖିଲେ ମନେହେବ ଯେ ବିମାନଟି ମାସ୍କ ପିନ୍ଧିଛି। ସାଧାରଣ ଲୋକଙ୍କୁ ମାସ୍କ ପିନ୍ଧିବା ନେଇ ସଚେତନ କରିବା ଉଦ୍ଦେଶ୍ୟରେ ଏଭଳି ପ୍ରିଣ୍ଟ କରାଯାଇଛି ବୋଲି ଇଣ୍ଡୋନେସିଆ ବାୟୁସେନା ପକ୍ଷରୁ କୁହାଯାଇଛି।

ଗରୁଡ଼ ଇଣ୍ଡୋନେସିଆର ୫ଟି ବିମାନ ଏବେ ସ୍ୱତନ୍ତ୍ରଭାବେ ମାସ୍କ ପ୍ରିଣ୍ଟ କରାଯାଇଛି। ଅର୍ଥାତ୍ ବିମାନର ଆଗରେ ନୀଳ ରଙ୍ଗର ପ୍ରିଣ୍ଟ ଡିଜାଇନ୍ କରାଯାଇଛି, ଯାହା ମାସ୍କ ପିନ୍ଧିବା ଭଳି ଦେଖାଯାଉଛି। ଏଭଳି ପ୍ରିଣ୍ଟ ପରେ ବିମାନଗୁଡ଼ିକ ଅନ୍ୟ ବିମାନଠାରୁ ଭିନ୍ନ ଦେଖାଯାଉଛି। ଲୋକେ ମଧ ଏହି ମାସ୍କ ପ୍ରିଣ୍ଟ ଡିଜାଇନ୍ ବିମାନ ଦେଖି ବେଶ୍ ଖୁସି ହୋଇଯାଉଛନ୍ତି। ତେବେ ବିମାନରେ ଏଭଳି ପ୍ରିଣ୍ଟ କରିବା ପଛରେ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସଚେତନ କରିବା। ବାୟୁସେନା ପକ୍ଷରୁ ଏଭଳି ଅଭିଯାନ ଫଳରେ ଲୋକେ ଆହୁରି ଅଧିକ ସଚେତନ ହେବେ। କରୋନା ସଂକ୍ରମଣ ରୋକିବା ନିମନ୍ତେ ସେଠାରେ ସରକାର ମାସ୍କ ପିନ୍ଧିବା ନେଇ ସଚେତନ କରିବାକୁ ବିଭିନ୍ନ ପ୍ରକାରର ଅଭିଯାନ ଚଳାଇଛନ୍ତି। ବାୟୁସେନାର ଏଭଳି ଉଦ୍ୟମ ଅନେକାଂଶରେ ଲୋକଙ୍କ ଉପରେ ପ୍ରଭାବ ପକାଇପାରିବ ବୋଲି ଗରୁଡ଼ ଇଣ୍ଡୋନେସିଆ ପକ୍ଷରୁ କୁହାଯାଇଛି। ବାୟୁସେନା ପକ୍ଷରୁ ୫ଟି ଗରୁଡ଼ ବିମାନରେ ଏଭଳି ମାସ୍କ ରଙ୍ଗ କରିବା ପାଇଁ ୬୦ଜଣ ଲୋକଙ୍କୁ ୧୨୦ ଦିନ କାମ କରିବାକୁ ପଡ଼ିଥିଲା।



## ରେଡିଓ ଭଳି ଚକୋଲେଟ୍

ନୂଆଦିଲ୍ଲୀ: ଆଜିକାଲି ସେଫ୍‌ମାନେ କେତେବେଳେ ଚକୋଲେଟ୍‌ରେ ମାଇକ୍ରୋଫୋନ୍ ତିଆରି କରୁଛନ୍ତି ତ କେବେ ବିରାଟ ଗରିଲା ମୂର୍ତ୍ତି। ଚକୋଲେଟ୍‌ରେ ତିଆରି ହୋଇଥିବା ଏକ ରେଡିଓକୁ ନେଇ ଏବେ ଜୋରଦାର ଚର୍ଚ୍ଚା ହେଉଛି।

ରେଡିଓ ଭଳି ଦେଖାଯାଉଥିବା ଏକ ଭିନ୍ନ ଡିଜାଇନର ଚକୋଲେଟ୍ ତିଆରି କରିଛନ୍ତି ସେଫ୍ ଆମାଉରୀ ଗୁଇଚନ୍। ଏହି ଚକୋଲେଟ୍‌ର ଭିଜୁଆଲକୁ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ଇନ୍‌ଷ୍ଟାଗ୍ରାମରେ ସେ ଏହି ଚକୋଲେଟ୍‌ର ପ୍ରଥମେ ପୂରା ଫଟୋକୁ ଶେୟାର କରିଥିଲେ ଏବଂ ପରେ ଆଉ ଏକ ଫଟୋରେ ଚକୋଲେଟ୍‌ର ଭଙ୍ଗା ଫଟୋ ମଧ ଶେୟାର କରିଛନ୍ତି। ଏଥିରେ କ୍ୟାପଶନରେ ସେ ଲେଖିଛନ୍ତି 'ରେଡିଓ କଟ୍ ଆଉଟ୍'। ଫଟୋଟି ଦେଖିବା ପରେ ତାହା ଏକ ଚକୋଲେଟ୍ ବୋଲି ଜାଣି ହେଉଛି। ତେବେ ଏହି ଫଟୋକୁ ଦେଖି ଲୋକେ ଖୁବ୍ ପସନ୍ଦ କରିଛନ୍ତି। ଅନେକେ ମଜାରେ କହିଛନ୍ତି କି ରେଡିଓ ଭାଙ୍ଗିଗଲା। ତେବେ ସେଫ୍ ଆମାଉରୀ ଗୁଇଚନ୍‌ଙ୍କର ପ୍ରତିଭାକୁ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି। କାରଣ ଚକୋଲେଟ୍‌ର ଡିଜାଇନ ଏତେ ସୁନ୍ଦର କରାଯାଇଛି ଯେ ପ୍ରଥମେ ଦେଖିଲେ ଏହାକୁ ଯେକେହି ବି ଏକ ରେଡିଓ ମନେକରିବ।




HONDA
The Power of Dreams
सच कर दें‌गे सपने
FLY AGAINST THE WIND
THE NEW HORNET 2.0
MUSCULAR, SPORTY AND ADVANCED STREET FIGHTER WITH A FIERCE POWER DISPLACEMENT.
Rajiv Sethu
Honda Racing India Champion
BOOK ONLINE NOW!
www.honda2wheelersindia.com
CLICK BOOK RELAX
1st IN SEGMENT
GOLDEN UPSIDE DOWN (USD) FRONT FORK
AGGRESSIVE TANK DESIGN
LED ALL AROUND
FULLY DIGITAL,LIQUID CRYSTAL METER
KEY ON TANK
HET BS-VI
PGM-FI FUEL INJECTION
BEST DEAL HONDA Buy. Sell. Exchange
joyclub
ALWAYS WEAR A HELMET WHILE RIDING
3+3 years warranty
Other Honda Shield Products**
Annual Maintenance Contract
Road Side Assistance
Engine Health Assurance
Follow us on
Product shown in the picture may vary from actual product available in the market. Accessories shown in the picture are not part of standard equipment. All features and colours may not be part of all variants. **Conditions apply.
Honda is HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
Honda Exclusive Authorized Dealerships: ATTAGHAR: Sidhivinayak Honda - 9124260000, 9658080060; BALUGOAN: Khimji Honda - 7735734881, 7077726329; BANKI: Shree Honda - 06723-240099, 9658201234; Bidharpur: Vinayak Honda - 9937060477, 7894446899; BHUBANESWAR: Shivam Honda - 0674-2546296, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 9090912345; Khimji Honda - 7735734884, 9090067366; CUTTACK: Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; JAJPUR ROAD: TEZ Honda - 7504991301 7504994444; JAJPUR TOWN: Agasti Honda - 9437518600; KUAKHIA: Sai Honda - 9938906077; SINGHPUR: Ramachandi Honda - 7377688445; CHANDIKHOL: Basanti Honda - 06725-227011, 9853066000; JAGATSINGHPUR: Kanchan Murali Honda - 06724-222122, 223112, 7809568988, 9090876483; JAGATPUR: Durga Honda - 9114800118, 0671-2490462; JATNI: PGL Honda - 0674-2492419, 7788001027; KEONJHAR: Pritam Honda - 06766-254138, 8908881717; Barbil: Royal Motors- 7008712784; KHURDA: Sai Honda - 07852930002, 06755-223555; NAYAGRAH: Pattnaik Honda - 7205028044, 9937083142; Narsisgh Pur: Baba Honda - 9438057701; NIALI: Hindustan Honda - 9937075187, 0671-2803355; PURI: Shivam Honda - 06752-225555, 9040088747; Kujang:- Kanchan Murali Honda: 0672236122, 9040650040; PARADIP: Anil Honda - 06722-220909, 9438523425; RAHAMA: Navjyoti Honda - 9938339189; UTTARA: Gugnani Honda - 0674-3272244, 7852930844; PATTAMUNDAI: Satya Honda - 9937711139; SALEPUR: S.N.Honda - 9437439076; GAREJ CHACK: Gugnani Honda - 7008342169, 8144286965; KENDRAPARA: Saisudha Honda - 9178455081/2/3/4; KANDARPUR: Jay Pee Honda - 9861007679.
For Bulk/Institutional enquiries, please write us at: institutionalsales@honda2wheelersindia.com


MARUTI SUZUKI ARENA
Shubharambh
FOR A BETTER TOMORROW
Mark the onset of this festive season by availing exciting offers on your favourite Maruti Suzuki S-PRESSO.
S-PRESSO
Dynamic Centre Console
Spacious Cabin
BUY NOW, PAY LATER
UP TO 100%^ FUNDING AVAILABLE
ASSURED PRIZES** Scratch & WIN!
• TWO-WHEELER • LED TV • REFRIGERATOR
• MIXER GRINDER & MANY MORE
S-PRESSO SAVE UP TO ₹45 000*
S-PRESSO
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in
ODYSSEY MOTORS
ANGUL: 7752076136, 9776901481.
PALLAHARA: 7873565435, 9437831123.
SKY AUTOMOBILES
BHUBANESWAR: 9776645711.
CUTTACK: 9776677771, 7381873818.
DHENKANAL: 9776900005.
JAJPUR: 9776900777.
JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190.
KEONJHAR: 9798190190. BARIPADA: 9798190190.
BHADRAK: 9798190190. NAYAGARH: 9798190190.
BALASORE: 9798190190.
NARAYANI MOTORS
BHUBANESHWAR: 9583022019, 9583022012, 9583022013. NIMAPARA: 7381093626
JAGATSINGHPUR: 9583022090
PARADEEP: 9583022034/48 PURI: 9583022035.
TUSHI MOTORS
CUTTACK: 9078076450.
*Offer includes consumer offer, exchange bonus and corporate offer (Wherever Applicable) on S-Presso (all variants). Above mentioned savings amount is the value of maximum savings on selected models. **Any one of the above mentioned assured prizes will be given on purchase of Maruti Suzuki car. **Scratch card scheme is applicable on every retail and customer can win attractive prizes. Customer who books the car/had booked earlier and wants to take delivery/retail invoice done by 31st Oct'2020 will be eligible for this scheme. Terms and conditions apply. ^Finance scheme details mentioned in the advertisement are at the sole discretion of financier and terms and conditions as specified by the financier shall apply. Credit at sole discretion of Bank. The terms and conditions are subject to change without any prior notice. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. For more details, please contact your nearest ARENA dealership. Maruti Suzuki India Limited reserves the right to discontinue offers without notice. Parts and accessories shown may not be a part of standard equipment. Colours shown may vary from actual body colour due to printing on paper. Images used are for illustration purposes only. All offers including Scratch & Win Offer are valid till 31st October 2020.

**ଗଞ୍ଜେଇ ଜବତରେ ରେକର୍ଡ**

**କଟକ ଅଫିସ:** ଚଳିତବର୍ଷ ଆରମ୍ଭରୁ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୧,୦୫୪ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି, ଯାହା ଗତବର୍ଷଗୁଡ଼ିକ ତୁଳନାରେ ସର୍ବାଧିକ ବୋଲି ପୋଲିସ ଡିଜି ଅଭୟ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ବେଆଇନ ନିଶା କାରବାର ଉପରେ ପୋଲିସର ସ୍ୱତନ୍ତ୍ର ଡ୍ରାଇଭ ସମ୍ପର୍କରେ ଡିଜି ଅଭୟ ମତବ୍ୟକ୍ତ କରିଥିଲେ। ଗତ ୫ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ଗଞ୍ଜେଇ ଜବତର ପରିମାଣ ବଢ଼ିଛି ବୋଲି ଅଭୟ କହିଥିଲେ।

**ଆଜିର ମନ୍ତବ୍ୟ**

"ଉତ୍ତରପ୍ରଦେଶ ସରକାର ଦୋଷୀଙ୍କୁ ସୁରକ୍ଷା ଦେଉଥିବାରୁ ରାଜ୍ୟରେ ଅପରାଧ ବଢ଼ିବାରେ ଲାଗିଛି।

– ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଏଆଇସିସି ସାଧାରଣ ସମ୍ପାଦକ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................................

ବୟସ:..............................................

ଜନ୍ମ ତାରିଖ: ..............................................



ଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୃହବନ୍ଦୀରୁ ମୁକୁଳିଲେ ମେହେବୁବା

**ନୂଆଦିଲ୍ଲୀ, ୧୩।୧୦**

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍ତିଙ୍କୁ ମଙ୍ଗଳବାର ଗୃହବନ୍ଦୀରୁ ମୁକ୍ତ କରାଯାଇଛି। ଏନେଇ ଜମ୍ମୁ-କଶ୍ମୀର ପ୍ରଶାସନର ମୁଖପାତ୍ର



ରୋହିତ୍ କଂସଲ ସୂଚନା ଦେଇଛନ୍ତି। ଗତବର୍ଷ ଅଗଷ୍ଟ ୫ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ବେଳେ ଜମ୍ମୁ-କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଜନସୁରକ୍ଷା ଆଇନ ବଳରେ ଗୃହବନ୍ଦୀ କରାଯାଇଥିଲା। ପୂର୍ବରୁ ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ଓ ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲାଙ୍କୁ ମୁକ୍ତ କରାଯାଇଥିବାବେଳେ ମେହବୁବା ଗୃହବନ୍ଦୀ ରହିଥିଲେ। ଗତ ଜୁଲାଇ ମାସରେ ପ୍ରଶାସନ ପକ୍ଷରୁ ତାଙ୍କ ଗୃହବନ୍ଦୀ ଅବଧିକୁ ଆଉ ୩ ମାସ ବୃଦ୍ଧି କରାଯାଇଥିଲା। ସୁପ୍ରିମକୋର୍ଟ ମେହବୁବାଙ୍କୁ ଆଉ କେତେଦିନ ଅଟକ ରଖାଯିବ ବୋଲି ୨ ସପ୍ତାହ ପୂର୍ବରୁ ପ୍ରଶାସନକୁ ପ୍ରଶ୍ନ କରିଥିଲେ। ଖଣ୍ଡପୀଠ ଅକ୍ଟୋବର ୧୫ରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ଥିବାବେଳେ ତାଙ୍କୁ ଗୃହବନ୍ଦୀରୁ ମୁକ୍ତ କରାଯାଇଛି।



Government of Jammu and Kashmir
Home Department
Civil Secretariat, Jammu

Subject:- Revocation of detention order

Government Order No. Home/PB-V/ 1720 of 2020
Dated: 13 - 10-2020

In exercise of powers conferred under section 19(1) of the Jammu and Kashmir Public Safety Act, 1978, the Government hereby revokes the detention order bearing No. DMS / PSA / 147 / 2020 dated 05-02-2020 issued by District Magistrate, Srinagar, which was last extended for a period of three months vide Government Order No. Home / PB-V / 1449 of 2020 dated 31-07-2020 of Ms. Mehbooba Mufti D/o Late Mufti Mohd Sayed R/o Bijbehara A/P Nowgam, Srinagar, with immediate effect.

By order of the Government of Jammu and Kashmir.

Sd/-
(Shaleen Kabra) IAS
Principal Secretary to Government
Dated:- 13 - 10-2020

No: Home/PB-V/21/2020

Copy for information and necessary action to the:-

1. Director General of Police, J&K.
2. Director General of Police, (Prisons), J&K.
3. Additional Director General of Police, CID, J&K.
4. Divisional Commissioner, Kashmir.
5. Inspector General of Police, Security, J&K.
6. Inspector General of Police, Kashmir Zone, Srinagar.
7. District Magistrate, Srinagar.
8. Senior Superintendent of Police, Srinagar
9. Private Secretary to Ld. Advocate General, Hon'ble J&K High Court for information of Ld. Advocate General.
10. Superintendent, Subsidiary Jail, Fairview Gupkar Road, Srinagar.
11. Government Order file/file.........

(Gurpreet Singh) KAS
Deputy Secretary to Government

ମେହବୁବାଙ୍କ ମୁକ୍ତି ନେଇ ଜମ୍ମୁ ଓ କଶ୍ମୀର ପ୍ରଶାସନ ପକ୍ଷରୁ ଜାରି ନିର୍ଦ୍ଦେଶନାମା।

# ଟ୍ରମ୍ପଙ୍କଠାରୁ ବିଡେନ ଆଗୁଆ

**ୱାଶିଂଟନ,୧୩।୧୦**

**ଆମେରିକା ରାଷ୍ଟ୍ରପତି ନିର୍ବାଚନ**



ଜୋ ବିଡେନ ଡୋନାଲ୍ଡ ଟ୍ରମ୍ପ୍

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌ରେ ପରବର୍ତ୍ତୀ ୪ ବର୍ଷ ପାଇଁ ରହିବେ ନା ନାହିଁ ତାହା ଆମେରିକାର ଭୋଟର ନଭେମ୍ବର ୩ରେ ନିଷ୍ପତ୍ତି ନେବେ। ତେବେ ରିପବ୍ଲିକାନ୍ ଟ୍ରମ୍ପ୍ ତାଙ୍କ ଡେମୋକ୍ରାଟିକ୍ ପ୍ରତିଦ୍ୱନ୍ଦ୍ୱୀ ଜୋ ବିଡେନଙ୍କଠାରୁ ପଛୁଆ ଥିବା ବର୍ତ୍ତମାନ ସୁଦ୍ଧା ପ୍ରକାଶିତ ସର୍ବେକ୍ଷଣ ରିପୋର୍ଟରୁ ଜଣାପଡ଼ିଛି। ଟ୍ରମ୍ପଙ୍କ ସପକ୍ଷରେ ୪୨% ଭୋଟରଙ୍କ ସମର୍ଥନ ଥିବାବେଳେ ବିଡେନ ତାଙ୍କଠାରୁ ୧୧% ଅଧିକ ଅର୍ଥାତ୍ ୫୩% ମତଦାତାଙ୍କ ବିଶ୍ୱାସ ହାସଲ କରିଥିବା ଟ୍ରେଣ୍ଡ୍ କହୁଛି।

୧୯୭୦ ଦଶକରେ ରାଜନୀତିରେ ପ୍ରବେଶ କରିଥିବା ବିଡେନ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ଉପରାଷ୍ଟ୍ରପତି ଭାବେ ଜଣାଶୁଣା। ୭୭ ବର୍ଷୀୟ ବିଡେନ ଏହି ନିର୍ବାଚନରେ ୭୪ ବର୍ଷୀୟ ଟ୍ରମ୍ପଙ୍କୁ କଡ଼ା ଟକ୍କର ଦେଉଛନ୍ତି। ସେହିପରି ବର୍ତ୍ତମାନର ଉପରାଷ୍ଟ୍ରପତି ତଥା ଏହି ପଦବୀ ପାଇଁ ରିପବ୍ଲିକାନ୍ ପାର୍ଟିରୁ ପୁନଃ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମାଇକ୍ ପେନ୍ସଙ୍କ ମୁକାବିଲା ବିଡେନଙ୍କ ରନିଂ ମେଟ୍ ତଥା ଭାରତୀୟ ବଂଶୋଦ୍ଭବ କମଳା ହାରିସ୍‌ଙ୍କ ସହ ହେଉଛି।

**ପ୍ରଥମ ପୃଷ୍ଠାରୁ...**

## ଲଗାଣବର୍ଷା:...

କେତେଜଣଙ୍କ ଘର କାନ୍ଥ ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବାଘଲଟି ଜଳଭଣ୍ଡାରର ୨ଟି ଗେଟ୍ ୬ ଇଞ୍ଚ ଲେଖାଏ ଖୋଲାଯାଇ ୨୫ କ୍ୟୁସେକ୍ ଜଳ ନଦୀକୁ ଛଡ଼ାଯାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଘଲଟି ଉପର ମୁଣ୍ଡରେ ୨୩୨ ମି.ମି.ବର୍ଷା ହୋଇଥିବା ରେକର୍ଡ଼ କରାଯାଇଥିବା ବେଳେ ମହେନ୍ଦ୍ରଗିରିରେ ମଙ୍ଗଳବାର ୧୦୦ ମିମି ବର୍ଷା ହୋଇଛି। ତୁମ୍ବା ପଞ୍ଚାୟତର ଗୁଜୁଲିଙ୍ଗି ରାସ୍ତା ବନ୍ୟା ପାଣିରେ ଧୋଇଯାଇଛି। ଗଙ୍ଗାପୁର ଓ ରାମଚନ୍ଦ୍ରପୁର ରାସ୍ତା ଉପରେ ଏକ ଫୁଟ ଉଚ୍ଚରେ ପାଣି ଚାଲିଛି। ବିଭିନ୍ନ ନଦୀ ଓ ନାଳ ହିଡ଼ ଭାଙ୍ଗି ଧାନ ଫସଲରେ ପାଣି ପଶିଛି। ବାଘଲଟି ଜଳଭଣ୍ଡାରର ଉଦ୍‌ବୃତ୍ତ ଜଳ ବାହୁଦା ନଦୀରେ ପ୍ରବାହିତ ହେଉଥିବାରୁ ଦିଗପହଣ୍ଡି ବ୍ଲକର ଚୌଧୁରୀ ଟିକରପଡ଼ା, ବଜ୍ରଗୁମ୍ଫା, ଡେପାପେଣ୍ଟ, ସମାସୀଙ୍ଗି ଶାସନ, ଧାନ୍ୟରାଶି, ପତ୍ରପୁଡି ସମେତ ଚିକିଟି ବ୍ଲକର ନୂଆପଡ଼ା, ପୁହୁଣ୍ଡି ଆଦି ଗ୍ରାମ ବିପଦ ଘେରରେ ରହିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏଥିପ୍ରତି ସତର୍କ ଦୃଷ୍ଟି ରଖାଯାଇଛି। ଆବଶ୍ୟକ ହେଲେ ନଈକୂଳିଆ ଗ୍ରାମବାସୀଙ୍କୁ ଅନ୍ୟ ଅଞ୍ଚଳକୁ ସ୍ଥାନାନ୍ତର କରାଯିବ ବୋଲି ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଏବଂ ଚିକିଟି ତହସିଲଦାର ହରପ୍ରସାଦ ଭୋଇ ଜଣାଇଛନ୍ତି।

ସେହିପରି ପ୍ରବଳ ବର୍ଷା ଯୋଗୁ ଶେରଗଡ ବ୍ଲକ ରାମଚନ୍ଦ୍ରପୁର-ପିଉଳ ରାସ୍ତାରେ ଆସିକାକୁ ହିଞ୍ଜିଳି ସଂଯୋଗ କରୁଥିବା ୫୯ନଂ. ଜାତୀୟ ରାଜପଥ ଉପରେ ପ୍ରାୟ ୨ ଫୁଟ ଉଚ୍ଚରେ ପାଣି ଚାଲିଛି। ଫଳରେ ଆସିକାରୁ ବ୍ରହ୍ମପୁର ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ସୋରଡ଼ା-ବଡ଼ଗଡ଼ ରାସ୍ତା ମଝିରେ ଜରଉ ନଦୀ ଉପରେ ଗୋକୁଳପୁର ଗ୍ରାମକୁ ସଂଯୋଗ କରୁଥିବା ଏକ ପୋଲ ଭାଙ୍ଗିଯାଇଛି। ମାଣିକପୁର ନିକଟସ୍ଥ ଆଗୁଳବଣ ମଝିରେ ଏକ ନିର୍ମାଣାଧୀନ ଆପ୍ରୋଚ୍ ରୋଡ୍ ଧୋଇଯାଇଛି। ଏଥିଯୋଗୁ ଶେରଗଡ-ବଡଗଡ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପ୍ରବଳ ବର୍ଷା ଯୋଗୁ ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ମହେନ୍ଦ୍ରତନୟା ଓ କାଶୀନଗରରେ ବଂଶଧାରା ନଦୀ ଜଳସ୍ତର ବୃଦ୍ଧି ପାଇଛି। ବଂଶଧାରା ନଦୀ ଜଳସ୍ତର ବିପଦ ସଂକେତ ନିକଟତର ରହିଛି। ସେହିପରି ମୋହନା ବ୍ଲକରେ ହରଭଙ୍ଗି ନଦୀ ବିପଦସଂକେତ ଅତିକ୍ରମ କରିଥିବାବେଳେ ଅଠରନଳା ପୋଲ ଉପରଦେଇ ବନ୍ୟା ଜଳ ପ୍ରବାହିତ ହେଉଛି। ମୋହନା, ଆର.ଉଦୟଗିରି, ନୂଆଗଡ, ରାୟଗଡ ଓ ଗୁମ୍ମା ଆଦି ବ୍ଲକର ପାହାଡିଆ ଅଞ୍ଚଳରେ ଥିବା ନାଳଗୁଡିକରେ ବନ୍ୟା ଜଳ ପ୍ରବଳ ସ୍ରୋତରେ ପ୍ରବାହିତ ହେଉଛି। ଫଳରେ ଏସବୁ ଅଞ୍ଚଳରେ ରହୁଥିବା ଲୋକେ ଭୟ ଓ ଆତଙ୍କ ମଧ୍ୟରେ ରହିଛନ୍ତି। ପାରଳାଖେମୁଣ୍ଡି ସହରର ତଳି ଅଞ୍ଚଳଗୁଡିକ ଜଳମଗ୍ନ ହୋଇଛି। ମୁନିସିଂ ପଞ୍ଚାୟତ ଜେ.ଖିଲିମୁଣ୍ଡା ଗ୍ରାମର ସିଭିଏଲ ଗମାଙ୍ଗଙ୍କ ଘର ଉପରେ ଏକ ବଡ଼ ତେନ୍ତୁଳି ଗଛପଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ରାୟଗଡ ବ୍ଲକର ମୁଖ୍ୟ ରାସ୍ତାରେଥିବା ମହେନ୍ଦ୍ରତନୟା ନଦୀ ବ୍ରିଜ ଉପର ଦେଇ ଜଳ ପ୍ରବାହିତ ହେଉଥିବାରୁ ପାରଳାଖେମୁଣ୍ଡି ସହର ସମେତ ମୋହନା, ଆର୍.ଉଦୟଗିରି ଆଦିସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଆର୍.ଉଦୟଗିରି ବ୍ଲକ ଛେଳିଗଡ ପଞ୍ଚାୟତରେ ଥିବା ରାମନଦୀରେ ବର୍ଷାଜଳ ବୃଦ୍ଧି ପାଇବା ଯୋଗୁ ତିଲିଗାଁରୁ ଛେଳିଗଡ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି।

## ଜଳବାୟୁ ପରିବର୍ତ୍ତନରୁ...

ବିଶ୍ୱ ଅର୍ଥନୀତିକୁ ୩.୬ ଟ୍ରିଲିୟନ ଡଲାର କ୍ଷତି ସହିବାକୁ ପଡ଼ିଛି। ସାମାନ୍ୟ ଆଶ୍ୱସ୍ତିର ବିଷୟ ହେଉଛି ଏହି ଅବଧି ମଧ୍ୟରେ ବିପର୍ଯ୍ୟୟଜନିତ ମୃତ୍ୟୁହାର ବାର୍ଷିକ ଏକ-ତୃତୀୟାଂଶ ହ୍ରାସ ପାଇଛି। ତେବେ ବିପର୍ଯ୍ୟୟ ଓ ତଦ୍‌ଜନିତ ଆର୍ଥିକ କ୍ଷତି ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି। ୧୬ଟି ଅନ୍ତର୍ଜାତୀୟ ଏଜେନ୍ସି ଓ ବିତ୍ତୀୟ ସଂସ୍ଥା ପକ୍ଷରୁ '୨୦୨୦ ଷ୍ଟେଟ୍ ଅଫ୍ କ୍ଲାଇମେଟ୍ ସର୍ଭିସେସ୍' ଶୀର୍ଷକ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିରେ ବିପର୍ଯ୍ୟୟ ଆସିବା ପୂର୍ବରୁ ପ୍ରାକ୍ ସତର୍କ ସୂଚନା ନିମନ୍ତେ ବ୍ୟବସ୍ଥାରେ ଉନ୍ନତିପାଇଁ ଅଧିକ ଅର୍ଥବିନିଯୋଗ କରିବାକୁ ବିଭିନ୍ନ ଦେଶର ସରକାରଗୁଡ଼ିକୁ ଆହ୍ୱାନ ଦିଆଯାଇଛି। ଏପରି କରାଗଲେ ରାଷ୍ଟ୍ରଗୁଡ଼ିକର ପ୍ରସ୍ତୁତି, ମୁକାବିଲା ଦକ୍ଷତା ବୃଦ୍ଧି ପାଇବା ସହ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବକୁ ହ୍ରାସ କରାଯାଇପାରିବ ବୋଲି ପରାମର୍ଶ ଦିଆଯାଇଛି। ୱାର୍ଲ୍ଡ ମେଟେରୋଲୋଜିକାଲ ଅର୍ଗାନାଇଜେଶନ(ଡବ୍ଲ୍ୟୁଏମ୍‌ଓ) ମହାସଚିବ ପେଟ୍ଟେରି ତାଲସ୍ କହିଛନ୍ତି, କୋଭିଡ୍-୧୯ ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ଓ ଆର୍ଥିକ ସ୍ତରରେ ବୃହତ୍ ସଙ୍କଟ ସୃଷ୍ଟି କରିଛି, ଯେଉଁଥିରୁ ମୁକୁଳିବା ପାଇଁ ବର୍ଷ ବର୍ଷ ଲାଗିଯିବ। ଏପରି ସ୍ଥିତିରେ ମନେରଖିବାକୁ ହେବ ଯେ, ଜଳବାୟୁ ପରିବର୍ତ୍ତନ ମାନବ ଜୀବନ, ଜୈବ ବ୍ୟବସ୍ଥା, ଅର୍ଥନୀତି ଓ ସମାଜ ପ୍ରତି ଶତାବ୍ଦୀ ଶତାବ୍ଦୀ ଧରି ବିପଦ ସାଜିବ। କରୋନା ମହାମାରୀରୁ ମୁକ୍ତ ହେବା ମାନବକୃତ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ସ୍ଥିରତା ଓ ସମାଯୋଜନର ନିରନ୍ତର ପଥ ଆଡ଼କୁ ଅଗ୍ରସର ହେବା ଲାଗି ଆମ ପାଇଁ ଏକ ସୁଯୋଗ ପାଲଟିବ।

## ୧୦.୩% ଖସିବ...

ସକ୍ଷମ ହେବ। ଏହି ସମୟରେ ଘରୋଇ ବଜାରର ବିକାଶ ହାର ୮.୮% ରହିବ ବୋଲି ଆଇଏମ୍‌ଏଫ୍ ଏହାର ୱାର୍ଲଡ ଇକୋନୋମିକ ଆଉଟ୍‌ଲୁକ୍ ରିପୋର୍ଟରେ ପ୍ରକାଶ କରିଛି। ୱାର୍ଲଡ ବ୍ୟାଙ୍କ ଏବଂ ଆଇଏମ୍‌ଏଫ୍‌ର ବାର୍ଷିକ ବୈଠକ ଆଗରୁ ଏଭଳି ରିପୋର୍ଟ ଆସିଛି। ଚଳିତ ଆର୍ଥିକ ବର୍ଷ ବିଶ୍ୱ ଅର୍ଥ ବ୍ୟବସ୍ଥା ୪.୪% ଖସିବ। ଏହା ଆଗାମୀ ଆର୍ଥିକ ବର୍ଷରେ ପୁଣି ଥରେ ଅଭିବୃଦ୍ଧି ପଥକୁ ଫେରିବା ସହ ବିକାଶ ହାର ୫.୨% ରହିବ ବୋଲି ଆକଳନ କରାଯାଇଛି, ଯାହାକୁ ବିଶେଷଜ୍ଞମାନେ ଗ୍ରହଣ କରିପାରୁନାହାନ୍ତି। ୨୦୨୦ରେ ଆମେରିକା ଅର୍ଥ ବ୍ୟବସ୍ଥା ୫.୮% ଖସିବା ନେଇ ଆକଳନ କରାଯାଇଛି। ଆସନ୍ତା ଆର୍ଥିକ ବର୍ଷ ଏହି ଦେଶ ୩.୯% ହାରରେ ବିକାଶ ହାସଲ କରିବ। ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ମଧ୍ୟରେ ଚାଇନା କେବଳ ଏକମାତ୍ର ଦେଶ ଯାହା ଚଳିତ ଆର୍ଥିକ ବର୍ଷରେ ୧.୯% ଅଭିବୃଦ୍ଧି ହାସଲ କରିବା ନେଇ ପୂର୍ବାନୁମାନରେ କୁହାଯାଇଛି। ଭାରତର ଜିଡିପି ହ୍ରାସ ନେଇ ପୂର୍ବରୁ ଯେଉଁ ଆକଳନ କରାଯାଇଥିଲା ସେହି ହାରକୁ ବର୍ତ୍ତମାନ ବିଭିନ୍ନ ରେଟିଂ ଏଜେନ୍ସି ପରିବର୍ତ୍ତନ କରୁଛନ୍ତି। କାରଣ କରୋନାର ପ୍ରଭାବ ଯୋଗୁ ଅର୍ଥ ବ୍ୟବସ୍ଥାକୁ ମାତ୍ରାଧିକ କ୍ଷତି ସହିବାକୁ ପଡିଛି। ୨୦୧୯ରେ ଭାରତୀୟ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ୪.୨% ରହିଥିଲା। ଘରୋଇ ବଜାରର ଜିଡିପି ୯.୬% ଖସିବ ବୋଲି କିଛିଦିନ ଆଗରୁ ବିଶ୍ୱବ୍ୟାଙ୍କ ଏହାର ଆକଳନରେ କହିଥିଲା। ଭାରତ ବଜାର ପୂର୍ବ ତୁଳନାରେ ବେଶି ସଙ୍କଟ ସ୍ଥିତି ଦେଇ ଗତି କରୁଛି ବୋଲି ବିଶ୍ୱବ୍ୟାଙ୍କର ଦକ୍ଷିଣ ଏସିଆ ଅର୍ଥନୀତିଜ୍ଞ ହାନ୍ସ ଟିମର ନିକଟରେ କହିଛନ୍ତି। କରୋନା ଭାଇରସ୍‌କୁ ନିୟନ୍ତ୍ରଣ କରିବା ଲାଗି ସରକାର ଜାରି କରିଥିବା କଟକଣା ଯୋଗୁ ବଜାରର ଚାହିଦା ଏବଂ ଯୋଗାଣ ପ୍ରଭାବିତ ହୋଇ ରହିଥିବା ବିଶ୍ୱବ୍ୟାଙ୍କ ଏହାର ରିପୋର୍ଟରେ କହିଥିଲା।

## ୬୮,୮୨୫ କୋଟି...

ରାଜସ୍ୱ ହ୍ରାସ ହେଉ ଥିବାରୁ ରାଜ୍ୟଗୁଡିକ ଋଣ କରନ୍ତୁ ବୋଲି କେନ୍ଦ୍ର କହି ଆସୁଛି। ତେବେ କ୍ଷତିପୂରଣ ପ୍ରସଙ୍ଗ ସମାଧାନ ନ ହେବାର ଗୋଟିଏ ଦିନ ପରେ ନୂଆ ନିଷ୍ପତ୍ତି ଆସିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଚଳିତ ଆର୍ଥିକ ବର୍ଷରେ ରାଜ୍ୟଗୁଡିକୁ କ୍ଷତିପୂରଣ ପ୍ରଦାନ କରିବା ଲାଗି ମୋଟ ୨.୨୫ ଲକ୍ଷ କୋଟି ଟଙ୍କାର ନିଅଣ୍ଟ ପଡିବ ବୋଲି ଆକଳନ କରାଯାଇଛି। ଅଗଷ୍ଟରେ କେନ୍ଦ୍ର ସରକାର ରାଜ୍ୟଗୁଡିକୁ ୨ଟି ବିକଳ୍ପ ଯଥା- ରିଜର୍ଭ ବ୍ୟାଙ୍କ ୱିଣ୍ଡୋରୁ ୯୭ ହଜାର କୋଟି କିମ୍ବା ବଜାରରୁ ୨.୩୫ ଲକ୍ଷ କୋଟି ଟଙ୍କାର ଋଣ ଉଠାଣ ନେଇ ପ୍ରସ୍ତାବ ଦିଆଯାଇଥିଲା। ଏତଦ୍‌ବ୍ୟତୀତ ୨୦୨୨ ପରେ ମଧ୍ୟ ବିଳାସପୂର୍ଣ୍ଣ ଏବଂ ଅବକାରୀ ସାମଗ୍ରୀ ଉପରେ ସେସ୍ ଆଦାୟ ଜାରି ରଖିବାକୁ ମଧ୍ୟ ପ୍ରସ୍ତାବ ରହିଥିଲା। ଅଗଷ୍ଟ ୨୭ରେ ହୋଇଥିବା ଜିଏସ୍‌ଟି ପରିଷଦ ବୈଠକରେ କ୍ଷତିପୂରଣର ୨ଟି ବିକଳ୍ପ ସମ୍ପର୍କରେ କେନ୍ଦ୍ର ପ୍ରସ୍ତାବ ଦେଇଥିଲା। ଅଗଷ୍ଟ ୨୯ରେ ଏ ନେଇ ରାଜ୍ୟଗୁଡିକୁ ଅବଗତ କରାଯାଇଥିଲା। ମଙ୍ଗଳବାର ଅର୍ଥ ମନ୍ତ୍ରଣାଳୟ ଅଧୀନ ବ୍ୟୟ ବିଭାଗ ପକ୍ଷରୁ ରାଜ୍ୟଗୁଡିକୁ ୬୮,୮୨୫ କୋଟି ଟଙ୍କାର ଋଣ ଉଠାଣ ନେଇ ଅନୁମତି ପ୍ରଦାନ କରାଯାଇଛି। ବଜାରରୁ ଋଣ ଉଠାଇବା ଲାଗି ଅନୁମତି ଦିଆଯାଇଥିବା ୨୦ ରାଜ୍ୟ ମଧ୍ୟରେ ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ବିହାର,ଗୋଆ, ଗୁଜରାଟ, ହରିଆଣା, ହିମାଚଳ ପ୍ରଦେଶ, କର୍ନାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକିମ, ତ୍ରିପୁରା, ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ ରହିଛନ୍ତି। ଅନ୍ୟ ୮ ରାଜ୍ୟ ୨ଟି ବକଳ୍ପ ମଧ୍ୟରୁ କୌଣସି ଗୋଟିଏକୁ ମଧ୍ୟ ବର୍ତ୍ତମାନ ଯାଏ ଗ୍ରହଣ କରିନାହାନ୍ତି।

## ଗ୍ରାମାଞ୍ଚଳ ସଡ଼କ

କରିଥାଏ। ଯଦି ଜଣେ ଠିକାଦାର ସାଧାରଣ ଚୁକ୍ତିନାମାର ଧାରା ୫୨ ଅନୁଯାୟୀ ବିନା ଅନୁମତିରେ ୨୮ ଦିନ କାର୍ଯ୍ୟ ବନ୍ଦ ରଖିବେ ତେବେ ସମ୍ପୃକ୍ତ ଠିକାଦାରଙ୍କୁ ଅବଶିଷ୍ଟ କାର୍ଯ୍ୟ ମୂଲ୍ୟର ୨୦ ପ୍ରତିଶତ ଜରିମାନା ଆକାରରେ ଦେବାକୁ ପଡିଥାଏ। ତେବେ ଅଡିଟ୍‌ରୁ ଜଣାପଡିଛି ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀମାନେ ୨୦୦୮ରୁ ୨୦୧୧ ମଧ୍ୟରେ ୯ ଜଣ ଠିକାଦାରଙ୍କୁ ୫୧.୬୭ କୋଟି ଟଙ୍କା ମୂଲ୍ୟର ୧୭ଟି ରାସ୍ତା ନିର୍ମାଣ କରିବାକୁ କାର୍ଯ୍ୟାଦେଶ ଦେଇଥିଲେ। ୨୦୦୯ରୁ ଅକ୍ଟୋବର ୨୦୧୧ ମଧ୍ୟରେ ଉକ୍ତ କାର୍ଯ୍ୟ ଶେଷ ହେବା କଥା। ଠିକାଦାରମାନେ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରି ନ ଥିଲେ। ସେମାନଙ୍କର ଚୁକ୍ତି ରଦ୍ଦ ହୋଇଥିଲେ ମଧ୍ୟ ସରକାରଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡିଥିଲା। ଠିକାଦାରଙ୍କ ଅବହେଳା ଯୋଗୁ ବାକି ରହିଥିବା ୩୫.୦୯ କୋଟି ଟଙ୍କାର ରାସ୍ତା ପାଇଁ ପୁନଶ୍ଚ ୨୦୧୩ ଅଗଷ୍ଟରୁ ୨୦୧୬ ନଭେମ୍ବର ମଧ୍ୟରେ ୪୮.୦୪ କୋଟି ଟଙ୍କା ଅଧିକ ଖର୍ଚ୍ଚ କରାଯାଇ ରାସ୍ତା ନିର୍ମାଣ ହୋଇଥିଲା। ଅନ୍ୟପକ୍ଷରେ ଠିକାଦାରଙ୍କ ଠାରୁ ୨୦୧୮ ପର୍ଯ୍ୟନ୍ତ ଜରିମାନା ବାବଦରେ ୯ କୋଟି ଆଦାୟ କରାଯାଇ ନ ଥିଲା। ଯନ୍ତ୍ରୀମାନେ ଏହି ଅର୍ଥ ଆଦାୟ କରିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିଲେ ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। କେବଳ ସେତିକି ନୁହେଁ, ରାସ୍ତା ନିର୍ମାଣ ପାଇଁ ଜମି ଯୋଗାଇ ନ ଦେବା ଏବଂ ଅଧାରୁ କାର୍ଯ୍ୟ ବନ୍ଦହେବା ଯୋଗୁ ସରକାରଙ୍କୁ ୫.୩୧ କୋଟି ଟଙ୍କା ହରାଇବାକୁ ପଡିଛି। ପିଏମ୍‌ଜିଏସ୍‌ୱାଇ ଗାଇଡ୍‌ଲାଇନ ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ପୂର୍ବରୁ ଜମି ସମ୍ପର୍କିତ ସମସ୍ତ ସମସ୍ୟାର ସମାଧାନ ହେବା କଥା। ମାତ୍ର ନିର୍ବାହୀ ଯନ୍ତ୍ରୀମାନେ ୫୫ଟି କାର୍ଯ୍ୟରୁ ୧୫ଟି କାର୍ଯ୍ୟରେ କୌଣସି ବିଭାଗ କିମ୍ବା ସର୍ବେକ୍ଷଣ/ତଦନ୍ତ କରାଇ ନ ଥିଲେ। ଫଳରେ ୨୦୧୮ ସୁଦ୍ଧା ୫.୩୧ କୋଟି ଟଙ୍କା ଖର୍ଚ୍ଚ ହେବା ପରେ ମଧ୍ୟ ୧୬.୯୯୫ କି.ମି ରାସ୍ତା ନିର୍ମାଣ ଶେଷ ହୋଇପାରି ନ ଥିଲା। ଏଥିଯୋଗୁ ୪,୮୩୪ ଲୋକଙ୍କ ପାଇଁ ରାସ୍ତା ସଂଯୋଗ ହୋଇପାରି ନ ଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ବନ୍ଧୁଙ୍କ ସହାୟତାରେ କର୍ମକ୍ଷେତ୍ରରେ ନୈରାଶ୍ୟ କ୍ରମଶଃ ଦୂରେଇଯିବ। ଆପଣଙ୍କ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିପାରେ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। କିନ୍ତୁ ଅପରାହ୍ଣରେ ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ।

**ବୃଷ**
କର୍ମକ୍ଷେତ୍ରରେ ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ଭଲରେ ଚାଲିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରୋକ୍ଷ ଶତ୍ରୁତା ଦୈନିକ ଜୀବନଚର୍ଯ୍ୟାକୁ କେତେକାଂଶରେ ପ୍ରଭାବିତ କରିପାରେ।

**ମିଥୁନ**
ଛୋଟ ଛୋଟ କଥାକୁ ନେଇ ପରିବାର ଭିତରେ ତର୍କବିତର୍କ ଲାଗିପାରେ। ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। ଅଧିକ ପରିଶ୍ରମ କଲେ ମଧ୍ୟ ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ**
ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ପ୍ରତିକୂଳ ପରିସ୍ଥିତି ଯୋଗୁଁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ହେତୁ ସାମୟିକ ଖୁସୀ ରହିପାରନ୍ତି। ଗୁରୁଜନଙ୍କ ପରାମର୍ଶରେ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ସିଂହ**
ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ତଥାପି ଯେ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ଆଲୋଚନା କାଳରେ ସତକଥା କହି ବିବାଦ ଘେରରେ ପଡିପାରନ୍ତି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ପାରିବାରିକ କ୍ଷେତ୍ରରେ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରି ପାରନ୍ତି। ଉପର ଅଧିକାରୀମାନେ ଆପଣଙ୍କ ସହଯୋଗ ଆଶା କରି ପାରନ୍ତି।

**ତୁଳା**
ଆଜିର ଯାତ୍ରା, ନୂତନ କର୍ମାରମ୍ଭ, ସରକାରୀ କାମ, ଚୁକ୍ତିପତ୍ର ସକାଶେ ବହୁତ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ଛୋଟବଡ ସମସ୍ୟାର ସରଳ ସମାଧାନ କରି ଏକପ୍ରକାର ଆନନ୍ଦ ଅନୁଭବ କରିବେ। ଜଣେ ପଡୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ।

**ବିଛା**
ଆପଣ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ ଚର୍ଚ୍ଚା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ**
ସାହାଯ୍ୟ ସହଯୋଗ ଲାଭକରି ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିପାରିବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପାଖ ପଡୋଶୀଙ୍କ ଶ୍ଳେଷାତ୍ମକ କଥାକୁ ଠିକ୍ ଭାବେ ବୁଝିବା କଷ୍ଟକର ହୋଇପାରେ। ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର**
ପରିବାରର ପରିସ୍ଥିତିକୁ ଆଖି ଆଗରେ ରଖି ଧାର କରଜ କରି କାମ ତୁଲାଇ ନେବାକୁ ବାଧ ହେବେ। ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡିବ,ଏହି କାରଣରୁ ପାଖ ମାଡି ନ ପାରନ୍ତି। ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ପିତା କିମ୍ବା ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ।

**କୁମ୍ଭ**
ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳିବ ଏବଂ ପାଇବେ ମଧ୍ୟ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଶାନ୍ତି କମିବା ବଦଳରେ ବଢିଯିବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ହରାଇପାରନ୍ତି। ଦୀର୍ଘ ଦିନର ଶତ୍ରୁତା କେତେକ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ମନରେ ଜାଗ୍ରତ ହୋଇପାରେ।

**ମୀନ**
କର୍ମ କ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡି ଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

ଆଜି ଆଶ୍ୱିନ ମଳ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ବୁଧବାର, ଅକ୍ଟୋବର ୧୪ ତାରିଖ, ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, କର୍କଟ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୪୪ମି. ଗତେ ଘ.୦୬.୩୧ମି. ମଧ୍ୟେ, ଘ.୦୭.୧୭ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୨ମି.ଗତେ ଘ.୧୨.୪୨ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୦୯ମି. ଗତେ ଘ.୦୬.୫୯ମି. ମଧ୍ୟେ, ରାତ୍ରି ଘ.୦୮.୩୮ମି.ଗତେ ଘ.୦୩.୧୬ମି.ମଧ୍ୟେ, ଘ.୦୪.୦୫ମି. ଗତେ ଘ.୦୫.୪୪ମି.ମଧ୍ୟେ ଅମୃତବେଳା। ସକାଳ ଘ.୦୬.୩୧ମି. ଗତେ ଘ.୦୭.୧୭ମି. ମଧ୍ୟେ, ଘ.୦୧.୨୮ମି. ଗତେ ଘ.୩୦.୪୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୩୨ମି. ଗତେ ଘ. ୧୨.୫୯ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302





**BRIDE WANTED**

37 ବର୍ଷର ବ୍ରାହ୍ମଣ ବରପାତ୍ର MBA, 5.8", 18/8 Director ପାଇଁ Graduate କନ୍ୟାପାତ୍ରୀ ଆବଶ୍ୟକ। 7978736177 D-68259

39 ବର୍ଷୀୟ ଡିଭୋର୍ସ ପାତ୍ରଙ୍କ ପାଇଁ ପାତ୍ରୀ ଆବଶ୍ୟକ। ଯଦି କୌଣସି divorce ପାତ୍ରୀ ରହିଥାନ୍ତି ଯୋଗାଯୋଗ କରନ୍ତୁ। ସନ୍ତାନ ଥିଲେ ମଧ୍ୟ କୌଣସି ଅସୁବିଧା ନାହିଁ। ପାତ୍ର ଜଣକ ରେଲୱେ କର୍ମଚାରୀ। ଯୋଗାଯୋଗ କରନ୍ତୁ: 9831238247 D-18565

**GROOM WANTED**

"Sports Authority of India"ରେ 49yrs. ବୟସର divorce ମହିଳା ପାଇଁ ଉପଯୁକ୍ତ ବୟସର ବରପାତ୍ର ଆବଶ୍ୟକ। "ଯେକୌଣସି ଜାତି ଗ୍ରହଣୀୟ"। 7655858756. D-68842

Age 34 divorce ନିଃସନ୍ତାନ SBIରେ clerk ଥିବା ତେଲି ଝିଅଙ୍କୁ any caste ପୁଅ ଦରକାର। 7381460016. D-67960





**SALE**

1600sqft. residential land for sale near Mausima Square, Bhubaneswar. Price 50 lakhs. Direct buyers contact: 8260595320 D-69784

**Well developed 30'road, ଘରବାରୀ, boundary, ଇଲେକ୍‌ଟ୍ରିସିଟି ଥାଇ ୪ଟି ପ୍ଲଟ ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ sqft.650/- ବିକ୍ରିହେବ। Land owner- 9437033320.** D-69181

Gharabari Yellowzone BDA Approved Plot for sale at Garage Chhack, Bhubaneswar. Contact-8658264988, 6371040313. D-18570

Bhubaneswar ସୁନ୍ଦରପଦାରେ 1200sqft. plot 11,40,000/- କିଣି ଘର କରନ୍ତୁ। 9938016295. D-69183

**ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK Simplex/ Duplex ଅଛି। 8327785834, 9658122456.** D-69182

ଛତାବର 200' roadside Nakhara Synergy College ପାଖରେ ଗୃହୋପଯୋଗୀ ଜାଗା 1500sqft.କୁ 9,75,000/- 9437306208. D-69349

ଭୁବନେଶ୍ୱର **NH-16** ର ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ମିଳୁଛି। **9348444368.** D-69180

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69179

Booking open for 3BHK duplex with layout plan near ITER College Jagamara, Bhubaneswar. 9861616986. D-67575

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





3,500 sqft Warehouse available for rent in IRC Village, Nayapalli. Contact- A Chowdhury, 9437020530. D-69785

**Godown space available near Puri bypass area 18000/-, open space 15000/-. 9938125254** D-18598





Newly open SPA centre smart therapist full body massage: 7846814019. D-59967

Herbal full body massage by smart / expert therapist. Contact: 8338067247. D-69775

Get refreshment body massage by expert therapist contact for 7205084157. D-69777

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69778

Newly open SPA centre smart therapist full body massage: 8114970372. D-59968

Swarna SPA newly open positively health benefits with expert therapist. 7873794731. D-69776

Newly open SPA centre smart therapist full body massage: 7205187702. D-59966

Newly open full body massage SPA in Bhubaneswar. Contact: 7205058838. D-69779

Rejuvenate and Ayurvedic full body massage by smart therapist. 9348123330. D-69780

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୮୨,୬୯,୮୮୫ | ୧୦,୮୮,୫୧୫ | ୨,୮୭,୪୮,୮୫୭ |
| ଭାରତ | ୭୨,୩୬,୯୯୫ | ୧,୧୦,୬୧୭ | ୬୨,୯୮,୬୦୬ |
| ଓଡ଼ିଶା | ୨,୫୬,୯୩୭ | ୧୦୫୭(+୫୩) | ୨,୩୨,୯୮୮ |

ମଙ୍ଗଳବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



# ଟ୍ୟାପ୍‌ରୁ ମିଳିବ ଶୁଦ୍ଧ ପାଣି



ମିଶନ 'ସୁଜଳ' ଲୋକାର୍ପିତ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ।

## ଲୋକାର୍ପିତ ହେଲା ମିଶନ 'ସୁଜଳ'

- ୨୦୨୨ ସୁଦ୍ଧା ସମସ୍ତ ସହରର ସବୁ ଘରକୁ ପାଇପ ପାଣି: ମୁଖ୍ୟମନ୍ତ୍ରୀ
- ସବୁ ଘରକୁ ପାଇପ ପାଣିରେ ଭୁବନେଶ୍ୱର ଦେଶରେ ପ୍ରଥମ

**ଭୁବନେଶ୍ୱର,୧୩ା୧୦(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭୁବନେଶ୍ୱର ଓ ପୁରୀରେ ଟ୍ୟାପ୍‌ରୁ ପାନୀୟ ଜଳ ମିଶନ 'ସୁଜଳ' ଲୋକାର୍ପିତ କରିଛନ୍ତି। ଏହି ମିଶନ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ। ଏହାଦ୍ୱାରା ଲୋକମାନେ ବିକଶିତ ରାଷ୍ଟ୍ରର ଲୋକଙ୍କ ଭଳି ସିଧା ଟ୍ୟାପ୍‌ରୁ ସ୍ୱଚ୍ଛ ପାଣି ପିଇପାରିବେ। ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମ ଆଧାର ବ୍ୟବସ୍ଥାର ରୂପାନ୍ତର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପାନୀୟ ଜଳ ମିଶନ 'ସୁଜଳ' ଦ୍ୱାରା ଦୁଇ ସହରରେ ପ୍ରାୟ ୧ ଲକ୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ। ଏହି ମିଶନ ରାଜ୍ୟର ସବୁ ଅଞ୍ଚଳରେ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିକଶିତ ଦେଶଗୁଡ଼ିକରେ ଲୋକମାନେ ସିଧା ଟ୍ୟାପ୍‌ରୁ ପାଣି ପିଅନ୍ତି। ପାଣି ଗରମ କରିବା, ଫିଲ୍‌ଟର କରିବା କିମ୍ବା ଆକ୍ୱାଗାର୍ଡ ଆଦି ମେଶିନ ଦରକାର ହୁଏ ନାହିଁ। କାରଣ ସେମାନେ ଟ୍ୟାପ୍‌ରୁ ଭଲ ପିଇବା ପାଣି ପାଆନ୍ତି। ପୁରୀ ହେଉଛି ଏକ ବଡ଼ ପର୍ଯ୍ୟଟନ କେନ୍ଦ୍ର। ପ୍ରତିଦିନ ଏଠାକୁ ବହୁ ପର୍ଯ୍ୟଟକ ଆସନ୍ତି। ସେମାନେ ପାଣି ପାଇଁ ପ୍ଲାଷ୍ଟିକ ବୋତଲ ବ୍ୟବହାର କରନ୍ତି। ତେଣୁ ଟ୍ୟାପ୍‌ରୁ ପାନୀୟ ଜଳ ସୁବିଧା ଦ୍ୱାରା ପୁରୀରୁ ପ୍ଲାଷ୍ଟିକ ପ୍ରଦୂଷଣ କମିଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ଭୁବନେଶ୍ୱର ସହିତ ଗୋପାଳପୁର, ଦିଗପହଣ୍ଡି ଓ କାଶୀନଗରରେ ସବୁ ଘରକୁ ପାଇପ ଜଳ ସୁବିଧା ଦିଆଯାଇ ପାରିଛି। ସମସ୍ତଙ୍କୁ ଭଲ ପାଣି ଯୋଗାଇ ଦେବା ଆମର ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୧୦ ଲକ୍ଷରୁ ଅଧିକ ଲୋକସଂଖ୍ୟା ଥିବା ସହରଗୁଡ଼ିକରେ ଶତପ୍ରତିଶତ ପାଇପ ପାଣି ସବୁ ଘରକୁ ସଂଯୋଗ କ୍ଷେତ୍ରରେ ଭୁବନେଶ୍ୱର ଦେଶର ପ୍ରଥମ ସହର ହୋଇ ପାରିଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ୨୦୨୨ ସୁଦ୍ଧା ରାଜ୍ୟର ସବୁ ସହରାଞ୍ଚଳର ସବୁ ଘରକୁ ପାଇପ ଜଳ ସଂଯୋଗ ଯୋଗାଇ ଦିଆଯିବ। ଏହି ଅବସରରେ ରାଜ୍ୟର ଆଉ ୧୫ଟି ସହର ପାଇଁ ଟ୍ୟାପ୍‌ରୁ ପାନୀୟ ଜଳ ମିଶନ ଘୋଷଣା କରାଯାଇଛି। ଏହାଦ୍ୱାରା ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ। ମିଶନ ଶକ୍ତିର ମା'ମାନେ ଜଳ ସାଥୀ ଭାବେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଯେଭିଳି ଦକ୍ଷତାର ସହ ଦାୟିତ୍ୱ ତୁଲାଉଛନ୍ତି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଭୁବନେଶ୍ୱରର ସାଲିଆସାହି ଓ ପୁରୀ ମଶାଣିଚଣ୍ଡୀ ବସ୍ତିରେ ଏହି କାର୍ଯ୍ୟକ୍ରମର ଲୋକାର୍ପିତ ହୋଇଛି। ସାଲିଆସାହିରେ ମନ୍ତ୍ରୀ ଅଶୋକ ପଣ୍ଡା ଓ ବିଧାୟକ ସୁଶାନ୍ତ ରାଉତ ଏବଂ ପୁରୀରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଦ୍ରକରୁ ଯୋଗ ଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ଦୃଢ଼ ନେତୃତ୍ୱ ଓ ପ୍ରେରଣା ଯୋଗୁ ଓଡ଼ିଶା ଟ୍ୟାପ୍‌ରୁ ପାନୀୟ ଜଳ ମିଶନରେ ଦେଶରେ ପ୍ରଥମ ରାଜ୍ୟ ହୋଇପାରିଛି ବୋଲି କହିଥିଲେ। ଦିଲ୍ଲୀରୁ କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ସଚିବ ଦୁର୍ଗା ଶଙ୍କର ମିଶ୍ର ଏହି କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ସରକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ କହିଥିଲେ ଯେ, କାର୍ଯ୍ୟକ୍ରମ ରୂପାୟନ ବୈଠକରେ ଅଧ୍ୟକ୍ଷତା କରିବା ସମୟରେ ମୁଖ୍ୟମନ୍ତ୍ରୀ ଟ୍ୟାପ୍‌ରୁ ପାନୀୟ ଜଳ କାର୍ଯ୍ୟକ୍ରମ ସାଲିଆସାହିରୁ ଆରମ୍ଭ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏହାଦ୍ୱାରା ସାଲିଆସାହିର ଗରିବ ଲୋକେ ଆଧୁନିକ ବୈଷୟିକ ଜ୍ଞାନର ସୁଫଳ ପାଇ ପାରିବେ ବୋଲି କହିଥିଲେ। ଆମେରିକାର ୱାଟର ଏଡ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଟିମ୍ ୱେନରାଇଟ କହିଥିଲେ, ଏହି କାର୍ଯ୍ୟକ୍ରମରେ ଜଳସାଥୀଙ୍କ ନିୟୋଜନ ଏକ ଅଭିନବ ପ୍ରୟାସ। ଏଥିରୁ ବିଶ୍ୱ ସମୁଦାୟକୁ ଶିଖିବାର ଅଛି ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଜଳସାଥୀମାନଙ୍କୁ ଜଳର ମାନ ପରୀକ୍ଷା ଯନ୍ତ୍ର ପ୍ରଦାନ କରାଯିବା ସହ ପାଇପ ମିସ୍ତ୍ରିମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।




# ହାତୀ ପିଠିରୁ ଖସିପଡ଼ିଲେ ରାମଦେବ



ମଥୁରା,୧୩ା୧୦: ଯୋଗଗୁରୁ ରାମଦେବ ହାତୀ ଉପରେ ଯୋଗ କରୁଥିବାବେଳେ ଖସିପଡ଼ିଛନ୍ତି। ତଳେ ପଡ଼ିଯିବା ପରେ ସେ ଆହତ ହୋଇ ନ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ ମଥୁରାର ମହାବଣ ରମଣରେତିସ୍ଥିତ ବାବା ଶରଣାନନ୍ଦ ମହାରାଜ ଆଶ୍ରମରେ ରାମଦେବ ସୋମବାର ସନ୍ଥମାନଙ୍କୁ ଯୋଗ ଶିଖାଉଥିଲେ। ଏହି ସମୟରେ ଶରଣାନନ୍ଦ ମଧ ମଞ୍ଚରେ ବସି ଯୋଗ କରୁଥିଲେ। କିଛି ସମୟ ପରେ ରାମଦେବ ହାତୀ ପିଠିରେ ବସି ସାଧୁମାନଙ୍କୁ ଯୋଗାସନ ଶିଖାଇବାରେ ଲାଗିଥିଲେ। ହାତୀଟି ହଠାତ୍ ହଲିବାରେ ଲାଗିବାରୁ ରାମଦେବ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ସେ ନିଜ ଦେହରୁ ଧୂଳି ଝାଡ଼ି ସ୍ମିତହାସ୍ୟରେ ଉଠିଥିଲେ। ୨୨ ସେକେଣ୍ଡର ଏହି ଭିଡିଓ ସାମାଜିକଗଣମାଧ୍ୟମରେ ବହୁଳ ପ୍ରସାରିତ ହେବାରେ ଲାଗିଛି।

# ରାଜ୍ୟକୁ ଦାୟୀ କଲା କେନ୍ଦ୍ର

## ପଶ୍ଚିମ, ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

**ନୂଆଦିଲ୍ଲୀ, ୧୩ା୧୦**

ରାଜ୍ୟ ସରକାରଙ୍କ ଅସହଯୋଗ ମନୋଭାବରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ସମ୍ଭବ ହେଉ ନାହିଁ। ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି ଥିବା ନେଇ ରାଜ୍ୟ ସରକାର କେନ୍ଦ୍ରକୁ ଅବଗତ କରାଇପାରୁ ନାହାନ୍ତି। ଫଳରେ ଏସମ୍ପର୍କରେ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁ ନାହିଁ ବୋଲି କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ପ୍ରକାଶ କରିଛନ୍ତି। ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟ ସଭାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସମ୍ପର୍କରେ ସେତେବେଳେ ଉଠାଇଥିବା ପ୍ରସଙ୍ଗର ଉତ୍ତର ଦେଇ ରବିଶଙ୍କର କହିଛନ୍ତି ଯେ, ନିୟମ ଅନୁସାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଯଶୱନ୍ତ ସିଂ କମିଟି ସୁପାରିସ ଏବଂ ସୁପ୍ରିମକୋର୍ଟଙ୍କ ରାୟ(ଡବ୍ଲ୍ୟୁପିସି ନଂ. ୩୭୯/୨୦୦୦) ଅନୁସାରେ କରାଯିବ। ଏପରି କି ଏଥିପାଇଁ ସମ୍ପୃକ୍ତ ରାଜ୍ୟ ସରକାର, ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ରାଜ୍ୟପାଳଙ୍କ ସହମତି ମଧ ଆବଶ୍ୟକ।

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଓଡ଼ିଶା ସରକାର କରିଥିବା ଅନୁରୋଧ ପରେ ଏସମ୍ପର୍କରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ହାଇକୋର୍ଟଙ୍କ ମତ ଲୋଡ଼ାଯାଇଥିଲା। ହାଇକୋର୍ଟ ଏନେଇ ତାଙ୍କର କୌଣସି ମତ ଦେଇ ନାହାନ୍ତି। ବେଞ୍ଚ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କରେ ଜଣାଇବା ପାଇଁ ବିଭିନ୍ନ ସମୟରେ ଚିଠି କରାଯାଇଥିଲେ ସୁଦ୍ଧା ରାଜ୍ୟ ସରକାର ମଧ କୌଣସି ଯୋଗାଯୋଗ କରୁ ନାହାନ୍ତି। ଏଭଳି ସ୍ଥିତିରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ କୌଣସି ପଦକ୍ଷେପ ନେବା ସମ୍ଭବ ନୁହେଁ ବୋଲି ରବିଶଙ୍କର ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଛି। ଏପରି କି ମାସମାସ ଧରି ଆଇନଜୀବୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆଇନଜୀବୀଙ୍କ ଦାବିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ସେପ୍ଟେମ୍ବର ୫ରେ କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଚିଠି ଲେଖି ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଉକ୍ତ ଚିଠି ପରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ମତାମତ ଗ୍ରହଣ କରି ଏକ ରିପୋର୍ଟ ଦେବାକୁ କେନ୍ଦ୍ର କହିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏନେଇ କୌଣସି ପଦକ୍ଷେପ ନିଆଗଲା ନାହିଁ।

# ୧୦୦ ଟଙ୍କାରୁ ୪୦ ଲକ୍ଷ

## ଆଚାର ବ୍ୟବସାୟ କରି ମହିଳା ସଶକ୍ତୀକରଣର ପ୍ରତୀକ ସାଜିଲେ ମଞ୍ଜୁଲତା

**ଜୟପୁର, ୧୩ା୧୦(ନି.ପ୍ର.)**

ମାତ୍ର ୧୦୦ ଟଙ୍କା ମୂଳଧନରେ ଘରେ ଆରମ୍ଭ କରିଥିଲେ ଆଚାର ପ୍ରସ୍ତୁତି। ଦୀର୍ଘ ୨୦ ବର୍ଷର ପରିଶ୍ରମ ତାଙ୍କୁ ଆଜି ଜଣେ ସଫଳ ଆଚାର ବ୍ୟବସାୟୀ ପରିଚୟ ଦେଇଛି। ଏବେ ତାଙ୍କର ବାର୍ଷିକ କାରବାର ପହଞ୍ଚିଲାଣି ୪୦ ଲକ୍ଷ ଟଙ୍କାରେ। ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାରେ ଆତ୍ମନିର୍ଭରଶୀଳତାର ବାର୍ତ୍ତାବହ ସାଜିଥିବା ଏହି ମହିଳା ଜଣକ ହେଲେ ମଞ୍ଜୁଲତା ପାତ୍ର। କେବଳ ଏତିକି ନୁହେଁ, ମଞ୍ଜୁଲତା ନିଜେ ସ୍ୱାବଲମ୍ବୀ ହେବା ସହ ୧୨ରୁ ଊର୍ଦ୍ଧ୍ୱ ପରିବାରକୁ ଦେଖାଇଛନ୍ତି ରୋଜଗାରର ବାଟ, ଯାହା ମହିଳା ସଶକ୍ତୀକରଣ ଆଡ଼କୁ ସଫଳତାର ଗୋଟିଏ ପାଦ ବୋଲି ଆଲୋଚନା ହେଉଛି।


ଘରେ ଆଚାର ପ୍ରସ୍ତୁତ କରୁଛନ୍ତି ମଞ୍ଜୁଲତା ପାତ୍ର (ଡାହାଣ)।

କୋରାପୁଟ ଜିଲା ଜୟପୁର କୁମ୍ଭାର ସାହିରେ ମଞ୍ଜୁଲତାଙ୍କ ଘର। ଆଚାର ବ୍ୟବସାୟ ତାଙ୍କୁ ଅଞ୍ଚଳର ଜଣେ ପାରଦର୍ଶୀ ମହିଳା ଭାବେ ପରିଚିତ କରାଇଛି। ସେ ନିଜ ସହଯୋଗୀଙ୍କ ସହାୟତାରେ ୪୨ ପ୍ରକାରର ଆଚାର ପ୍ରସ୍ତୁତ କରୁଛନ୍ତି। ତାଙ୍କ ହାତ ତିଆରି ଆମ୍ବ, ଲେମ୍ବୁ, ପଣସ, କଲରା, ଲଙ୍କା, ଫୁଲକୋବି, ଟମାଟୋ ଆଚାରର ଚାହିଦା କୋରାପୁଟ ସମେତ ପଡ଼ୋଶୀ ଜିଲାରେ ମଧ ଏହାର ଆଦର ରହିଛି। ତଟକା ପରିବା, ଫଳ ଏବଂ ଉନ୍ନତମାନର ସାମଗ୍ରୀ ବ୍ୟବହାର କରୁଥିବାରୁ ଏହାର ସ୍ୱାଦ ବାରି ହୋଇପଡ଼େ। ସବୁବର୍ଗର ଲୋକଙ୍କୁ ସୁହାଇବା ଭଳି ଦର ରହିଥିବାରୁ ଆଞ୍ଚଳିକ ବଜାରରେ ଏହା ସମସ୍ତଙ୍କ ପସନ୍ଦ ପାଲଟିଛି।

ନିଜ ବ୍ୟବସାୟିକ ଜୀବନର ଅନୁଭୂତି ବାଣ୍ଟି ମଞ୍ଜୁଲତା କୁହନ୍ତି, ଆଚାର ବ୍ୟବସାୟ ଆରମ୍ଭ କରିବା ସମୟ ବେଶ୍ ସଂଘର୍ଷମୟ ଥିଲା। ନିଜ ଗୋଡ଼ରେ ଛିଡ଼ାହେବା ଲକ୍ଷ୍ୟ ରଖି ୨୦ ବର୍ଷ ତଳେ ମାତ୍ର ୧୦୦ ଟଙ୍କାରେ ଏହାକୁ ଆରମ୍ଭ କରିଥିଲେ। ଦୀର୍ଘଦିନର ଅନୁଭୂତିକୁ ପୁଞ୍ଜି କରି ସେ ଏହି ସଫଳତା ପାଇଛନ୍ତି। ଆଚାର ପ୍ରସ୍ତୁତିରେ ଗୁଣବତ୍ତାରେ ସାଲିସ କରାଯାଏ ନାହିଁ। କିପରି ଅଧିକ ସ୍ୱାଦିଷ୍ଟ ହେବ ସେଥିପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯାଏ। ଗ୍ରାହକଙ୍କୁ ସୁହାଇଲା ଭଳି ମୂଲ୍ୟ ରଖାଯାଉଥିବାରୁ ଏହାର ଆଦର ବଢ଼ିଛି। ଗ୍ରାହକମାନେ ଆସି ନିଜ ପସନ୍ଦର ଆଚାର କିଣି ନେଇଥାନ୍ତି। ବ୍ୟବସାୟ ବଢ଼ିବା ପରେ ପରିବାରର କେତେଜଣ ସଦସ୍ୟଙ୍କ ସହଯୋଗ ମିଳିଥିବା ମଞ୍ଜୁଲତା କହିଛନ୍ତି। ସେହିପରି ମଞ୍ଜୁଲତାଙ୍କ ସ୍ୱାମୀ କେ. ତିରୁପତି କୁହନ୍ତି, ସରକାରୀ ସହାୟତା ମିଳିଲେ ଆଚାର ଉଦ୍ୟୋଗର ପରିସର ଅଧିକ ବ୍ୟାପକ ହୋଇପାରିବ। ଫଳରେ ଅଧିକ ପରିବାର ରୋଜଗାରକ୍ଷମ ହୋଇପାରିବେ।

ଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମନୋରମା ତ୍ରିପାଠୀ (ଗୌରୀ)
ସ୍ୱାମୀ: ଶ୍ରୀଯୁକ୍ତ କେଦାର ଚନ୍ଦ୍ର ତ୍ରିପାଠୀ, ଶ୍ରୀରାମଚନ୍ଦ୍ରପୁର ଶାସନ, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ: ୨୨ା୦୭ା୧୯୪୯ | ତିରୋଧାନ: ୦୫ା୧୦ା୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।
ତୁମର ଅନୁପସ୍ଥିତି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମମାନଙ୍କର ଅଭୁଲା ସ୍ମୃତି ହୋଇ ରହିବ। ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଗୋପାଳଜୀଉ, ବାବା ଶ୍ରୀଜଟେଶ୍ୱର ଓ ମା' ହରଚଣ୍ଡୀଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର- ଆଦିତ୍ୟ, କୃଷ୍ଣ, ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ତ୍ରିପାଠୀ ପରିବାରବର୍ଗ।

କୋଡ଼ିଏ ଜଣ ଅଣକୁଶଳୀ ଶ୍ରମିକ ଆବଶ୍ୟକ ।
ତାମିଲନାଡୁସ୍ଥିତ ଏକ ଅଗ୍ରଣୀ କାରଖାନା ପାଇଁ। ଦରମା + ରହିବା ସୁବିଧା + ପିଏଫ୍ ଓ ଇଏସ୍ଆଇ ଏବଂ 16.10.2020ଠାରୁ ରିହାତିଯୁକ୍ତ ଭୋଜନ । କେବଳ ଖାଣ୍ଟି ଏଜେଣ୍ଟମାନେ ଯୋଗାଯୋଗ କରନ୍ତୁ ଡକ୍ଟର ଫ୍ରାନ୍‌ସିସ୍ ଜାଭିୟର 9500077924/9790915809 କିମ୍ବା ନିଜର ସର୍ତ୍ତାବଳୀ ଇମେଲ୍ କରନ୍ତୁ info@i2iventiures.com ରେ।

APPOINTMENT
Urgent required Billing Executive for Pharma Distributor with experience B.Com. Send your CV
shreemahaveerpharmatech@gmail.com
7064402525

WANTED
କାରଖାନାରେ ରହି କାମ କରିବା ପାଇଁ ମହିଳା ଶ୍ରମିକ ଆବଶ୍ୟକ । ରହିବା ଏବଂ ଖାଇବା ମାଗଣା । ଦରମା- ୫,୦୦୦/-, ବୟସ- ୨୦ ରୁ ୩୫ ବର୍ଷ।
ଯୋଗାଯୋଗ- ୭୯୭୮୫୫୦୬୮୪

ଏସ୍.ଇ. ରେଳପଥ ଟେଣ୍ଡର
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଓଏମ୍ଏମ୍ଏଲ୍.୭/ସିଏଚ୍‌ଜି./ଜିଏମ୍ୟୁ ଆୱାର୍ଡ/ସିକେପି/୨୦ ତାରିଖ: ୧୨ା୧୦ା୨୦୨୦ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (କମର୍ସିଆଲ୍), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର "ଚକ୍ରଧରପୁର ଡିଭିଜନରେ "ଏ" ବର୍ଗର ଷ୍ଟେସନ ଝାରସୁଗୁଡ଼ା ଓ ରାଉରକେଲାଠାରେ ଜେନେରାଲ ମାଇନର ୟୁନିଟ୍ (ଜିଏମ୍ୟୁ)ରେ କ୍ୟାଟରିଂ ସେବାର ବ୍ୟବସ୍ଥା" ନିମନ୍ତେ ପ୍ରତିଯୋଗିତାମୂଳକ, ଦୁଇ ପ୍ୟାକେଟ୍, ଖୋଲା ଟେଣ୍ଡର ପ୍ରଣାଳୀରେ ଜଉମୁଦଦିଆ ବିଡ୍ ଆମନ୍ତ୍ରଣ କରୁଛନ୍ତି । ସମ୍ପୂର୍ଣ୍ଣ ସୂଚନା ପାଇଁ ବିଡରମାନଙ୍କୁ www.ireps.gov.in ପରିଦର୍ଶନ କରିବା ଲାଗି ଅନୁରୋଧ କରାଯାଉଛି। ଟେଣ୍ଡରର ପରବର୍ତ୍ତୀ ଶୁଦ୍ଧିପତ୍ର, ଯୋଗପତ୍ର, ସଂଶୋଧନ, ବିସ୍ତାରଣ, ସ୍ପଷ୍ଟୀକରଣ, ଯଦି ଥାଏ, କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯିବ । ନିଜକୁ ସୂଚିତ ରଖିବା ପାଇଁ ବିଡରମାନେ ନିୟମିତ ଭାବେ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଉଚିତ। ଟେଣ୍ଡର କାଗଜପତ୍ର ଜାରି: ୧୨ା୧୦ା୨୦୨୦। ଅନ୍‌ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ: ୧୦ା୧୧ା୨୦୨୦, ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବ: ୧୦ା୧୧ା୨୦୨୦, ୧୫.୩୦ ଘଟିକାରେ। (PR-301)

JOBS IN AIRPORT
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Air Hostess, Ground Staffs, Supervisors, Checkers, Loaders, Drivers, Guards & Helpers
Quali : ୧୦ ପଢ଼ିଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9984845594, 7381891254

Required experience DRIVER for Private Vehicle (For family purpose).
7008563697
9437168187

Radhakrishna Institute of Technology & Engineering (RITE)Bhubaneswar
(AICTE approved, NAAC accredited, BPUT affiliated)
Ref. No.:RITE/HR/2020-21
RECRUITMENT OF FACULTY POSITIONS
RITE Bhubaneswar is a premier institute offering full time B.Tech. and MBA programs. RITE Bhubaneswar invites applications from eligible & experienced candidates for following positions:
Department of Management Studies (MBA)
Professor /Associate Professors /Asst. Professors
Departments of Engineering (B.Tech)
Asst. Professors (Mathematics) / Asst. Professors (Physics)
Asst. Professors (Electronics)
Salary: As per AICTE norms/ Industry Standards.
For further details and to download Application form, please visit to CAREERS on our website: www.riteindia.edu.in
The last date of submission of duly filled applications is 25.10.2020.
The authority reserves the right to reject any or all applications without assigning any reason.
PRINCIPAL
RITE Bhubaneswar, IDCO Plot-1, IDCO Industrial Estate, Barunei, Bhubaneswar – 752 057, India, Phone: 918895199998 · Email: riteodisha@gmail.com· Web :www.riteindia.edu.in



Celebrate Puja in your Style
Come with your family and explore the Puja fashion in a completely sanitized environment.
Have a happy and safe Puja.
Special 10% Puja Discount
kalamandir କଳାମନ୍ଦିର ODISHA'S MOST POPULAR FASHION SHOP
Shop with a smile.
3, Western Market, Bhubaneswar 751009
BENARASIS | KANJEVARAMS | ODISSIS | PRINTED SILKS | BROCADES | JAMEVARS
SOUTH SILKS | GADWALS | FANCY SAREES | LEHENGAS | SUITINGS | SHIRTINGS | SUITS
JACKETS | KURTA PYJAMAS | SHERWANIS | EXCLUSIVE READYMADES | WOMEN'S WEAR
KIDSWEAR | FURNISHINGS | DRESS MATERIALS

ADMISSION NOTICE - 2020
DIRECTORATE OF DISTANCE & CONTINUING EDUCATION
D.D.C.E., UTKAL UNIVERSITY
BHUBANESWAR-751007
NAAC Accredited A+
COURSES OFFERED
Admn Advt-2
DISTANCE MODE
(Walk in Online)
Management Courses
- Master of Business Administration (MBA)
- BBA / IMBA
- Post Graduate Diploma in Mgt. :
  - Human Resource
  - Marketing
  - Production & Operation
  - Finance
  - Tour & Travel
  - Agri Business
  - Ditetics & Nutrition
  - Public Policy
Graduate Courses
- BA (HONS.)
- B.COM. (HONS.)
Post Graduate Courses)
- MSW
- M.Com.
- MA in Public Admn.
- MA in History
- MA in Pol.Science
- MA in Sanskrit
- MA in Education
- MA in English
- MA in Odia
- MA in Sociology
- MA in Economics
- MA in Hindi
FACE TO FACE MODE
(Walk in Online Test and Rolling Admission)
Management Courses
- Master of Business Administration (MBA) (Evening)
- P.G.Dip. in Banking & Insurance Mgt. (PGDBIM) (Morning)
Computer Science Courses
- MCA (3 Yrs.)
- MCA (2 Yrs) LE
- M.Sc. Comp. Sc.
- M.Sc. IT
- M.Sc. I T&M
Last Date of Admission : 22.10.2020
APPLY ONLINE (for all courses) :
visit www.ddceutkal.ac.in
(FOR ELIGIBILITY, FEE STRUCTURE, SELECTION PROCESS AND IMPORTANT DATE LINES VISIT OUR WEBSITE.
DIRECTOR

ହେ ମନୁଷ୍ୟମାନେ ! ହେ ଦେଶ ଓ ମହାଦେଶ ସକଳ ! ସ୍ୱେଚ୍ଛାରେ ବାଛିନିଅ– ସତ୍ୟ କିମ୍ବା ରସାତଳ।... ସତ୍ୟକୁ ଭଲ ପାଅ। ତୁମର ଚେତନାରେ ଉଷାର ଆଲୋକ ଫୁଟିପଡୁ। –**ଶ୍ରୀମା**



# ଆଳଙ୍କାରିକ ପ୍ୟାକେଜ

ପୂର୍ବରୁ ଗଢ଼ି ଆସିଥିବା ଆର୍ଥିକ ବିଫଳତା ସହ କରୋନା ମହାମାରୀଜନିତ ସଙ୍କଟ ଭାରତୀୟ ଅର୍ଥନୀତିକୁ ଏକ ପ୍ରକାର ସ୍ଥାଣୁ କରିଦେଇଛି। ନିକଟରେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ସଂକ୍ରାନ୍ତ ତଥ୍ୟ ଦେବା ବେଳେ ଭାରତରେ ଖାଉଟିଙ୍କ ଖର୍ଚ୍ଚ ଓ ଅର୍ଥନୀତିରେ ନିବେଶ କମିଯାଇଥିବା ଦର୍ଶାଇଥିଲା। ସେହିପରି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଚଳିତବର୍ଷ ଅର୍ଥନୀତି ୯.୫ ପ୍ରତିଶତ ହ୍ରାସ ପାଇବ ବୋଲି କହିଛି। ୧୩ ଅକ୍ଟୋବରରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ମଧ୍ୟ ଆକଳନ କରିଛି ଯେ, ଚଳିତ ବର୍ଷ ଭାରତର ଅର୍ଥନୀତି ୧୦.୩ ପ୍ରତିଶତ ଖସିବ। ଇତିମଧ୍ୟରେ ସବୁପ୍ରକାର ସାମଗ୍ରୀର ଦର ଆକାଶଛୁଆଁ ହୋଇଯାଇଛି। ଲୋକଙ୍କ ହାତରେ ଅର୍ଥ ନ ଥିବା ବେଳେ ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଖାଉଟିଙ୍କୁ ଅନେକ ବାଧିଲାଣି। ଏସବୁକୁ ଦୃଷ୍ଟିରେ ରଖି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୧୨ ଅକ୍ଟୋବରରେ ୭୩ ହଜାର କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୀତାରାମନ ଏହିଭଳି ଅନେକ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ବହୁବାର ଘୋଷଣା କରିସାରିଲେଣି। ତେବେ ୧୨ ଅକ୍ଟୋବରରେ ଘୋଷଣା କରାଯାଇଥିବା ପ୍ୟାକେଜର ସ୍ୱରୂପକୁ ଦେଖିଲେ ବଜାରରେ ଖାଉଟି ଚାହିଦା ବୃଦ୍ଧି ସହ ଅର୍ଥନୀତିରେ ନିବେଶ କାର୍ଯ୍ୟ ବଢ଼ାଇବା ଲାଗି ସରକାର ଏପରି ପଦକ୍ଷେପ ନେଇଛନ୍ତି। ସେଥିପାଇଁ ସରକାରୀ କର୍ମଚାରୀଙ୍କ ହାତରେ ସର୍ତ୍ତମୂଳକ ଅର୍ଥ ଧରାଇବାକୁ ଚେଷ୍ଟା କରାଯାଇଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଭିତ୍ତିଭୂମି ଉନ୍ନତି ଲାଗି ହେବାକୁ ଥିବା ଖର୍ଚ୍ଚ ବୃଦ୍ଧି କଥା ଚିନ୍ତା କରାଯାଇଛି।

ଦୁଇଟି ଭାଗରେ ଘୋଷଣା କରାଯାଇଥିବା ପ୍ୟାକେଜକୁ ଲକ୍ଷ୍ୟ କରାଯାଉ। କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ପୂଜାଭେଟି ଭାବେ ସୁଧମୁକ୍ତ ୧୦ ହଜାର ଟଙ୍କା ଅଗ୍ରିମ ଅର୍ଥ ପ୍ରଦାନ ସୁବିଧା ଏବଂ ଭ୍ରମଣ କରିବା ପାଇଁ ଥିବା ଲିଭ୍ ଟ୍ରାଭେଲ କନ୍‌ସେସନ୍ (ଏଲ୍‌ଟିସି) ପରିବର୍ତ୍ତେ କ୍ୟାଶ୍ ଭାଉଚର ବ୍ୟବସ୍ଥା କରାଯାଇଛି। ଏଥିରେ ୧୦ ହଜାର ଟଙ୍କା ଲେଖାଏ ଅର୍ଥରାଶି କର୍ମଚାରୀଙ୍କ କାର୍ଡରେ ପ୍ରିପେଡ୍ ଭାବେ ଦିଆଯିବ, ଯାହା ସେମାନଙ୍କୁ ୨୦୨୧ ମାର୍ଚ୍ଚ ସୁଦ୍ଧା ଖର୍ଚ୍ଚ କରିବାକୁ ପଡ଼ିବ। ୧୦ଟି କିସ୍ତିରେ କର୍ମଚାରୀ ଏହାକୁ ସରକାରଙ୍କୁ ଶୁଝିବେ। ଏଲ୍‌ଟିସି ବଦଳରେ ଯେଉଁ କ୍ୟାଶ୍ ଭାଉଚର ଦିଆଯିବ, ସେଥିରେ କେନ୍ଦ୍ର କର୍ମଚାରୀମାନେ ଖାଦ୍ୟ ବର୍ଗରେ ନ ଥିବା ଜିଏସ୍‌ଟି ସୂଚୀଯୁକ୍ତ ସାମଗ୍ରୀ କିଣିପାରିବେ। ପୁଣି ୧୨ କିମ୍ବା ତା'ଠାରୁ ଅଧିକ ସ୍ଲାବର ଥିବା ଜିଏସ୍‌ଟି ସାମଗ୍ରୀ କିଣିବାକୁ ଏଥିରେ ସର୍ତ୍ତ ରଖାଯାଇଛି। ଅର୍ଥାତ୍ ଯଦି ସମ୍ପୃକ୍ତ କର୍ମଚାରୀଙ୍କ କୌଣସି ଔଷଧ କିମ୍ବା ଖାଦ୍ୟସାମଗ୍ରୀ କିଣିବାର ପ୍ରୟୋଜନ ରହିଥାଏ, ତାହାକୁ ସେ କିଣିପାରିବେ ନାହିଁ। ଅପରପକ୍ଷେ ସେହି ଅର୍ଥରେ ମୋବାଇଲ କିମ୍ବା ଟେଲିଭିଜନ ଭଳି ସାମଗ୍ରୀ କିଣିବେ। ଖାଉଟି ଖର୍ଚ୍ଚ ବଢ଼ାଇ ବଜାରକୁ ଚଳଚଞ୍ଚଳ କରିବା ଲାଗି ଏହି ଦୁଇ ପ୍ରକାର ଅର୍ଥକୁ ମିଶାଇଲେ ପରିମାଣ ୩୬ ହଜାର କୋଟି ଟଙ୍କା ରଖାଯାଇଛି। ଦେଖିବାକୁ ଗଲେ ଭାରତ ଭଳି ବୃହତ୍ ବଜାରକୁ ପ୍ରଭାବିତ କରିବାରେ ଏତିକି ମାତ୍ରାର ଅର୍ଥ ସମୁଦ୍ରକୁ ଶଙ୍ଖେ ଭଳି ଲାଗୁଛି। ପୁଣି ଖାଉଟି ଖର୍ଚ୍ଚ ବୃଦ୍ଧି ସରକାରଙ୍କ ସର୍ତ୍ତକୁ ମାନି କେତେ କର୍ମଚାରୀ ଯୋଜନାର ସୁବିଧା ନେବାକୁ ଆଗେଇ ଆସିବେ ତା' ଉପରେ ନିର୍ଭର କରୁଛି। ଘୋଷଣା ହୋଇଥିବା ପ୍ୟାକେଜର ଦ୍ୱିତୀୟ ଭାଗକୁ ଦେଖିଲେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକଳ୍ପରେ ଅର୍ଥ ବ୍ୟୟ କରାଯିବା ଲାଗି ଲକ୍ଷ୍ୟ ରଖାଯାଇଛି। ରାଜ୍ୟଗୁଡ଼ିକୁ ୫୦ ବର୍ଷର ସୁଧମୁକ୍ତ ଋଣ ବାବଦରେ ୧୨ ହଜାର କୋଟି ଟଙ୍କା ଦିଆଯିବ। ସେହିଭଳି କେନ୍ଦ୍ର ସରକାର ୨୫ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିପାରିବେ। ଏହି ଦୁଇଟି ଅର୍ଥର ଅଙ୍କକୁ ମିଶାଇଲେ ପରିମାଣ ହେଉଛି ମାତ୍ର ୩୭,୦୦୦ କୋଟି ଟଙ୍କା। ଏଠାରେ ରାଜ୍ୟଗୁଡ଼ିକୁ ୫୦ ବର୍ଷର ସୁଧମୁକ୍ତ ଋଣ କଥା ଯାହା କୁହାଯାଇଛି, ସେତିକି ବର୍ଷକୁ ଏବର ପିଢ଼ି ସମେତ ଭାରତୀୟ ଜନତା ପାର୍ଟିର ନେତାମାନେ ଥିବେ କି ନାହିଁ, କେହି କହିପାରିବେ ନାହିଁ। ଏଥିସହିତ ୫୦ ବର୍ଷ ମଧ୍ୟରେ ଏହି ଅର୍ଥରେ ବଜାର ମୂଲ୍ୟ କେତେ ଥିବ, ତାହା ମଧ୍ୟ କହିବା କଷ୍ଟକର। ପୁଣି ୧୨ ହଜାର କୋଟି ଟଙ୍କା ରାଜ୍ୟଗୁଡ଼ିକର କେଉଁ ଭିତ୍ତିଭୂମି ଓ ପ୍ରକଳ୍ପ ଲକ୍ଷ୍ୟ ପୂରଣ କରିବ ବୁଝିବା ମୁସ୍କିଲ। ଏଥିସହିତ ୫୦ ବର୍ଷ ମଧ୍ୟରେ ଏହି ଅର୍ଥର ବଜାର ମୂଲ୍ୟ କେତେ ଥିବ ତାହା ମଧ୍ୟ କହିହେଉ ନାହିଁ। ପୁଣି ଧାର୍ଯ୍ୟ କରାଯାଇଥିବା ଅର୍ଥରୁ କେଉଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ କେଉଁ ପ୍ରକଳ୍ପ ପାଇଁ କେତେ ପାଇବେ ଏହି ଘୋଷଣାରେ ସ୍ପଷ୍ଟ କରାଯାଇ ନାହିଁ। ସମ୍ଭବତଃ ଭାଜପା ଶାସିତ ରାଜ୍ୟଗୁଡ଼ିକ ବଡ଼ ଭାଗ ହାତେଇ ନେବେ। ଏଥିରୁ ବୁଝିବାକୁ ହେବ ଯେ, ଏହା ମଧ୍ୟ ଏକ ରାଜନୈତିକ ଚାଲ, ଏଥିରେ ଅର୍ଥନୀତିର ମଙ୍ଗଳ ମୁଖ୍ୟ ଲକ୍ଷ୍ୟ ନୁହେଁ।

ମେ' ୨୦୨୦ରେ କେନ୍ଦ୍ର ସରକାର ୨୦ ଲକ୍ଷ କୋଟି ଟଙ୍କାର 'ଆତ୍ମନିର୍ଭର ଭାରତ' ପ୍ୟାକେଜ ଘୋଷଣା କରିଥିଲେ। ତାହାର ଗତି କେଉଁଆଡ଼େ ହୋଇଛି କାହାରିକୁ ଜଣାନାହିଁ। ଏବର ଘୋଷଣାକୁ ବୁଝିବାରେ ଅନେକ ଦ୍ୱନ୍ଦ୍ୱ ରହିଛି। ଏନ୍‌ଡିଏ ସରକାର ଯେଉଁସବୁ ଯୋଜନା ଓ କାର୍ଯ୍ୟକ୍ରମ ଘୋଷଣା କରନ୍ତି, ତାହା ଶୁଣିବାକୁ ଭଲ ଲାଗିଥାଏ। କିନ୍ତୁ କାର୍ଯ୍ୟକାରୀ ଦିଗକୁ ଗଲା ବେଳେ ବାସ୍ତବ ସମସ୍ୟା ଉପୁଜେ। ସରକାରୀ କର୍ମଚାରୀଙ୍କ ବ୍ୟୟରେ ଭାରତୀୟ ବଜାର ଚଳଚଞ୍ଚଳ ହେବ ବୋଲି ସରକାର ଯାହା ଭାବୁଛନ୍ତି, ତାହା ହୃଦ୍‌ବୋଧ ହେଉ ନାହିଁ। କାରଣ ୧୫୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ କେନ୍ଦ୍ରୀୟ କର୍ମଚାରୀଙ୍କ ସଂଖ୍ୟା ରହିଛି ମାତ୍ର ୪୮ ଲକ୍ଷ ୩୪ ହଜାର। ତେଣୁ ପ୍ରତ୍ୟେକ କ୍ଷେତ୍ରକୁ ହିସାବ କରାଯାଇ ବାସ୍ତବ ଅର୍ଥନୈତିକ ପଦକ୍ଷେପ ନିଆଗଲେ ନିମ୍ନଗାମୀ ହୋଇଥିବା ଅର୍ଥନୀତିକୁ ଊର୍ଦ୍ଧ୍ୱମୁଖୀ କରିବା ଲାଗି ସୁଯୋଗ ମିଳିପାରନ୍ତା। କିନ୍ତୁ ବିପୁଳ ଅର୍ଥ ଯୋଗାଡ଼ କରିବାକୁ ଯାଇ କେନ୍ଦ୍ର ସରକାର ସବୁ ରେଳ ଷ୍ଟେଶନ, ବନ୍ଦର, ବିମାନ ବନ୍ଦରଠାରୁ ଆରମ୍ଭ କରି ଦେଶର ସବୁ ସମ୍ପତ୍ତି ଏବେ ବିକ୍ରି ହେବା ପାଇଁ ଆରମ୍ଭ ହୋଇଗଲାଣି। ଏଥିରୁ ବୁଝିବାକୁ ହେବ ଯେ, ସବୁକିଛି ବିକ୍ରି କରି ଅର୍ଥନୀତିକୁ ଉଠାଇବାର ଏହି ଆଳଙ୍କାରିକ ପ୍ୟାକେଜ ସମସ୍ୟାର ସମାଧାନ ଆଣି ନ ପାରେ।

# ହାଥ୍‌ରସର ଆଇନାରେ ମହିଳାଙ୍କ ସୁରକ୍ଷା



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ ଉତ୍ତର ପ୍ରଦେଶର ହାଥ୍‌ରସ ଗଣ ବଳାତ୍କାର ଓ ହତ୍ୟାର ବର୍ବରୋଚିତ ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଜଣେ ୧୯ ବର୍ଷୀୟା ଦଳିତ ଯୁବତୀଙ୍କୁ ତାଙ୍କରି ଗ୍ରାମର ଚାରି ଜଣ ଉଚ୍ଚ ଜାତିର ଯୁବକ ଗଣ ବଳାତ୍କାର କରିବା ସହିତ ତା'ର ମେରୁଦଣ୍ଡକୁ ଜୋରଦାର ଆଘାତ ଦେଇ ଭାଙ୍ଗି ଦେଇଥିଲେ। ସେ ଯେପରି ବଳାତ୍କାରୀଙ୍କ ନାମ କହିପାରିବେନି ସେଥିପାଇଁ ତାଙ୍କର ଜିଭକୁ ମଧ୍ୟ କାଟି ଦେଇଥିଲେ। ବଳାତ୍କାର ଓ ଆକ୍ରମଣଜନିତ ଭୟଙ୍କର ପୀଡ଼ା ଏବଂ ସରକାରୀ ଅବହେଳାର ପରିଣାମ ସ୍ୱରୂପ ପୀଡ଼ିତା ଯୁବତୀ ଶେଷରେ ନିଜର ପ୍ରାଣ ହରାଇଛନ୍ତି।

ହାଥ୍‌ରସ ଘଟଣା ଦେଶରେ ମହିଳା ବିରୋଧୀ ହିଂସାର ପ୍ରଥମ କିମ୍ବା ଶେଷ ଘଟଣା ନୁହେଁ। ଏହା ପୂର୍ବରୁ ବି ଅନ୍ୟ ସରକାରଙ୍କ ସମୟରେ ବଳାତ୍କାରର ଅନେକ ଲୋମହର୍ଷଣକାରୀ ଘଟଣା ଦେଖିବାକୁ ମିଳିଛି। କିନ୍ତୁ ହାଥ୍‌ରସ ଘଟଣାରେ ମହିଳାଙ୍କ ସୁରକ୍ଷା ପାଇଁ ନିୟୋଜିତ ପୋଲିସ ଓ ପ୍ରଶାସନ ଯେପରି ଖୋଲାଖୋଲି ଭାବେ ବଳାତ୍କାରୀଙ୍କ ସହିତ ଠିଆ ହେଲା, ତାହା ପୂର୍ବରୁ ହୋଇ ନ ଥିଲା। ତେବେ କେବଳ ହାଥ୍‌ରସ କାହିଁକି ଜମ୍ମୁର କଠୁଆଠାରୁ ଆରମ୍ଭ କରି ଉନାଓ ପର୍ଯ୍ୟନ୍ତ ସରକାରରେ ଥିବା ଲୋକେ ଏବଂ ସେମାନଙ୍କ ଶାସନକଳ ଖୋଲାଖୋଲି ଭାବେ ଅପରାଧୀଙ୍କ ପକ୍ଷରେ ଠିଆ ହୋଇ ନିଜର ନାରୀ ବିରୋଧୀ ଚରିତ୍ରକୁ ଉଜାଗର କରିଛନ୍ତି। ଅପରାଧୀମାନଙ୍କ ପକ୍ଷରେ ଖୋଲାଖୋଲି ଭାବେ ଠିଆ ହେବାର ଏକ ପ୍ରଣାଳୀ ତିଆରି କରି ଦିଆଯାଇଛି। ପୀଡ଼ିତା ତା'ର ମୃତ୍ୟୁକାଳୀନ ଜମାନବନ୍ଦୀରେ ବଳାତ୍କାରକୁ ସ୍ୱୀକାର କରିବା ସହିତ ଅପରାଧୀଙ୍କ ନାମ ପ୍ରକାଶ କରିଥିବା ବେଳେ ରାଜ୍ୟ ପୋଲିସ ଏବଂ ଶାସକ ଦଳର ନେତାମାନେ ବଳାତ୍କାର ହୋଇନି କହି ନିର୍ଲଜ୍ଜତାର ସବୁ ସୀମାକୁ ପାର କରିଛନ୍ତି।

ହାଥ୍‌ରସ ମାମଲାରେ ଯଦି ସ୍ଥାନୀୟ ପୋଲିସ ଓ ପ୍ରଶାସନ ପ୍ରଥମରୁ ହିଁ ପୀଡ଼ିତା ପ୍ରତି ହୋଇଥିବା ବୀଭତ୍ସ ଅପରାଧ ଓ ଆଘାତକୁ ହୃଦୟଙ୍ଗମ କରି ସମ୍ବେଦନଶୀଳ ହୋଇଥାନ୍ତା, ହୁଏତ ଆଜି ଯୁବତୀକୁ ବଞ୍ଚାଯାଇ ପାରିଥାନ୍ତା। ଗଣ ବଳାତ୍କାର ଓ ଭୟଙ୍କର ଆଘାତର ଶିକାର ହୋଇ ରକ୍ତାକ୍ତ ଅବସ୍ଥାରେ ଥାନାକୁ ଆସିଥିବା ପୀଡ଼ିତାକୁ ପୋଲିସ ଆଶୁ ଚିକିତ୍ସାର ବ୍ୟବସ୍ଥା କଲାନାହିଁ। ଏଭଳି ମାମଲାରେ ଆଇନର ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ ମକଦ୍ଦମା ରୁଜୁ କରାଗଲାନି, ଘଟଣାର ଦଶ ଦିନ ପରେ ମିଡିଆରେ ଚର୍ଚ୍ଚିତ ହେବା ପରେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଗଲା। ସବୁଠାରୁ ଉଦ୍‌ବେଗର ବିଷୟ ହେଲା, ଅପରାଧୀଙ୍କ ପକ୍ଷରେ ଠିଆ ହୋଇଥିବା ପ୍ରଶାସନ ଅପରାଧକୁ ଲୁଚେଇବା ପାଇଁ ପୀଡ଼ିତାର ପରିବାର ଉପରେ ଲଗାତର ଚାପ ପକାଇବା ସହିତ ପରିବାରର ସହମତି ବିନା ମୃତଦେହକୁ ରାତି ଅଧିଆ ପୋଡ଼ି ଦିଆଗଲା। ଏପରି କି ନିଜର ଦୋଷ ଲୁଚେଇବା ପାଇଁ ପ୍ରଶାସନ ପୀଡ଼ିତାର ପରିବାର ଉପରେ ଅନାବଶ୍ୟକ କଟକଣା ଏବଂ ଘେରାବନ୍ଦୀ କରି ସେମାନେ ଯେପରି ରାଜନୈତିକ ଦଳ ଓ ମିଡିଆ ଲୋକଙ୍କୁ ଭେଟିପାରିବେନି ତା'ର ବ୍ୟବସ୍ଥା ମଧ୍ୟ କଲା।

ହାଥ୍‌ରସ ପରି ଘଟଣାକୁ ନେଇ ଦେଶବ୍ୟାପୀ ବ୍ୟାପକ ପ୍ରତିକ୍ରିୟା ସତ୍ତ୍ୱେ ଦେଶରେ ମହିଳାଙ୍କ ବିରୋଧରେ ହିଂସାର ଅପରାଧ କମିବା ପରିବର୍ତ୍ତେ ବଢ଼ିବା ଦେଖାଯାଉଛି। ଦୁଇ ବର୍ଷ ତଳେ ଥୋମାସ ରଏଟର୍ସ ଫାଉଣ୍ଡେଶନ୍‌ର ସର୍ଭେରେ ମହିଳାଙ୍କ ସୁରକ୍ଷା ଦୃଷ୍ଟିରୁ ଭାରତକୁ ବିଶ୍ୱର ଅତ୍ୟନ୍ତ ବିପଦପୂର୍ଣ୍ଣ ଦେଶ ବୋଲି ଦର୍ଶାଯାଇଥିଲା। ନିକଟରେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ୨୦୧୯ର ରିପୋର୍ଟ ଅନୁଯାୟୀ ଦେଶରେ ମହିଳା ବିରୋଧୀ ଅପରାଧ ହାର ପୂର୍ବ ବର୍ଷ ତୁଳନାରେ ୭ପ୍ରତିଶତ ବଢ଼ିଛି। ଗତବର୍ଷ ମହିଳାଙ୍କୁ ଅସଦାଚରଣର ଚାରି ଲକ୍ଷ ମାମଲା ରୁଜୁ ହୋଇଥିବା ବେଳେ ଦୈନିକ ୨୦ ଜଣ ମହିଳା ଯୌତୁକଜନିତ ହତ୍ୟାର ଶିକାର ହେଉଛନ୍ତି। ଦେଶରେ ପ୍ରତି ୧୫ ମିନିଟରେ ଗୋଟିଏ ବଳାତ୍କାର ଓ ପ୍ରତି ପାଞ୍ଚ ମିନିଟରେ ଜଣେ ମହିଳା ଘରୋଇ ହିଂସାର ଶିକାର ହେଉଛନ୍ତି। ବଳାତ୍କାର ଘଟଣା ମୋଟ ମହିଳା ବିରୋଧୀ ଅପରାଧର ୧୦ପ୍ରତିଶତ ରହିଥିବା ବେଳେ ମାତ୍ର ୩୦ପ୍ରତିଶତ କମ୍ ମାମଲାରେ ହିଁ ଦଣ୍ଡବିଧାନ ହେଉଥିବା ଜଣାପଡ଼ିଛି। ତେବେ ଆନୁଷ୍ଠାନିକ ଭାବେ ଯେତିକି ମାମଲା ଥାନାରେ ରୁଜୁ ହେଉଛି ତା'ଠାରୁ ଢେର ଅଧିକ ଅପରାଧ ଘଟୁଥିବା ଜଣାପଡ଼ିଛି। ଯେହେତୁ ଅପରାଧୀମାନେ ସାଧାରଣତଃ ପୀଡ଼ିତାର ନିକଟ ସମ୍ପର୍କୀୟ ଅଥବା ପରିଚିତ ଥାଆନ୍ତି ଏବଂ ତଥାକଥିତ ଲୋକଲଜ୍ଜା ଭୟରେ ଅନେକ କ୍ଷେତ୍ରରେ ପୀଡ଼ିତା ତରଫରୁ ଥାନାରେ ଏତଲା ଦିଆଯାଇ ନ ଥାଏ।

ଦିଲ୍ଲୀର ନିର୍ଭୟା ବା ଜମ୍ମୁର କଠୁଆ ଅଥବା ହାଇଦ୍ରାବାଦ କିମ୍ବା ହାଥ୍‌ରସର ଗଣ ବଳାତ୍କାର ଓ ହତ୍ୟାର ନୃଶଂସ ଘଟଣା ପରେ ବଳାତ୍କାର ପାଇଁ ଦଣ୍ଡକୁ ଆହୁରି କଠୋର କରିବାକୁ ଦାବି ହୋଇଥାଏ। ତେବେ ବାରମ୍ବାର ଏଭଳି ଘଟଣାରେ ଆତଙ୍କିତ ତଥା ଦେଶର ଆଇନ ବ୍ୟବସ୍ଥାର ବିଫଳତାରେ ବୀତସ୍ପୃହ ମଧ୍ୟବିତ୍ତ ଲୋକଙ୍କ ମଧ୍ୟରେ ଫାଶୀଦଣ୍ଡ ହିଁ ଏଭଳି ଅପରାଧକୁ ରୋକିପାରିବ ବୋଲି ଏକ ପ୍ରକାର ଧାରଣା ସୃଷ୍ଟି ହୋଇଥାଏ। କିନ୍ତୁ ଫାଶୀଦଣ୍ଡ ଦେଲେ ଯେ ବଳାତ୍କାର ରୋକିହେବ ଏହାର କୌଣସି ନଜିର ବା ତଥ୍ୟପୂର୍ଣ୍ଣ ଅଧ୍ୟୟନ ଆମ ସାମନାରେ ନାହିଁ। ତେବେ ସମସ୍ୟାଟି ଆଇନକୁ ଅଧିକ କଡ଼ା କିମ୍ବା କଠୋର କରିବାରେ ନୁହେଁ ବରଂ ଆଇନକୁ କାର୍ଯ୍ୟକାରୀ କରୁଥିବା ଆମର ପୋଲିସ ବ୍ୟବସ୍ଥା ଏବଂ ବିଚାର ବ୍ୟବସ୍ଥାରେ ନିହିତ ରହିଛି। ମହିଳା ବିରୋଧୀ ଅପରାଧକୁ ରୋକିବାକୁ ହେଲେ ପୋଲିସ ଓ ବିଚାର ବିଭାଗରେ ଲିଙ୍ଗଗତ ସମ୍ବେଦନଶୀଳତା ସୃଷ୍ଟି ହେବା ଜରୁରୀ।

ଯୌନହିଂସା, ବିଶେଷ କରି ନାବାଳିକା ବଳାତ୍କାର ପରି ଅପରାଧର ତଦନ୍ତ ପାଇଁ ଥାନାରେ ଆବଶ୍ୟକୀୟ ଅଧିକାରୀଙ୍କ ଅଭାବ, ଅଧିକାରୀଙ୍କ ମଧ୍ୟରେ ଲିଙ୍ଗଗତ ଅପରାଧ ନେଇ ସମ୍ବେଦନଶୀଳତାର ଅଭାବ, କୋର୍ଟରେ ଆବଶ୍ୟକୀୟ ବିଚାରପତିଙ୍କ ଅଭାବ ଉଭୟ ତଦନ୍ତ ଓ ବିଚାର ପ୍ରକ୍ରିୟାକୁ ପ୍ରଭାବିତ କରୁଛି। ଅତଏବ ମହିଳା ବିରୋଧୀ ହିଂସାକୁ ରୋକିବାକୁ ହେଲେ ଆମର ନ୍ୟାୟ ବିଚାର ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ହେବା ଦରକାର, ଯେଉଁଥିରେ ଅପରାଧୀ ବିରୋଧରେ ମକଦ୍ଦମା ଦାଏର ହେବାଠାରୁ ତା'ର ନିରପେକ୍ଷ ତଦନ୍ତ, ଯଥାଶୀଘ୍ର ବିଚାର ଏବଂ ଦଣ୍ଡବିଧାନକୁ ନିଶ୍ଚିତ କରାଯାଇପାରିବ।

ମହିଳା ବିରୋଧୀ ହିଂସା କ୍ଷେତ୍ରରେ ସମସ୍ୟାଟି କେବଳ ଅପରାଧୀର ଦଣ୍ଡ ବିଧାନରେ ସୀମିତ ନୁହେଁ, ଏହା ପଛରେ ରହିଥିବା ସବୁଠାରୁ ବଡ଼ କାରଣଟି ହେଉଛି ଆମ ସମାଜ ଓ ତା'ର ଶାସନ ବ୍ୟବସ୍ଥାରେ ରହିଥିବା ପୁରୁଷବାଦୀ ବିଚାର ଏବଂ ବଳାତ୍କାରୀ ସଂସ୍କୃତି। ମହିଳାଙ୍କ ସମାନ ସ୍ଥିତି ଏବଂ ସ୍ୱାଧୀନତାକୁ ଅସ୍ୱୀକାର କରିବା ଆମର ସାମାଜିକ, ଧାର୍ମିକ ଏବଂ ପାରିବାରିକ ମୂଲ୍ୟବୋଧରେ ଗଭୀର ଭାବେ ନିହିତ ରହିଛି। ଏହି କାରଣରୁ ହିଁ ଆମର ପରିବାରଠାରୁ ଆରମ୍ଭ କରି ଶାସନ ବ୍ୟବସ୍ଥା ପର୍ଯ୍ୟନ୍ତ ସବୁଠି ଲିଙ୍ଗଗତ ଭେଦଭାବକୁ ନେଇ ସମ୍ବେଦନହୀନତାର ଏକ ଭୟଙ୍କର ଚିତ୍ର ଦେଖିବାକୁ ମିଳିଥାଏ। କନ୍ୟାଭ୍ରୂଣ ହତ୍ୟାଠାରୁ ଆରମ୍ଭ କରି ବୈବାହିକ ବଳାତ୍କାର ପର୍ଯ୍ୟନ୍ତ ପ୍ରତ୍ୟେକଟି ମହିଳା ବିରୋଧୀ ଅପରାଧକୁ ସମାଜରେ ସ୍ୱୀକୃତି ମିଳିବା ପଛରେ ଉପରୋକ୍ତ ନାରୀ ବିରୋଧୀ ବିଚାର ଯେ ରହିଛି ସେଥିରେ ସନ୍ଦେହ ନାହିଁ।

ମହିଳା ବିରୋଧୀ ହିଂସାର ଚେରଟି ଆମର ପରିବାର, ସମାଜ ଏବଂ ଶାସନ ବ୍ୟବସ୍ଥାରେ ନିହିତ ରହିଛି। ଅତଏବ ସର୍ବ ପ୍ରଥମେ ପରିବାର ଓ ଶିକ୍ଷାନୁଷ୍ଠାନରେ ଛୋଟ ବେଳରୁ ହିଁ ପୁଅମାନଙ୍କୁ ଲିଙ୍ଗଗତ ସମାନତା ପ୍ରତି ସଚେତନ ଏବଂ ଯତ୍ନଶୀଳ କରିବା ଜରୁରୀ। ସେମାନେ ଝିଅମାନଙ୍କଠାରୁ ଅଧିକ ନୁହନ୍ତି ବରଂ ସମାନ ବୋଲି ଯେପରି ମନେ କରିବେ ଏବଂ ସେମାନଙ୍କ ସ୍ୱାଧୀନତା ପ୍ରତି ସମ୍ମାନ ପ୍ରଦର୍ଶନ କରିବେ, ସେଇଥିପାଇଁ ପ୍ରଶିକ୍ଷିତ କରିବା ଦରକାର। ପରିବାରରେ ଓ ବାହାରେ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସମାନ ସୁଯୋଗ ଏବଂ ଅଧିକାରକୁ ସୁନିଶ୍ଚିତ କରିବା ଦରକାର। ନିଜର ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ପରିସରରେ ଲିଙ୍ଗଗତ ସମାନତାକୁ ସୁନିଶ୍ଚିତ କରିବାକୁ ଆବଶ୍ୟକସ୍ଥଳେ ସ୍ୱର ଉତ୍ତୋଳନ କରିବା ଦରକାର। ଆମର ପ୍ରଥା, ପରମ୍ପରା, ଭାଷା ଏବଂ ସଂସ୍କୃତିରେ ରହିଥିବା ମହିଳା ବିରୋଧୀ ବିଚାରକୁ ପ୍ରଶ୍ନ କରିବାର ଆବଶ୍ୟକତା ରହିଛି। ବୋଧହୁଏ ସେପରି କରି ହିଁ ଆମେ ସମାଜରେ ମହିଳା ବିରୋଧୀ ହିଂସା ସହିତ ତାକୁ ପ୍ରତିପାଳିତ କରୁଥିବା ପ୍ରତିକ୍ରିୟାଶୀଳ ବିଚାରକୁ ପ୍ରତିହତ କରିପାରିବା।

ମୋ :୯୪୩୭୧୬୬୩୯୧

# କେବେ ପାଇବୁ କରୋନା ଟିକା



ଲଳିତେନ୍ଦୁ ପଲାଉରୀ

କେବେ କରୋନା ମହାମାରୀ କବଳରୁ ବିଶ୍ୱକୁ ମୁକ୍ତି ମିଳିବ? କେବେ ସାଧାରଣରେ ଉପଲବ୍ଧ ହେବ କରୋନା ଟିକା? ଏଭଳି ଅନେକ ପ୍ରଶ୍ନ କେବଳ ମୁଁ କି ଆପଣ ନୁହନ୍ତି ବିଶ୍ୱର ଅଧିକାଂଶ ଦେଶବାସୀଙ୍କ ମନରେ ବାରମ୍ବାର ଆସୁଛି। ଏହି ମହାମାରୀରୁ ସମ୍ପୂର୍ଣ୍ଣ ଆରୋଗ୍ୟ ବା ଏହାର ନିରାକରଣ ପାଇଁ ଏଯାଏ ଶତ ପ୍ରତିଶତ ଔଷଧ କିମ୍ବା ଟିକା ବାହାରିନି। ଦିନରାତି କରୋନା ଟିକାର ଗବେଷଣା ଜାରି ରହିଛି। କିନ୍ତୁ ଆମେ ନିଶ୍ଚୟ କହିପାରିବା ଯେ ଏଯାଏ କରୋନା ଟିକା ନେଇ ଠିକ୍ ଉପନୀତରେ କେହି ବି ପହଞ୍ଚି ନାହାନ୍ତି। ଟିକାର ମାନବୀୟ ପରିକ୍ଷଣ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଜାରି ରହିଛି। ତେବେ ରୁଷିଆ ତିଆରି କରିଥିବା ଟିକା ସ୍ପୁଟ୍‌ନିକ୍ – ଭି ବିଶ୍ୱବାସୀଙ୍କ ବିଶ୍ୱାସ ଜିଣିପାରିନି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହା ଉପରେ ପୂର୍ଣ୍ଣମାତ୍ରାରେ ଭରସା ମଧ୍ୟ କରିପାରୁନି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିଜ ଦେଶବାସୀଙ୍କ ମନରେ ବିଶ୍ୱାସ ଆଣିବାକୁ ନିଜ ଝିଅକୁ ଏହି ଟିକା ଦେଇଥିବା ସର୍ବସାଧାରଣରେ ଘୋଷଣା କରିଛନ୍ତି। ଏହାସହ ରୁଷିଆର ଶିଳ୍ପମନ୍ତ୍ରୀ ଡେନିସ୍ ମଣ୍ଟୁରୋଭ, ମସ୍କୋର ମେୟର ସେର୍ଗି ସୋବ୍ୟାନିନ୍ ଓ ରୁଷିଆ ଫର୍ଟିଲାଇଜର କମ୍ପାନୀର ସିଇଓ ଏହି ଟିକା ନେଇଥିବା କହିଛନ୍ତି। ସ୍ପୁଟ୍‌ନିକ୍-ଭି ସେମାନଙ୍କୁ କୌଣସି କ୍ଷତି ପହଞ୍ଚାଇ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ତେବେ ସ୍ପୁଟ୍‌ନିକ- ଭି'ର ମାନବ ପରୀକ୍ଷଣ ତୃତୀୟ ପର୍ଯ୍ୟାୟରେ ଏବେ ବି ଜାରି ରହିଛି। ରୁଷିଆର ବିରୋଧୀ ରାଷ୍ଟ୍ର ହୁଅନ୍ତୁ ବା ପଡୋଶୀ ରାଷ୍ଟ୍ର ରୁଷିଆ ଟିକାକୁ ସେମାନେ ବିଶ୍ୱାସକୁ ନେଇ ନାହାନ୍ତି। ଏହି ଟିକା ବ୍ୟବହାର କରିବେନି ବୋଲି ସିଧା ମନା କରିଦେଇଛନ୍ତି।

କରୋନା ମହାମାରୀକୁ ସାରାବିଶ୍ୱରୁ ଦୂର କରିବାକୁ ଟିକା ହିଁ ଏକମାତ୍ର ଉପାୟ। ବିଶ୍ୱରେ ୪୦ରୁ ଅଧିକ କରୋନା ଟିକାର ମାନବୀୟ ପରୀକ୍ଷଣ ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରୁଛି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରୀକ୍ଷଣ ଚାଲିଥିବା ଟିକା ଏବେ ସବୁଠାରୁ ଆଡଭାନ୍ସ ଷ୍ଟେଜରେ ରହିଛି। ୨୪୦ରୁ ଅଧିକ ଟିକାର ପରୀକ୍ଷଣ ଏବେ ବି ପ୍ରାରମ୍ଭିକ ସ୍ତରରେ ଚାଲିଛି। ୪୦ଟିରେ କ୍ଲିନିକାଲ ଟ୍ରାଏଲ୍ ସହ ୯ଟି ଟିକା ବର୍ତ୍ତମାନ ପରୀକ୍ଷଣର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ଟିକା ମଣିଷ ଦେହରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ଅନେକାଂଶରେ ସାହାଯ୍ୟ କରୁଥିବା ଗବେଷଣାରୁ ପ୍ରମାଣ ମିଳିଛି। ପ୍ରଥମେ ବ୍ରିଟେନ୍ କେବଳ ୧୦୦ନିୟୁତ ଲୋକଙ୍କୁ ଏହାର ପ୍ରଥମ ଡୋଜ୍ ଦେବାକୁ ସ୍ଥିର କରିଛି। ଆମ ଦେଶରେ ସେରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଭାରତ ବାୟୋଟେକ୍ ସହ ବହୁ ବାୟୋଟେକ୍ ଫାର୍ମ ଟିକା ଗବେଷଣା ଜାରି ରଖିଥିଲେ ମଧ୍ୟ ସେମିତି କିଛି ଉନ୍ନତି ପରିଲକ୍ଷିତ ହୋଇନି। ଭାରତର ବିଭିନ୍ନ ସହରରେ ହୋଇଥିବା ସେରୋଲୋଜିକାଲ ସର୍ଭେ ରିପୋର୍ଟ ଅଧିକ ଚିନ୍ତା ବଢାଇଛି। ଲୋକଙ୍କ ଦେହରେ ଆଣ୍ଟିବଡିର ବିକାଶ ଆଶା ଅନୁସାରେ ହେଉ ନ ଥିବା ସେରୋ ସର୍ଭେରୁ ଜଣାପଡିଛି। ତେବେ କରୋନା ଟିକା ପ୍ରସ୍ତୁତି ପାଇଁ ଅତି ବେଶିରେ ଆଉ ବର୍ଷେ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି। ଗବେଷକଙ୍କ ମତ ୨୦୨୧ ମଧ୍ୟ ଭାଗରେ କରୋନା ଟିକା ସର୍ବସାଧାରଣରେ ମିଳିପାରିବ। ତେବେ ଭୂତାଣୁ ତା'ର ରୂପ ବଦଳାଉଥିବାରୁ ବର୍ତ୍ତମାନ ମାନବୀୟ ପରୀକ୍ଷଣ ଚାଲିଥିବା ଟିକା ଲୋକଙ୍କୁ କେତେ ସାହାଯ୍ୟ କରିପାରିବ ତା' ଏବେଠୁ କହିବା ମୁସ୍କିଲ। ପ୍ରଥମରେ ଏହା ନିଶ୍ଚିତ ହେବା ଜରୁରୀ ଯେ କରୋନା ଟିକା ସମ୍ପୂର୍ଣ୍ଣ ସୁରକ୍ଷିତ ଓ ରୋଗୀକୁ ଯେମିତି ଦୀର୍ଘଦିନ ଯାଏ ଏହି ଟିକା ସଂକ୍ରମଣରୁ ରୋକିବାରେ ସହାୟକ ହୋଇପାରୁଥିବ। ଟିକା ରୋଗୀ ଦେହରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା କ୍ଷମତା ରଖିଥିବା ଜରୁରୀ। ଏହା ସମସ୍ତଙ୍କ ପାଇଁ ଏବଂ ଲୋକେ କିଭଳି ସହଜରେ ପାଇପାରିବେ ସେନେଇ ବ୍ୟବସ୍ଥା ହେବା ଆବଶ୍ୟକ।

କିଛିଦିନ ତଳେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି, କୋଭିଡ୍-୧୯ ଟିକା ୨୦୨୧ର ପ୍ରଥମ ୩ମାସ ମଧ୍ୟରେ ଉପଲବ୍ଧ ହେବ। ଟିକା ଆଶା ନେଇ ସାଧାରଣ ଲୋକଙ୍କ ପ୍ରଶ୍ନର ଉତ୍ତର ପାଇଁ ଭାରତୀୟ ସ୍ୱାସ୍ଥ୍ୟ ଗବେଷଣା ପରିଷଦ ବା ଆଇସିଏମ୍‌ଆର୍ ସହ ଏକ ଅନଲାଇନ୍ ପୋର୍ଟାଲ ଉନ୍ମୋଚିତ କରିଛନ୍ତି। ଟିକା ଗବେଷଣାର ବିକାଶ ସମ୍ବନ୍ଧରେ ସାଧାରଣ ଲୋକେ ଏଥିରୁ ସମସ୍ତ ତଥ୍ୟ ପାଇପାରିବେ। ଏହି ପୋର୍ଟାଲରେ ଆମ ଦେଶରେ ବିକଶିତ ହେଉଥିବା ୩ଟି ଟିକା ଯଥା କୋଭିସିଲ୍ଡ, କୋଭାକ୍ସିନ୍ ଏବଂ ଜାଇକୋଭ-ଡି ସମ୍ପର୍କରେ ସମସ୍ତ ତଥ୍ୟ ରଖାଯିବା ସହ ଏହାର ମାନବୀୟ ପରୀକ୍ଷଣ ନେଇ ତଥ୍ୟ ରଖାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ଟିକା ଉତ୍ପାଦନ ବ୍ୟାପକ ପରିମାଣରେ ହେବା ସହ ଏହା ଯେପରି ସମସ୍ତଙ୍କୁ ସୁବିଧାରେ ମିଳିପାରିବ ସେନେଇ ମଧ୍ୟ ବ୍ୟବସ୍ଥା ହେଉଛି।

ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆ ପକ୍ଷରୁ କୋଭିସିଲ୍ଡର ତୃତୀୟ ପର୍ଯ୍ୟାୟ ମାନବୀୟ ପରୀକ୍ଷଣ ଶେଷ ହୋଇଛି। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପ୍ରଥମେ ଟିକାର ୧୦୦କୋଟି ଡୋଜ୍ ଭାରତୀୟଙ୍କ ପାଇଁ ଏବଂ ୯୨କୋଟି ଡୋଜ୍ ଅନ୍ୟ ଗରିବ ରାଷ୍ଟ୍ର ପାଇଁ ପ୍ରସ୍ତୁତି ଚଳାଇଛି। ଆଇସିଏମ୍‌ଆର୍ ତଥ୍ୟ ଅନୁସାରେ ଭାରତ ବାୟୋଟେକ୍ ଦ୍ୱାରା କୋଭାକ୍ସିନ, ଅକ୍ସଫୋର୍ଡର କୋଭିଡ ସିଲ୍ଡ ଏବଂ ଜାୟଡୁସ୍ କାଡିଲା ଦ୍ୱାରା ଜାଇକୋଭ-ଡି'ର ପରୀକ୍ଷଣ ଜୋରଦାର ଆଗେଇ ଚାଲିଛି। ସାରା ବିଶ୍ୱରେ ୧୯୧ଟି କୋଭିଡ-୧୯ ଟିକା ଏବେ ବିକାଶ ସ୍ଥିତିରେ ରହିଛି। ଏଥିମଧ୍ୟରୁ ୪୧ଟି ଟିକା ପରୀକ୍ଷଣ ସହ କ୍ଲିନିକାଲ ଇଭାଲୁଏସନ୍ ସ୍ତରରେ ପହଞ୍ଚିଛି। ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି, ୩ ପର୍ଯ୍ୟାୟ ମାନବୀୟ ପରୀକ୍ଷଣ ସ୍ତରରେ ପହଞ୍ଚିଥିବା ଦେଶ ମଧ୍ୟରେ ରୁଷିଆର ମସ୍କୋରେ ଥିବା ଗମାଲିୟା ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ସ୍ପୁଟ୍‌ନିକ -ଭି ଆଗେଇ ଚାଲିଛି। ଚାଇନାର ୩ଟି ବାୟୋ କ୍ଲିନିକାଲ ଫାର୍ମ ଦ୍ୱାରା ଟିକାର ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷଣ ସରିଛି। ସର୍ବସାଧାରଣଙ୍କ ବ୍ୟବହାର ପୂର୍ବରୁ ୧୦୦୦ ସ୍ୱେଚ୍ଛାସେବୀଙ୍କଠାରେ ମାନବୀୟ ପରୀକ୍ଷଣ କରିଛି ଚାଇନା। ଆମେରିକା ମଧ୍ୟ ଟିକା ଗବେଷଣାରେ ବହୁ ଆଗରେ ରହିଛି। ମଡେର୍ନାର ସିଇଓ ଷ୍ଟିପେନ୍ ବାନସିଲ ଫାଇନାନସିଆଲ ଟାଇମକୁ ସାକ୍ଷାତ୍‌କାର ବେଳେ କହିଛନ୍ତି ଆଗାମୀ ମାର୍ଚ୍ଚ ସୁଦ୍ଧା ସମସ୍ତ ଆମେରିକୀୟଙ୍କୁ କୋଭିଡ ଟିକା ଦେବା ସମ୍ଭବ ଭଳି ଲାଗୁନି। ତେବେ ମାନବୀୟ ପରୀକ୍ଷଣରୁ ଜଣାପଡିଛି, ଆମେରିକାର ମଡେର୍ନା ଦ୍ୱାର ବିକଶିତ ଟିକା ଲୋକଙ୍କ ଦେହରେ ଭାଇରାଲ ପ୍ରୋଟିନ୍ ସୃଷ୍ଟି କରିବାର କ୍ଷମତା ରଖିଛି। ୨୦୨୧ ଆରମ୍ଭରୁ ମଡେର୍ନା ୫୦୦ ମିଲିୟନରୁ ୧ ବିଲିୟନ୍ ଟିକା ବାଣ୍ଟିବାକୁ ଯୋଜନା କରିଛି। ଆମେରିକାର ଆଉ ଏକ ବାୟୋଟେକ୍ କମ୍ପାନୀ ନୋଭାଭାକ୍ସ ୧୮ବର୍ଷରୁ ୮୪ବର୍ଷ ବୟସ୍କ ବର୍ଗରେ ପ୍ରାୟ ୧୦,୦୦୦ ଲୋକଙ୍କଠାରେ ଟିକାର ମାନବୀୟ ପରୀକ୍ଷଣ ଆରମ୍ଭ କରିଛି। ସେମାନଙ୍କ ମଧ୍ୟରେ ୬୫ ପ୍ରତିଶତଙ୍କ ବୟସ ୬୫ବର୍ଷରୁ ଅଧିକ। ସେହିଭଳି ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ବା ଏମ୍ସର ନିର୍ଦ୍ଦେଶକ ଆଶା ପ୍ରକାଶ କରିଛନ୍ତି ଯେ, ୨୦୨୧ ଜାନୁୟାରୀ ସୁଦ୍ଧା ଆମଦେଶରେ ଏକ ଫଳପ୍ରଦ କୋଭିଡ୍ ଟିକା ଉପଲବ୍ଧ ହେବ।

ବାଲିପଟ୍ଟାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୩୬

## ଏଇ ଭାରତରେ

ମୁଷ୍ଟିମେୟ ଲୋକଙ୍କ ଜବରଦଖଲରେ ଥିବା ଆଦିବାସୀମାନଙ୍କ ଜମି ଫେରାଇ ଆଣିବା ଲାଗି ଅଭିଯାନ ଜାରି ରଖିଛନ୍ତି ସବ୍‌ନମ ଶାହା। ରହନ୍ତି ମଧ୍ୟପ୍ରଦେଶ ଅଶୋକନଗର ଜିଲା ମୁଙ୍ଗାଓଲି ଗାଁରେ। ସବ୍‌ନମ ଏକତା ପରିଷଦ ମାଧ୍ୟମରେ ଏବେସୁଦ୍ଧା ୧୪୦୦ ଆଦିବାସୀ ପରିବାରକୁ ସାହାଯ୍ୟ କରିଛନ୍ତି। ଏମାନେ ସମସ୍ତେ ସହରିୟା ଜନଜାତିର ଲୋକ। କୌଣସି ଧମକକୁ ଖାତିର ନ କରି ବେଆଇନ ଭାବେ ଦଖଲ କରିଥିବା ପ୍ରଭାବଶାଳୀ ଲୋକଙ୍କ କବ୍‌ଜାରୁ ଜମି ମୁକୁଳାଇ ଆଦିବାସୀମାନଙ୍କୁ ଦେଉଛନ୍ତି। ଏହା ସହ ଦୁଇପରିବାର ମଧ୍ୟରେ ଥିବା ଜମି ବିବାଦର ସମାଧାନ ମଧ୍ୟ ତହସିଲରେ କରୁଛନ୍ତି। ୧୮ ବର୍ଷ ବୟସରେ ଏକତା ପରିଷଦରେ ଯୋଗ ଦେଇ ଏବେ ସେ ଜିଲା ସଂଯୋଜକ ହୋଇପାରିଛନ୍ତି। ସବ୍‌ନମଙ୍କୁ ବୟସ ୩୦। କଳାରେ ଡିଗ୍ରୀ ହାସଲ କରିଛନ୍ତି। ନିକଟରେ ତାଙ୍କୁ ଓମେନ ୱାର୍ଲ୍ଡ ସମିଟ୍ ଫାଉଣ୍ଡେଶନ( ଡବ୍ଲ୍ୟୁଡବ୍ଲ୍ୟୁଏସ୍‌ଏଫ୍) 'ପ୍ରାଇଜ ଫର୍ ଓମେନସ୍ କ୍ରଏଟିଭିଟି ଇନ୍ ରୁରାଲ ଲାଇଫ୍' ସମ୍ମାନରେ ସମ୍ମାନିତ କରାଯାଇଛି। ସବ୍‌ନମ ଆଦିବାସୀ ଗାଁଗୁଡିକୁ ଯାଇ ପ୍ରଥମେ ଗ୍ରାମସଭାରେ ଜମିର କାଗଜପତ୍ର ଦେଖିବା ପରେ ତାହାକୁ ପଞ୍ଚାୟତ ବା ପ୍ରଶାସନିକ କିମ୍ବା ନ୍ୟାୟିକ ସ୍ତରରେ ସମାଧାନ କରୁଛନ୍ତି। ଏପରି କି ପ୍ରଶାସନିକ ସ୍ତରରେ ବିଳମ୍ବ ହେଲେ ସେ ର୍‌ୟାଲି ମାଧ୍ୟମରେ ଏହା ପ୍ରତିବାଦ କରିଥାନ୍ତି। ଆଦିବାସୀମାନଙ୍କ ଜମି ମୁକୁଳାଇବା ପରେ ସେଥିରେ ସେମାନଙ୍କୁ ଜୈବିକ କୃଷି କରିବାକୁ ଉତ୍ସାହିତ କରିବା ସହ ସାହାଯ୍ୟ ସହଯୋଗ ଯୋଗାଇ ଦେଉଛନ୍ତି। ଏପରି କି ବହୁ ପରିବାରରେ କିଚେନ୍ ଗାର୍ଡେନ କରାଇବାରେ ପ୍ରମୁଖ ଭୂମିକା ନେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ଅକ୍ଟୋବର ୧୯୯୫**

- ଆଣବିକ କାର୍ଯ୍ୟକ୍ରମ ବିରୋଧରେ ଅଭିଯାନ ଚଳାଇଥିବା ଯୋଶେଫ ରଟବ୍ଲାଟ ଓ ତାଙ୍କ ଦ୍ୱାରା ସ୍ଥାପିତ ପଗୱାସ କନଫରେନ୍ସ ଅନ୍ ସାଇନ୍ସ ଆଣ୍ଡ୍ ୱାର୍ଲଡ ଆଫାୟର୍ସ ସଂସ୍ଥାକୁ ମିଳିତ ଭାବେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ।
- ୟୁନେସ୍କୋ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ 'ଡିଜାଇନ' ପ୍ରତିଯୋଗିତାରେ ଭାରତର ସୋନିଆ କୁକ୍ରେଜା ବିଜୟୀ ଘୋଷିତ ହୋଇଛନ୍ତି।

## ଚିରନ୍ତନୀ

କେତେ ସୁକୁମାର ପରଶ ଜାଗିଲା ମରମେ
ହରଷାଇ
କେତେ ଫଗୁଣର ଅବିର ଲାଗିଲା ଚରମେ
ମନେ ନାହିଁ। –(ମନେ ନାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | 2 | | | 6 | C | | | | | 4 | | | B |
| | | | C | | 9 | | 4 | | | | B | | | 8 |
| C | D | 0 | | | | | A | | | | 7 | | 6 | |
| | 7 | | | | | | | | 3 | | | | 2 | 9 |
| | | | 5 | | | | 7 | | | C | D | 1 | 4 | |
| | 6 | | E | 5 | 7 | | 9 | | 2 | | 3 | | A | |
| | B | E | D | | | | 3 | | | | | | | 1 |
| 7 | | | A | | | | C | 6 | | 0 | | | | |
| | | | | B | | | | | 1 | | | 2 | | 7 |
| | | | | | | 0 | | 5 | | B | | | 8 | |
| 6 | | B | | 9 | | | | | 0 | 5 | | E | | |
| | | 5 | | | C | 2 | | | | | | 7 | | A |
| 0 | 4 | 8 | | | B | | | | | 9 | 1 | | 5 | |
| | | | | 3 | | | D | 4 | | | | | | |
| | | D | | | 1 | | | | E | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | B | 0 | 6 | 3 | 4 | C | D | 1 | 2 | 5 | 7 | 9 | A | E |
| D | C | 7 | 0 | A | 2 | B | 9 | 8 | E | 1 | 6 | 4 | 5 | 3 |
| 3 | A | 6 | 7 | 1 | 5 | E | 2 | 4 | 8 | 9 | C | B | 0 | D |
| 5 | 2 | 4 | E | 9 | D | 7 | 6 | 0 | 3 | B | A | 1 | 8 | C |
| 9 | 1 | E | B | 8 | C | A | 3 | 5 | 4 | D | 0 | 6 | 7 | 2 |
| E | 6 | D | 1 | 0 | 7 | 4 | 8 | 3 | 9 | A | B | 2 | C | 5 |
| A | 7 | B | D | 5 | E | 6 | 0 | C | 1 | 2 | 3 | 8 | 4 | 9 |
| 2 | 8 | 3 | C | 6 | B | 1 | 7 | 9 | 5 | 0 | 4 | D | E | A |
| 0 | 5 | 1 | 9 | 4 | 8 | 2 | A | D | 6 | C | E | 3 | B | 7 |
| C | 4 | 9 | A | 2 | 3 | 5 | E | B | 7 | 8 | D | 0 | 6 | 1 |
| 7 | D | 2 | 5 | C | A | 9 | B | 6 | 0 | 3 | 8 | E | 1 | 4 |
| B | 3 | 5 | 8 | D | 1 | 0 | 4 | A | C | E | 9 | 7 | 2 | 6 |
| 6 | E | C | 2 | B | 0 | 3 | 5 | 7 | D | 4 | 1 | A | 9 | 8 |
| 1 | 0 | 8 | 4 | 7 | 9 | D | C | E | A | 6 | 2 | 5 | 3 | B |
| 4 | 9 | A | 3 | E | 6 | 8 | 1 | 2 | B | 7 | 5 | C | D | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହଙ୍ଗା ଭତ୍ତା ଦିଆଯାଉ

ମହାଶୟ,

କେନ୍ଦ୍ର ସରକାର ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାରଙ୍କ ପାଇଁ କରୋନା ମହାମାରୀ ସମୟରେ ଆର୍ଥିକ ସାହାଯ୍ୟ ଘୋଷଣା କରୁଛନ୍ତି। କିନ୍ତୁ ଦୁଃଖର ବିଷୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ମଧ୍ୟରେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପେନ୍‌ସନ ବହୁତ କମ୍। ବାର୍ଦ୍ଧକ୍ୟ ସମୟରେ ପେନ୍‌ସନ ଗଣ୍ଡାକ ହିଁ ସେମାନଙ୍କ ସାହାରା। ଅଥଚ କେନ୍ଦ୍ର ସରକାର ୨୦୧୯ରୁ ୨୦୨୧ ଜୁଲାଇ ପର୍ଯ୍ୟନ୍ତ ମହଙ୍ଗାଭତ୍ତା ବଢିବ ନାହିଁ ବୋଲି ଘୋଷଣା କରିଥିଲେ। ଏଥିନିମନ୍ତେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରାଗଲା ଏବଂ ସୁପ୍ରିମକୋର୍ଟ ମହଙ୍ଗାଭତ୍ତା ଦେବା ପାଇଁ ନିର୍ଦ୍ଦେଶ ଦେଲେ। ତଥାପି ସରକାର ତାକୁ କାର୍ଯ୍ୟକାରୀ ନ କରିବା ଦୁର୍ଭାଗ୍ୟଜନକ। ଏହା ଝିଙ୍କିକା ମାରି ବଣି ପୋଷିବା କଥା। କର୍ପୋରେଟ ଟ୍ୟାକ୍ସ କମାଇ ଦିଆଗଲା ବଡ ବଡ କମ୍ପାନୀମାନଙ୍କୁ ଲାଭବାନ କରାଇବା ପାଇଁ, କିନ୍ତୁ ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ବୃଦ୍ଧମାନଙ୍କ ମହଙ୍ଗା ଭତ୍ତା ଦିଆଯିବ ନାହିଁ। ୨୦୧୯-୨୦ ଆର୍ଥିକ ବର୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ମହଙ୍ଗା ଭତ୍ତା ନ ଦେବା ଅନ୍ୟାୟ। ଜିନିଷପତ୍ର, ବିଶେଷ କରି ପନିପରିବା ଦର ଆକାଶଛୁଆଁ। ଏ ଅବସ୍ଥାରେ ମହଙ୍ଗା ଭତ୍ତା ବନ୍ଦ କରିବା ନିନ୍ଦନୀୟ କାର୍ଯ୍ୟ। କେନ୍ଦ୍ର କିମ୍ବା ରାଜ୍ୟ ସରକାର ଯେଉଁ ସାହାଯ୍ୟ କରୁଛନ୍ତି ସେଥିରୁ ଏମାନେ ବଞ୍ଚିତ। କାରଣ ଏମାନେ ହେଉଛନ୍ତି ଅବସରପ୍ରାପ୍ତ କର୍ମଚାରୀ। ଭାରତ ସ୍ୱାଧୀନତା ହେବାଠାରୁ ଏଭଳି କାର୍ଯ୍ୟ ହୋଇ ନ ଥିଲା।

ବିନୋଦ ଚନ୍ଦ୍ର ସାମଲ, ବନ୍ଧଟିଆ, ଧାମନଗର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏସ୍‌ବିଆଇର କୋର-ବ୍ୟାଙ୍କିଙ୍ଗ୍ ସେବା ବାଧାପ୍ରାପ୍ତ

**ମୁମ୍ବାଇ:** ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ର କୋର-ବ୍ୟାଙ୍କିଙ୍ଗ ସେବା ସର୍ବଭାରତୀୟ ସ୍ତରରେ ଯାନ୍ତ୍ରିକ ତ୍ରୁଟି କାରଣରୁ ବାଧାପ୍ରାପ୍ତ ହୋଇଥିବା ବ୍ୟାଙ୍କ ପକ୍ଷରୁ ଟ୍ୱିଟ୍ ଜରିଆରେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ମଙ୍ଗଳବାର ଏସବିଆଇର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ଯେ, ଯାନ୍ତ୍ରିକ ସମସ୍ୟା ଓ ଇଣ୍ଟର୍‌ନେଟ୍ ସଂଯୋଗରେ ସମାନ୍ୟ ବାଧା ଯୋଗୁ ବ୍ୟାଙ୍କର କାରବାରରେ ବାଧା ଉପୁଜିଥିଲା। ବ୍ୟାଙ୍କ ସହ ସଂଯୋଗ ଏଟିଏମ ଓ ପିଏସ୍‌ୟୁ ମେସିନ ସେବା ରେ କୌଣସି ସମସ୍ୟା ଉପୁଜି ନ ଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଆଜି ମୋରାଟୋରିୟମ ମାମଲାର ଶୁଣାଣି

**ନୂଆଦିଲ୍ଲୀ,୧୩।୧୦:** ସୁପ୍ରିମକୋର୍ଟ ମୋରାଟୋରିୟମ ମାମଲାର ଶୁଣାଣି ବୁଧବାର କରିବେ। ଏହି ମାମଲାରେ ଅନେକ ଆବେଦନ ହୋଇଥିବା ବେଳେ ଏହାର ଶୁଣାଣି ବର୍ତ୍ତମାନ ଜାରି ରହିଛି। ଏହି ମାମଲାରେ ସର୍ବୋଚ୍ଚ ଅଦାଲତ ରିଜର୍ଭ ବ୍ୟାଙ୍କ ଏବଂ କେନ୍ଦ୍ର ସରକାରଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଲୋକମାନଙ୍କୁ ମୋରାଟୋରିୟମରେ ଲାଗୁ ହେଉଥିବା ସୁଧ ଉପରେ ସୁଧ ଭାର ବହନ କରିବା ଲାଗି କେନ୍ଦ୍ର ସରକାର ରାଜି ହୋଇଛନ୍ତି। ଏଥି ଲାଗି ସରକାରଙ୍କୁ ପ୍ରାୟ ୬,୫୦୦ କୋଟି ଟଙ୍କା ଦେବାକୁ ପଡିବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ମୋରାଟୋରିୟମ ଅବଧିରେ ସୁଧ ଛାଡ ନେଇ ହୋଇଥିବା ଆବେଦନର ମଧ ସୁପ୍ରିମକୋର୍ଟ କରୁଛନ୍ତି। ଏହାପୂର୍ବରୁ ରିଜର୍ଭ ବ୍ୟାଙ୍କ ସୁପ୍ରିମକୋର୍ଟଙ୍କ କହିଛି ଯେ, ମୋରାଟୋରିୟମ ଅବଧି ବଢିଲେ ଏହା ଦେଶର ଆର୍ଥିକ ସିଷ୍ଟମ ପ୍ରତି ବିପଦ। ସେହିଭଳି ଅଧିକ ସମୟ ଯାଏ ମୋରାଟୋରିୟମ ସୁବିଧା ଦେଇ ହେବନାହିଁ ବୋଲି କେନ୍ଦ୍ର ମଧ ନିଜର ପକ୍ଷ ରଖିଛି।

### ୧୭ ଯାଏ ରିମାଣ୍ଡରେ ଗଲେ ଦୀପକ କୋଚର

**ମୁମ୍ବାଇ,୧୩।୧୦:** ଆଇସିଆଇସିଆଇ ବ୍ୟାଙ୍କର ବେଆଇନ ଋଣ ପ୍ରଦାନ ମାମଲାରେ ବ୍ୟାଙ୍କର ସିଇଓ ଚନ୍ଦା କୋଚରଙ୍କ ସ୍ୱାମୀ ଦୀପକ କୋଚରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଳିତ ମାସ ୧୭ ତାରିଖ ଯାଏ ରିମାଣ୍ଡରେ ନେଇଛି। ମୁମ୍ବାଇର ସ୍ୱତନ୍ତ୍ର କୋର୍ଟ ଏ ନେଇ ଅନୁମତି ପ୍ରଦାନ କରିଥିବା ଜଣାପଡିଛି। ଆଇସିଆଇସିଆଇ ବ୍ୟାଙ୍କ ଭିଡିଓକନ ମାମଲାରେ ସେପ୍ଟେମ୍ବର ମାସରେ ଇଡି ଦୀପକଙ୍କୁ ଗିରଫ କରିଥିଲା। ତାଙ୍କୁ ସେପ୍ଟେମ୍ବର ୧୯ ଯାଏ ପ୍ରଥମେ ରିମାଣ୍ଡରେ ନିଆଯାଇଥିଲା। ସେ କୋଭିଡ-୧୯ ପଜିଟିଭ ଆସିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ସେ ଠିକ୍ ହେବା ପରେ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯିବା ସହ ତାଙ୍କୁ ରିମାଣ୍ଡରେ ନେବା ଲାଗି ଇଡି ଆବେଦନ କରିଥିଲା।

# ରାଜକୋଷକୁ ୪୦ ହଜାର କୋଟିର ବୋଝ

### ନୂଆ ପ୍ୟାକେଜ ଦ୍ୱାରା ବିତ୍ତୀୟ ନିଅଣ୍ଟ ୯.୫% ଛୁଇଁବ: ଏସ୍‌ବିଆଇ ରିପୋର୍ଟ

**ନୂଆଦିଲ୍ଲୀ,୧୩।୧୦**



କରୋନା ମହାମାରୀ ଯୋଗୁ ଅର୍ଥ ବ୍ୟବସ୍ଥାକୁ ସାଂଘାତିକ କ୍ଷତି ପହଞ୍ଚିଛି। ଖାଉଟିଙ୍କ ଖର୍ଚ୍ଚ ବଢ଼ାଇ ଅର୍ଥ ବ୍ୟବସ୍ଥାରେ ଚାହିଦାକୁ ବଢ଼ାଇବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ୭୩ ହଜାର କୋଟି ଟଙ୍କାର ନୂଆ ପ୍ରୋତ୍ସାହନ ପ୍ୟାକେଜ ଘୋଷଣା କରିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ରାଜକୋଷ ଉପରେ ଆଉ ୪୦ ହଜାର କୋଟି ଟଙ୍କାର ବୋଝ ପଡିବ। ସେହିଭଳି ନୂଆ ପ୍ୟାକେଜ ଦ୍ୱାରା ବିତ୍ତୀୟ ନିଅଣ୍ଟ(ସରକାର ଆୟ ଏବଂ ବ୍ୟୟ ମଧ୍ୟରେ ପାର୍ଥକ୍ୟ) ପ୍ରାୟ ୯.୫% ଛୁଇଁବ ବୋଲି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏହାର ଇକୋରାପ ରିପୋର୍ଟରେ ମଙ୍ଗଳବାର ପ୍ରକାଶ କରିଛି।

ସୀତାରାମନ ଏଲ୍‌ଟିସି ଭାଉଚର ସ୍କିମ୍ ଏବଂ ଫେଷ୍ଟିଭ ଆଡଭାନ୍ସ ସ୍କିମ୍ ଘୋଷଣା ଦ୍ୱାରା ସରକାରୀ କର୍ମଚାରୀଙ୍କୁ ଖର୍ଚ୍ଚ କରିବା ଲାଗି ଉତ୍ସାହିତ କରିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ଚାହିଦା ବଢ଼ାଇବା ସହ ଜିଡିପି ଅଭିବୃଦ୍ଧି ଉପରେ ବର୍ତ୍ତମାନ ଫୋକସ କରାଯାଉଥିବା ସରକାର କହିଛନ୍ତି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ସୌମ୍ୟକାନ୍ତି ଘୋଷ କହିଛନ୍ତି ଯେ, ଏଲ୍‌ଟିସି ସ୍କିମ୍‌ରେ କେନ୍ଦ୍ର ସରକାର ଯଦି ଧାର୍ଯ୍ୟ ଭଡ଼ା ଉପରେ ଜିଏସ୍‌ଟି ଦେବେ ନାହିଁ ତେବେ ଏହା ଠିକ୍ ଭାବେ କାର୍ଯ୍ୟ କରିବାରେ ବାଧା ଉପୁଜିବ। ସରକାରଙ୍କ ଘୋଷଣା ମୁତାବକ, କେନ୍ଦ୍ର କର୍ମଚାରୀ ଯାତ୍ରା ନ କଲେ ମଧ ଲିଭ୍ ଟ୍ରାଭେଲ କନ୍‌ସେସନ (ଏଲ୍‌ଟିସି) ପାଇବେ। କର୍ମଚାରୀ ଲାଭ କରିଥିବା ଭଡ଼ା ଅର୍ଥ ନିଜ ମନ ପସନ୍ଦ ଅନୁସାରେ ଖର୍ଚ୍ଚ କରିପାରିବେ। ୧୨% କିମ୍ବା ଉର୍ଦ୍ଧ୍ୱ ଜିଏସ୍‌ଟି ଲାଗୁଥିବା ପ୍ରଡକ୍ଟ ଡିଜିଟାଲ ଉପାୟରେ କ୍ରୟ କରିବା ନିୟମ ରହିଛି। ପ୍ରାୟ ୩୫ ଲକ୍ଷ କେନ୍ଦ୍ର କର୍ମଚାରୀ ଏହି ସୁବିଧାର ଲାଭ ଉଠାଇପାରିବେ। ଏସ୍‌ବିଆଇ ଇକୋରାପ ରିପୋର୍ଟରେ କୁହାଯାଇଛି ଯେ, ଏଲ୍‌ଟିସି କେବଳ କର୍ମଚାରୀଙ୍କୁ କଭର କରି ନ ଥାଏ ବରଂ ସ୍ୱାଧୀନ ପରିବାର ସଦସ୍ୟଙ୍କ କ୍ଷେତ୍ରରେ ମଧ ଲାଗୁ ହୋଇପାରିବ। ବର୍ତ୍ତମାନର ଆୟ ବାଦ୍ ଯଦି ଏହି ବ୍ୟକ୍ତିବିଶେଷଙ୍କର ଅତିରିକ୍ତ ଆୟ ରହିଛି ତେବେ ଖର୍ଚ୍ଚ ଦ୍ୱାରା ଚାହିଦାକୁ ବଢାଯାଇ ପାରିବ ବୋଲି ଆଶା କରାଯାଇପାରେ। ସେହିଭଳି ନୂଆ ଯୋଜନାରେ ରାଜ୍ୟଗୁଡିକୁ ଆର୍ଥିକ ସହାୟତା ସମ୍ପର୍କରେ ମଧ ଘୋଷଣା କରାଯାଇଛି। ଏସବୁ ଯୋଜନା କାର୍ଯ୍ୟକାରୀ କରାଇବା ଲାଗି ସରକାରଙ୍କୁ ୪୦ ହଜାର କୋଟି ଟଙ୍କାର ବୋଝ ପଡ଼ିବ। ଏହା ମୋଟ ଜିଡିପିର ୦.୨୧%। ପୂର୍ବରୁ ଯେଉଁ ପ୍ରୋତ୍ସାହନ ପ୍ୟାକେଜ ଘୋଷଣା କରାଯାଇଥିଲା ସେଥିରେ ରାଜକୋଷକୁ ୨ ଲକ୍ଷ କୋଟି ବା ଜିଡିପିର ୧ % ସରକାର ଖର୍ଚ୍ଚ କରିଛନ୍ତି।

# ପାର୍ବଣ ପାଇଁ ୩୯୨ ସ୍ୱତନ୍ତ୍ର ଟ୍ରେନ୍



**ନୂଆଦିଲ୍ଲୀ,୧୩।୧୦**

ପାର୍ବଣରେ ରେଲୱେ ୩୯୨ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବ। ଅକ୍ଟୋବର ୨୦ରୁ ନଭେମ୍ବର ୩୦ ମଧ୍ୟରେ ଏହି ଟ୍ରେନ୍‌ଗୁଡିକ ଚଳାଚଳ କରିବ। ସ୍ପେଶାଲ ଟ୍ରେନରେ ଲାଗୁ ଥିବା ଭଡା ଭଳି ଏହି ଟ୍ରେନଗୁଡିକର ଭଡା ସମାନ ରହିବ। ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନ ତୁଳରେ ଏହି ସମୟରେ ଯାତ୍ରୀ ଭଡା ୧୦ରୁ ୩୦% ବଢିବ। ଏହା ଟ୍ରାଭେଲ ଏବଂ କ୍ଲାସ ଉପରେ ନିର୍ଭର କରିବ ବୋଲି ଜଣାପଡିଛି। ଯାତ୍ରୀ ଚାହିଦାକୁ ଧ୍ୟାନରେ ରଖି କୋଲକାତା, ପାଟନା, ବାରାଣସୀ ଏବଂ ଲକ୍ଷ୍ନୌ ଭଳି ସହର ଅନ୍ୟ ସହରକୁ ମଧ ଯାତ୍ରୀ ସେବା ପ୍ରଦାନ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଦୁର୍ଗାପୂଜା, ଦୀପାବଳି ଏବଂ ଛଟ୍ ପୂଜା ଭଳି ବିଭିନ୍ନ ପର୍ବପର୍ବାଣିରେ ସାଧାରଣତଃ ଲୋକମାନେ ନିଜ ନିଜ ବାସସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏହି ସମୟରେ ଟ୍ରେନ୍‌ରେ ଅନେକ ଲୋକ ଯିବା ଆସିବା କରିଥାନ୍ତି। ବର୍ତ୍ତମାନ ସାରା ଦେଶରେ ୬୬୬ ମେଲ୍, ଏକ୍ସପ୍ରେସ ଏବଂ ସ୍ପେଶାଲ ଟ୍ରେନ ସାରା ଦେଶରେ ଚଳାଚଳ କରୁଛି। ସେହିଭଳି ମୁମ୍ବାଇ ଭଳି ସହରଗୁଡିକରେ କେତେକ ସହରତଳି ଟ୍ରେନ ଏବଂ କଲିକତା ମେଟ୍ରୋର କିଛି ଟ୍ରେନ ଚଳାଚଳ କରୁଛି। ପୂଜା ସ୍ପେଶାଲ ଟ୍ରେନଗୁଡିକ ୫୫ କିମି ପ୍ରତି ଘଣ୍ଟା ବେଗରେ ଚଳାଚଳ କରିବ।

କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ଲାଗି ରେଲୱେ ମାର୍ଚ୍ଚ ୨୫ ପରଠାରୁ ନିୟମିତ ଟ୍ରେନ ଚଳାଚଳ ଉପରେ କଟକଣା ଲଗାଇଛି। ଚାହିଦା ଏବଂ ଆବଶ୍ୟକତା ଆଧାରରେ ବିଭିନ୍ନ ଟ୍ରେନ ଚଳାଚଳ ଉପରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି।

# ନିବେଶକଙ୍କୁ ୩୨୨୬ କୋଟି ଦେଲା ସାହାରା

**ଭୁବନେଶ୍ୱର,୧୩।୧୦**

ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ୧୦,୧୭,୧୯୪ ଜଣ ନିବେଶକଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅବଧି ମଧ୍ୟରେ ପୈଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପୈଠ କରାଯାଇଥିଲା। ସମୁଦାୟ ବିଳମ୍ବିତ ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଣ୍ଟ କମ୍ପ୍ଲେନାଣ୍ଟସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି। ସାହାରା ନିକଟରେ ଦେଶବ୍ୟାପୀ ୮କୋଟି ନିବେଶକ ରହିଛନ୍ତି। ସାହରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ଦେଇଛି। ଏହା ମଧ୍ୟରୁ କେବଳ ୪୦% ମାମଲାରେ ନଗଦ ଅର୍ଥ ପୈଠ କରାଯାଇଛି। ସାହାରା ଗ୍ରୁପ୍ ପକ୍ଷରୁ ପେମେଣ୍ଟରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି; ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁକରାଯାଇଥିବା ପ୍ରତିବନ୍ଧକ ଯୋଗୁ ବିଳମ୍ବ ଘଟିଥିଲା।

କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଯଦି କୌଣସି ଅର୍ଥ ଗ୍ରୁପ (କୋ-ଅପରେଟିଭ ସମେତ) ର ସମ୍ପତ୍ତିକୁ ବିକ୍ରିକରି କିମ୍ବା ବନ୍ଧକ ରଖି ଅଥବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ମଧ ସାହାରା-ସେବି ଆକାଉଣ୍ଟରେ ଜମା କରିବାକୁ ପଡୁଛି। ଏ ସମ୍ପର୍କରେ ସାହାରା ଅଧିକାରୀ କହିଛନ୍ତି ଯେ, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରି-ପେମେଣ୍ଟ ପାଇଁ ଆମେ ଗୋଟିଏ ଟଙ୍କା ମଧ ବ୍ୟବହାର କରି ପାରିବୁ ନାହିଁ। ଅନ୍ୟପକ୍ଷରେ ସାହାରା ବର୍ତ୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨ ହଜାର କୋଟି ଟଙ୍କା ଜମା କରିସାରିଥିବା ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛି। ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବର କାଗଜରେ ୪ଟି ପର୍ଯ୍ୟାୟରେ ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ,ଏହି ୨୨ହଜାର କୋଟି ଟଙ୍କାର ଉପଯୁକ୍ତ ଯାଞ୍ଚ ପରେ ତାହା ପୁଣି ଥରେ ସାହାରା ନିକଟକୁ ଫେରିବ। ସେହିପରି ସାହାରର ମୁଖପାତ୍ର ସ୍ପଷ୍ଟ କରିଛନ୍ତି ଯେ କିଛି ମିଡିଆ ରିପୋର୍ଟ ସାହାରା ଚିଟ୍‌ଫଣ୍ଡ ବ୍ୟବସାୟରେ ଅଛି ବୋଲି ଯେଉଁ ଧାରଣା ଲୋକଙ୍କ ମଧ୍ୟରେ ସୃଷ୍ଟି କରିଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ଓ ବିଭ୍ରାନ୍ତକର ବୋଲି ସେ ମତ ଦେଇଛନ୍ତି।

# ସାମ୍‌ସଙ୍ଗ୍‌ର 'ହୋମ ଫେଷ୍ଟିଭ ହୋମ୍'

**ନୂଆଦିଲ୍ଲୀ,୧୩।୧୦**

ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ସାମ୍‌ସଙ୍ଗ୍ ପକ୍ଷରୁ ଏହାର ପାର୍ବଣରତ୍ନ ଅଭିଯାନ ସହ ଏକ ଆକର୍ଷଣୀୟ ଯୋଜନା ହୋମ୍-ଫେଷ୍ଟିଭ-ହୋମ୍‌ର ଶୁଭାରମ୍ଭ କରିଛି। ଏହାଦ୍ୱାରା ଦେଶବ୍ୟାପୀ ସବୁ ବର୍ଗର ଉପଭୋକ୍ତାଙ୍କୁ ଏକ୍ସକ୍ଲୁସିଭ ଡିଲ୍ ଓ ନିଶ୍ଚିତ ଉପହାର ମିଳିପାରିବ। ଚଳିତ ପାର୍ବଣ ଋତୁରେ ଏହା ଗ୍ରାହକଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବ ବୋଲି କମ୍ପାନୀ ପକ୍ଷରୁ ଆଶା ପ୍ରକଟ କରାଯାଇଛି। ଏହି ଯୋଜନା ଦ୍ୱାରା ଗ୍ରାହକଙ୍କୁ ୨୦ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ସୁବିଧା ସହ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ପ୍ରଦାନ କରାଯାଉଛି। ଏଥିରେ ୯୯୦ ଟଙ୍କାରୁ ଆରମ୍ଭ ହେଉଥିବା ସର୍ବନିମ୍ନ ଇଏମ୍‌ଆଇ ଆଦି ସାମିଲ ଥିବା ସୂଚନା ଦିଆଯାଇଛି। ପାର୍ବଣର ଏହି ଉତ୍ସାହଜନକ ଉତ୍ପାଦ ଅଫରଗୁଡିକ ଆସନ୍ତା ନଭେମ୍ବର ୨୦ ପର୍ଯ୍ୟନ୍ତ ବୈଧ ରହିବ।

# ସୁନ୍ଦରମ୍ ମ୍ୟୁଚୁଆଲ ବ୍ଲୁ ଫଣ୍ଡ ଦ୍ୱାରା ୬୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସଂଗ୍ରହ

**ମୁମ୍ବାଇ,୧୩।୧୦:** ସୁନ୍ଦରମ୍ ମ୍ୟୁଚୁଆଲ ଫଣ୍ଡ ଦ୍ୱାରା ନିକଟରେ ସୁନ୍ଦରମ ବ୍ଲୁଚିପ୍ ଫଣ୍ଡର ନୂଆ ଫଣ୍ଡ ଅଫରିଂ ସମାପ୍ତ ହୋଇଛି। ଏହା ଗତ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ଥିଲା। ଏହି ଓପନ ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ମୁଖ୍ୟତଃ ବୃହତ୍ ବ୍ଲୁଚିପ୍ ଷ୍ଟକରେ ନିବେଶ କରିଥାଏ। ଏହି ଅଫରିଂ ସମୟରେ ଦେଶର ପ୍ରାୟ ୫୬୨ଟି ସହରରେ ଥିବା ୪୬ ହଜାରରୁ ଉର୍ଦ୍ଧ୍ୱ ଗ୍ରାହକଙ୍କ ନିକଟରୁ ୬୫୦ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ସଂଗ୍ରହ କରାଯାଇପାରିଛି। ପୂର୍ବରୁ ଏହାର ୨ଟି ଅଫରିଂରେ ୩୫୮.୯୫ କୋଟି ଟଙ୍କା ଏବଂ ୪୮୫.୧୨ କୋଟି ଟଙ୍କାର ଅର୍ଥ ରାଶି ସଂଗ୍ରହ କରାଯାଇଥିଲା। କୋଭିଡ୍ ମହାମାରୀ ସତ୍ତ୍ୱେ ଏହି ଅଫରିଂରେ ପୂର୍ବ ଦୁଇ ଅଫରିଂ ତୁଳନାରେ ଅଧିକ ଅର୍ଥ ସଂଗୃହୀତ ହେବା କମ୍ପାନୀ ପାଇଁ ବେଶ୍ ଉତ୍ସାହପ୍ରଦ ହୋଇପାରିଛି। ସୁନ୍ଦରମ୍ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ମାର୍କେଟିଂ ଓ ପୁଞ୍ଜିନିବେଶ ରୂପାୟନ ପ୍ରକ୍ରିୟା କ୍ଷେତ୍ରରେ ଅନନ୍ୟ ଡିଜିଟାଲ ଫାଷ୍ଟ ଆଭିମୁଖ୍ୟ ପୋଷଣ ଯୋଗୁ ଏଭଳି ସଫଳତା ମିଳିଥିବା କୁହାଯାଇଛି।

ODISHA LIFT IRRIGATION CORPORATION LIMITED
(A GOVT. OF ODISHA UNDERTAKING)
OFFICE OF THE EXECUTIVE ENGINEER
L.I. DIVISION, SAMBALPUR
e-mail I.D - eeolicsbp@gmail.com.
NATIONAL COMPETITIVE BIDDING THROUGH
No.CAD-584 e-Procurement
Identification No. EEOLICSBP-05/20-21 Dt. 12.10.2020

| | | | |
|---|---|---|---|
| 01 | Name of work | : | Installation / Revival of 55 Nos. LIPs in (3 Nos. RIDF & 52 Nos. of State Plan Grant) under Sambalpur, Jharsuguda & Deogarh District |
| 02 | Estimated cost | : | Rs.5.00 lakhs to Rs.40.00 lakhs |
| 03 | Period of completion | : | 90 & 120 days |
| 04 | Date & Time of availability of bid document in the portal | : | From 10.00 hrs. of 20.10.2020 to 05.00 hrs. of 03.11.2020 |
| 05 | Date & Time of opening of bids | : | 10.00 hrs. of 04.11.2020 |
| 06 | Name and Address of the officer inviting bid | : | Executive Engineer, L.I. Division, Sambalpur |

Further details can be seen from the website www.tendersorissa.gov.in
Executive Engineer, L.I. Division, Sambalpur
OIPR-32142/11/0008/2021

ODISHA PUBLIC SERVICE COMMISSION
19, Dr. P.K. Parija Road, Cuttack - 1
Letter No. 5272/PSC Dt.12.10.2020
NOTICE
No. D-81: The Commission have decided to create and maintain a panel of Subject Experts from amongst the in-service/retired Govt. Officers/Officers of the Armed Forces/Professors/Asociate Professors/Scientist of Universities/Institutions under State Governments, Govt. of India, Public Sector Undertaking (PSUs) and Private Universities/Institutions for conduct of Scheduled Examinations like Odisha Civil Services, Odisha Forest Services and Non Scheduled Examinations on different subjects/disciplines including Medical/Engineering etc. for taking the assistance of the persons as a subject expert at the time of Interview/Viva Voce Test for recruitement to different Post/Services in Group "A" and Group "B" of the Govt. of Odisha.
The interested persons may kindly confidentially correspond through E-mail: ssr.memberopsc@gov.in and he/she may kindly furnish his/her Bio-data on the prescribed format online. The person should upload their Bio-data article vide http://www.opsc.gov.in on or before 10th November, 2020.
Sd./- Addl. Secretary
OIPR-12002/11/0042/2021

ପୌର ପରିଷଦ କାର୍ଯ୍ୟାଳୟ, ବଲାଙ୍ଗୀର
ପତ୍ର ସଂଖ୍ୟା_____/ ତା_____/
ସଂଶୋଧନ ପତ୍ର
ପୌର ପରିଷଦ ଜ୍ଞାପକ ସଂଖ୍ୟା-୩୪୨୨ ତା୦୮।୧୦।୨୦୨୦ରେ ପାର୍କିଂ ଜୋନ୍‌ର ଟିକସ ଅସୁଲି କରିବା ପାଇଁ ପ୍ରକାଶିତ ହୋଇଥିବା ପତ୍ରର କ୍ର.ନଂ.୪ର ନାମ ରାଧିକା ଜ୍ୱେଲର୍ସ ସମ୍ମୁଖ ପରିବର୍ତ୍ତେ ଅରୁନ୍ଧତି ଜ୍ୱେଲର୍ସ ସମ୍ମୁଖ ହେବ ।
ପାର୍କିଂ ଜୋନ୍ ଟିକସ ଆଦାୟ ନିମନ୍ତେ ଆବେଦନ କରିବା ଶେଷ ତାରିଖ ଯାହା ତା୧୪।୧୦।୨୦୨୦ ଥିଲା ତାହା ଆସନ୍ତା ତା୧୭।୧୦।୨୦୨୦ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି ।
ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ବଲାଙ୍ଗୀର

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
F.No. AIIMS/BBSR/MS/24x7 PHARMACY/13/2020/ Date: 13.10.2020
TENDER CALL NOTICE
Director, AIIMS, Bhubaneswar invites tender for "Opening and Running of "24x7" Pharmacy/Chemist Shop at AIIMS, Bhubaneswar in Two Bid System". The tender document along with last date of submission of the tender can be viewed and downloaded from the official website i.e. www.aiimsbhubaneswar.nic.in. Incomplete tender document/tender received after scheduled date & time shall be rejected.
Date of Issue of Tender Document Dt. 20.10.2020
Date of Pre-Bid Meeting Dt. 29.10.2020, Time- 03:00 PM
Last Date of Submission of Tender Dt. 19.11.2020, Time - 02:00 PM
Director, AIIMS, Bhubaneswar reserves the right to reject any or all the tenders without assigning any reason thereof. Sd/-
Medical Superintendent
AIIMS, Bhubaneswar

GOVERNMENT OF ODISHA No. O-458
"e" PROCUREMENT NOTICE
Bid Identification No. 15 of 2020-21
Tel.: 06842-253314, eerwss_plb@nic.in
1. Name of the Work : Execution of different civil works in the district of Kandhamal. (Refer DTCN available in the website: tendersorissa.gov.in)
2. Total No. of Work : 23 Nos.
3. Estimated Cost : Rs.12.60 lakh to 49.40 lakh
4. Eligible Class of Contractor : D & C, C & B and B & A
5. Period of Completion : 03 Months to 06 Months (Refer DTCN available in the website tendersorissa.gov.in)
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Date & time for Opening of Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 15 of 2020-21 | Dt.19.10.2020 at 10.00 hrs. | Dt.02.11.2020 upto 17.00 hrs | Dt.03.11.2020 at 11.00 A.M. |

Further details can be seen from the website www.tendersorissa.gov.in.
Corrigendum, if any, will be uploaded in website only.
Executive Engineer,
RWS&S Division, Phulbani
OIPR-25006/11/0003/2021

ADVERTISEMENT FOR SUPPLY, INSTALLATION, TESTING, COMMISSIONING AND MAINTENANCE OF VIDEO SURVEILLANCE SYSTEM (CCTV) IN BBMC&H, BALANGIR
No. E-304: Sealed tender is invited from Organization/ Firms/Agencies for supply, installation, testing, commissioning and maintenance of Video Surveillance System (CCTV) in BBMC&H, Balangir. The tender paper completed in all respect should be submitted separately for the services to the undersigned on or before Dt.27.10.2020 upto 04.00 P.M. in the Office of the Superintendent, BBMC&H, Balangir.
The details and terms and conditions can be downloaded from https://gmchbalangir.infocreatives.com / www.dmetodisha.gov.in or www.balangir.nic.in.
Sd./- Superintendent
Bhima Bhoi Medical College & Hospital, Balangir
OIPR-10141/11/0006/2021

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org
ପ୍ରତ୍ର ସଂଖ୍ୟା : ୮୩ ବିଜ୍ଞାପନ ତା. : ୧୪।୦୯।୨୦
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଛେଣ୍ଡ କଲୋନୀ, ଦ୍ୱିତୀୟ ପର୍ଯ୍ୟାୟ, ରାଉରକେଲା ହାଉସିଂ ପ୍ରକଳ୍ପରେ ଘର ନଂ-ଏଲ୍.ଆଇ.ଜି-୨-୧୮୯ (LIG-II-189) କୁ ମାନସ କୁମାର ନାୟକ, ପି-ନିରଞ୍ଜନ ନାୟକ, ଗ୍ରା-ବାଙ୍କତିରା, ପୋ-କୋଡବାରଙ୍ଗ, ଥା-ଆଗରପଡ଼ା, ଜି-ଭଦ୍ରକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନକାରୀ ମାନସ କୁମାର ନାୟକ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରିଣ ଆଧାରରେ (୧) ଶ୍ରୀମତୀ ସୁକାନ୍ତି କର, ସ୍ୱା-ଶଶିକାନ୍ତ କର (୨) ଶଶିକାନ୍ତ କର, ପି-ବେଣୁଧର କର, ଉଭୟଙ୍କ ଗ୍ରାମ- ମୂଳବସନ୍ତ, ପୋ/ଥା-ମାହାଙ୍ଗା ଜି-କଟକଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ଆବଣ୍ଟନ ପରିବର୍ତ୍ତନ ଦରଖ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ଆବଣ୍ଟନ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।
ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ODISHA PUBLIC SERVICE COMMISSION
NOTICE
No. 5376/PSC Dt.12.10.20
No. D-82: It is for information of all concerned that the main written examination for recruitment the Posts of Civil Judges in Odisha Judicial Service, 2019, pursuant to the advertisement No. 12 of 2019-20 will be held as per the programme & examination centres mentioned below.
PROGRAMME OF EXAMINATION

| Date | Compulsory Papers | |
|---|---|---|
| 03.11.2020 | (9.30 A.M. to 12.00 Noon) Paper - 1 General English | (2.00 P.M. to 4.30 P.M.) Paper - 2 Procedural Laws |
| | Optional Papers | |
| 04.11.2020 | (9.30 A.M. to 12.30 P.M.) Law of Crime & Law of Torts | (2.00 P.M. to 5.00 P.M.) Jurisprudence and Constitution of India |
| 05.11.2020 | Law of Property | Personal Law |
| 06.11.2020 | Law of Contract | --------- |

EXAMINATION CENTRES

| Sl. No. | Name of the Examination Centres and Address | Roll Number allotted From.... to.... | Total Candidates allotted |
|---|---|---|---|
| | BHUBANESWAR | | |
| 1 | Govt. High School, IRC Village, Bhubaneswar | 200008 to 200167 = 22<br>300004 to 300623 = 194 | 216 |
| 2 | Govt. Boy's High School, Unit - 8, Bhubaneswar | 300624 to 301311 = 200 | 200 |
| | CUTTACK | | |
| 1 | Ajay Binay Institute of Technology, CDA, Cuttack - 753014 | 100002 to 100078 = 07<br>400001 to 400840 = 255<br>500001 to 500283 = 59 | 321 |

2. The candidates belonging to PWD category are given extra time of 20 minutes per hours in each paper as per above time schedule.
3. The candidates are required to download their "Adminssion Certificate" and "Instruction to Candidates" from the website of the Commission (www.opsc.gov.in) from 27.10.2020 onwards.
Sd./- Secretary
OIPR-12002/11/0043/2021

GOVERNMENT OF ODISHA
OFFICE OF THE EXECUTIVE ENGINEER,
GANJAM [R&B] DIVISION NO.I, BERHAMPUR
e-mail : eernb1_bam@yahoo.com
Phone/Fax : (0680) 2233683, e-mail : eernb1_bam@yahoo.com
INVITATIONS FOR BIDS (IFB) [e-Procurement]
Bid Identification No. E.E. (R&B)-BAM- 20 /2020-21
No. 7046 // Dated : 12.10.2020
No.B-330:- The Executive Engineer, Ganjam (R&B) Division No. I, Berhampur on behalf of Governor of Odisha invites price bid in double cover system in ONLINE MODE for supply, Installation & Commissioning of Biomedical Waste Incinerator on Turnkey basis at MKCG Medical College, Berhampur as detailed below from eligible suppliers / manufacturer /Importers.
1. Nature of work : Supply, Installation & Commissioning Work
2. No. of work : 1 (One) No.
3. Tender Paper Cost : Will be available in DTCN in website from 21.10.2020
4. Date & Time of sale & receipt of Bids : From 27.10.2020, 10.00 AM to 17.11.2020 up to 4.00 PM
5. Date of Opening of Bid : 18.11.2020 at 11.30 A.M.
6. The Bidders have to participate in ONLINE bidding only. Further details can be seen from the website http://tendersodisha.gov.in.
Sd./- Executive Engineer,
Ganjam (R&B) Division No.I, Berhampur
OIPR-34109/11/0010/2021

OFFICE OF THE
PURI MUNICIPALITY, PURI
No. 7073 Dt. 12.10.20
QUOTATION CALL NOTICE
Puri Municipality invites sealed quotations from the experienced AMC providers for Annual Maintenance Contract of Air Conditioners installed in various wings of Puri Municipality Office, Puri, so as to reach the Executive Officer, Puri Municipality on or before Dt.02.11.20 by 05 P.M. through Registered Post/Speed Post only. The terms & condition, technical specification & quotation paper will be available in the website www.ulbodisha.gov.in & www.puri.nic.in from Dt.14.10.20, 11 A.M. to Dt.2.11.20 by 5 P.M. & the same will be opened on Dt.03.11.20 at 11.00 A.M. in presnece of bidders or their authorized representatives who wish to attend.
The authority reserves the right to modify/reject any or all the quotation without assinging any reason thereof.
Cateogry of AMC
1. For Comprehensive AMC of maintenance & service charges of each Split AC 1.5 & 2.00 Ton
2. For rate contract service for charge of genuine spares of different companies, Samsung, Voltas, Hitachi, Godrej, Blue Star, L.G.
Sd./- Executive Officer
Puri Municipality, Puri

Government of Odisha No. B-329
"e" Procurement Notice
WORKS DEPARTMENT
Bid Identification No. S.E.K.C., Keonjhar No. 08/2020-21
e-mail: sekcpwd_keonjhar@yahoo.com
Letter No. 2720 Dt.09.10.2020
1. No. of the Work : 09 Number of Building Works
2. Estimated Cost : Rs.412.34 lakhs to Rs.571.78 lakhs
3. Period of Completion : 11 (Eleven) Calendar Months
4. Date & time of availability of Bid document in the portal : From 11.00 hours of 22.10.2020 to 16.00 hours of 05.11.2020
5. Last date/time for receipt of bids in the portal : 16.00 hours of 05.11.2020
6. Date of opening of Bid from portal : 12.00 hours on 06.11.2020
7. Name and address of the Officer Inviting Bid : Superintending Engineer, Keonjhar (R&B) Circle, Keonjhar - 758001
Further details can be seen from the e-procurement portal "http://tendersodisha.gov.in".
Sd./- A.N. Dash, Superintending Engineer
Keonjahr (R&B) Circle, Keonjhar
OIPR-34033/11/0009/2021

## ଶ୍ରୀସେତୁ ପାଇଁ ଜନଶୁଣାଣି ଆଜି

**ପୁରୀ ଅଫିସ:** ଶ୍ରୀସେତୁ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ବୁଧବାର ଜନଶୁଣାଣି କରାଯିବ। ପୁରୀ ଜିଲା ପ୍ରଶାସନ ପକ୍ଷରୁ ଏଥିଲାଗି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପ୍ରକଳ୍ପ ଯୋଗୁ ପ୍ରଭାବିତ ହେବାକୁ ଥିବା ୪ଟି ମୌଜାର ଲୋକେ ଜନଶୁଣାଣିରେ ଉପସ୍ଥିତ ରହି ଜମି ଅଧିଗ୍ରହଣ ଉପରେ ନିଜର ମତ ରଖିବେ। ସମଙ୍ଗ ମୌଜା ପାଇଁ ପୂର୍ବାହ୍ନ ସାଢେ ୧୦ଟାରେ ସମଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ଏବଂ ମାର୍କଣ୍ଡେଶ୍ୱର ସାହି ଲାଗି ମଧ୍ୟାହ୍ନ ୧୨ଟାରେ ମା' ବିଶେଶ୍ୱରୀ ଠାକୁରାଣୀଙ୍କ ପୀଠରେ ଜନଶୁଣାଣି ହେବ। ସେହିପରି ମାଟିତୋଟା କୋଠଘରେ ଅପରାହ୍ନ ୨ଟାରେ ମାଟିତୋଟା ଏବଂ ଜଗନ୍ନାଥବଲ୍ଲଭ ମଠ ପରିସରରେ ଅପରାହ୍ନ ସାଢେ ୩ଟାରେ ଦାଣ୍ଡିମାଳ ସାହି ପାଇଁ ଜନଶୁଣାଣି କରାଯିବ।

### ସଂକ୍ଷେପରେ

## ବଜ୍ରପାତରେ ୨ ମୃତ, ୪ ଗୁରୁତର

**ବାଙ୍କୀ, ୧୩।୧୦(ବି.ପ୍ର.):** କଟକ ଜିଲା ଡମପଡା ବ୍ଲକ ଅନ୍ତର୍ଗତ ଦୁଲଣାପୁର ଗ୍ରାମରେ ମଙ୍ଗଳବାର ବଜ୍ରପାତ ଘଟି ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪ ଜଣ ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ହେଲେ ରମେଶ ସାହୁ(୪୫) ଓ ଗତିକୃଷ୍ଣ ପରିଡା(୩୫)। ସେହିପରି ଶତ୍ରୁଘ୍ନ ମଲ୍ଲୀ, ସୁକାନ୍ତ ମଲ୍ଲୀ, କୃପାସିନ୍ଧୁ ରାଉତ ଓ ନୂତନ ମହାପାତ୍ର ଗୁରୁତର ହୋଇଛନ୍ତି। ସକାଳେ ଚାଷକାର୍ଯ୍ୟ କରିବାକୁ ଏହି ୬ ଜଣ ଦୁଲଣାପୁରସ୍ଥିତ ସାହାଣିପାରି ପୋଲ ନିକଟକୁ ଯାଇଥିଲେ। ପ୍ରବଳ ବର୍ଷା ହେବାରୁ ସେମାନେ ଦୌଡିଆସି ନିକଟରେ ଥିବା ଏକ ଓସ୍ତଗଛ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ସେମାନେ ଅଚେତ ହୋଇପଡ଼ିଥିଲେ। ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରମେଶଙ୍କୁ ମୃତ ଘୋଷଣା କରିଥିଲେ। ଗତିକୃଷ୍ଣ ଓ ଶତ୍ରୁଘ୍ନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଗତିକୃଷ୍ଣଙ୍କୁ ମୃତ ଘୋଷଣା କରିଛନ୍ତି। ଅନ୍ୟମାନେ ଗୁରୁତର ଅବସ୍ଥାରେ ବାଙ୍କୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପିଏନ୍‌ବି ଇଡିଙ୍କ ଓଡ଼ିଶା ଗସ୍ତ ଆଜି

**ଭୁବନେଶ୍ୱର, ୧୩।୧୦:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.କେ.ଆଜାଦ ବୁଧବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ଭୁବନେଶ୍ୱରସ୍ଥିତ ପିଏନ୍‌ବିର ଆଞ୍ଚଳିକ କାର୍ଯ୍ୟାଳୟ ସମେତ କଟକସ୍ଥିତ ରାମ୍ ସେଣ୍ଟର ଏବଂ କିଛି ଶାଖାକୁ ମଧ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ପିଏନ୍‌ବିର ଆଞ୍ଚଳିକ ମୁଖ୍ୟ ଅଶ୍ୱିନୀ କୁମାର, ପିଏନ୍‌ବି କଟକ ମଣ୍ଡଳର ମୁଖ୍ୟ ଶିବାନନ୍ଦ ଭଞ୍ଜ ପ୍ରମୁଖ ଉପସ୍ଥିତ ରହିବେ। ଏହି ଅବସରରେ ସେ ପିଏନ୍‌ବିର ବିଭିନ୍ନ ମଣ୍ଡଳ ମୁଖ୍ୟ, ଏମ୍‌ସିସି ମୁଖ୍ୟ ଏବଂ ରାମ୍ ମୁଖ୍ୟମାନଙ୍କୁ ଭେଟିବା ସହ ଋଣ ଯୋଜନା ସମ୍ପର୍କରେ ଆଲୋଚନା କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି।

## ଭୁବନେଶ୍ୱର: ୩ ଲକ୍ଷ ଟପିଲା କୋଭିଡ୍ ପରୀକ୍ଷା

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ):** ଭୁବନେଶ୍ୱରରେ କୋଭିଡ୍ ପରୀକ୍ଷା ୩ଲକ୍ଷ ଟପିଛି। ସହରର ପ୍ରାୟ ୩୦% ଲୋକଙ୍କ କୋଭିଡ୍ ପରୀକ୍ଷା ସରିଛି। ସୋମବାର ସୁଦ୍ଧା ସରକାରୀ ଏବଂ ବେସରକାରୀ ଅନୁଷ୍ଠାନକୁ ମିଶାଇ ଭୁବନେଶ୍ୱରରେ ମୋଟ ୩,୦୧,୮୯୩ରୁ ଉର୍ଦ୍ଧ୍ୱ ବ୍ୟକ୍ତି କୋଭିଡ୍ ଟେଷ୍ଟିଂ କରାଇଥିବା ଜଣାପଡ଼ିଛି। ଗତ ମାର୍ଚ୍ଚ ମାସଠାରୁ ଏପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଏହି ଟେଷ୍ଟିଂ କରାଯାଉଛି ଏବଂ ନାଗରିକମାନଙ୍କ ଆବଶ୍ୟକତା ଓ ଆଗ୍ରହ ଅନୁସାରେ ଟେଷ୍ଟିଂ ସଂଖ୍ୟା ବୃଦ୍ଧି ପାଉଛି। ନିରନ୍ତର ସଚେତନତା ଏବଂ ଗୋଷ୍ଠୀ ବିନିଯୋଗ କାର୍ଯ୍ୟକ୍ରମ ଦ୍ୱାରା ଟେଷ୍ଟିଂ ସଂଖ୍ୟା ବଢ଼ିବାରେ ଲାଗିଛି। ସେପ୍ଟେମ୍ବର ୧୮ ସୁଦ୍ଧା ଟେଷ୍ଟ ସଂଖ୍ୟା ୨ଲକ୍ଷରେ ପହଞ୍ଚିଥିଲା। ଅକ୍ଟୋବର ୧୨ ସୁଦ୍ଧା ଏହା ଆଉ ଏକ ଲକ୍ଷରୁ ଉର୍ଦ୍ଧ୍ୱ ହୋଇ ୩ ଲକ୍ଷ ଟପିଛି। ସେପଟେ ଭୁବନେଶ୍ୱରରେ ଗତ ୨୪ଘଣ୍ଟାରେ ଆଉ ୨୮୧ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୩୧୫ଜଣ ସୁସ୍ଥ ହୋଇଛନ୍ତି। ରାଜଧାନୀରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୨୬,୦୧୬ରେ ପହଞ୍ଚିଥିବା ବେଳେ ଆରୋଗ୍ୟ ସଂଖ୍ୟା ୨୨,୫୨୫କୁ ବୃଦ୍ଧି ପାଇଛି।

## ବସ୍ତାରୁ ମହିଳାଙ୍କ ମୃତଦେହ ଉଦ୍ଧାର

**କଣାସ, ୧୩।୧୦(ସ୍ୱ.ପ୍ର/ ଡି.ଏନ୍.ଏ.):** ବସ୍ତାରେ ବନ୍ଧା ହୋଇ ଦୟା ନଦୀରେ ଭାସୁଥିବା ଜଣେ ମହିଳାଙ୍କ ମୃତଦେହକୁ ଗଡ଼ିଶାଗୋଦା ଥାନା ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ମହିଳାଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କ ବୟସ ପ୍ରାୟ ୪୨ବର୍ଷ ହେବ। ଏ ନେଇ ପୋଲିସ ଏକ ମାମଲା (ନଂ ୧୦/୨୦) ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ମହିଳାଙ୍କୁ କେହି ହତ୍ୟାକରି ପ୍ରମାଣ ଲୁଚାଇବାକୁ ବସ୍ତାରେ ବାନ୍ଧି ନଦୀରେ ଫିଙ୍ଗିଦେଇଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ପ୍ରକାଶ କରିଛନ୍ତି।

# ଅପହରଣ ପରେ ନାବାଳିକାଙ୍କୁ ବଳାତ୍କାର

**କଟକ ଅଫିସ, ୧୩।୧୦**

- ୨୨ଦିନ ଧରି ଫାର୍ମରେ ରଖିଥିଲେ ୨ ଯୁବକ
- ଚାଇଲ୍ଡ ଲାଇନ୍ ପକ୍ଷରୁ ଏତଲା ପରେ ତଦନ୍ତ ଆରମ୍ଭ

ଜଣେ ୧୫ବର୍ଷୀୟା ନାବାଳିକାଙ୍କୁ ୨୨ଦିନ ଧରି ବଳାତ୍କାର କରାଯାଇଛି। ୨ଜଣ ଯୁବକ ସମ୍ପୃକ୍ତ ନାବାଳିକାଙ୍କୁ ରାସ୍ତାରୁ ଅପହରଣ କରିନେଇ ଏକ ଚିକେନ ଫାର୍ମରେ ରଖି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଚାଉଳିଆଗଞ୍ଜ ଥାନା ଅଧୀନ ଗତିରାଉତପାଟଣା ଅଞ୍ଚଳରେ ଏହି ଘଟଣା ଘଟିଛି। ପୋଲିସ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରି ଚାଇଲ୍ଡଲାଇନକୁ ହସ୍ତାନ୍ତର କରିଛି। ଏ ନେଇ ଚାଇଲ୍ଡଲାଇନ ପକ୍ଷରୁ ଚାଉଳିଆଗଞ୍ଜ ଥାନାରେ ଏତଲା ରୁଜୁ ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

ସମ୍ପୃକ୍ତ ନାବାଳିକାଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳରେ ହୋଇଥିବାବେଳେ ପାରିବାରିକ କଳହକୁ ନେଇ ସେ ଏକ ମାସ ତଳେ କଟକରେ ରହୁଥିବା ବଡ଼ ଭଉଣୀଙ୍କ ଘରକୁ ଚାଲି ଆସିଥିଲେ। ତେବେ ସେଠାରେ ତାଙ୍କୁ ରହିବାକୁ ବଡ଼ ଭଉଣୀ ମନା କରି ଘରକୁ ଯିବା ପାଇଁ କହିଥିଲେ। ସେ ଘରକୁ ଫେରିବା ପାଇଁ ଓଏମ୍‌ପି ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଜଣେ ଯୁବକ ଆସି ନାନା ପ୍ରଲୋଭନ ଦେଖାଇ ତାଙ୍କୁ ବାଦାମବାଡ଼ିକୁ ନେଇଯାଇଥିଲେ। ତେବେ ଘରକୁ ଯିବା ପାଇଁ ନାବାଳିକା ବ୍ୟସ୍ତ ହେବାରୁ ସେ ତାଙ୍କୁ ସାଙ୍ଗରେ ଧରି ଜଗତସିଂହପୁର ବାହାରିଥିଲେ। ମାତ୍ର ଗତିରାଉତପାଟଣା ନିକଟରେ ବଳପୂର୍ବକ ଏକ ଚିକେନ୍ ସେଣ୍ଟରକୁ ନେଇଯାଇଥିଲେ। ଚିକେନ ସେଣ୍ଟରଟି ଉକ୍ତ ଯୁବକଙ୍କ ସାଙ୍ଗଙ୍କର ବୋଲି କୁହାଯାଉଛି। ପରେ ଦୁଇଜଣ ସାଙ୍ଗ ନାବାଳିକାଙ୍କୁ ବଳାତ୍କାର କରିବା ସହିତ ଭିଡିଓ ରେକର୍ଡିଂ କରିଥିଲେ। ସୋମବାର ନାବାଳିକାଜଣଙ୍କ କୌଶଳକ୍ରମେ ସେଠାରୁ ଖସି ଆସି ଗତିରାଉତପାଟଣା ହନୁମାନ ମନ୍ଦିର ପାଖରେ ବସିଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବାରୁ ଚାଉଳିଆଗଞ୍ଜ ଥାନାଧିକାରୀ ତାପସ ପ୍ରଧାନ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ତାଙ୍କୁ ଚାଇଲ୍ଡଲାଇନକୁ ହସ୍ତାନ୍ତର କରାଯାଇଥିଲା। ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ମନ୍ଦାକିନୀ ଜେମାଙ୍କ ନିକଟରେ ପୀଡ଼ିତାଙ୍କୁ ଉପସ୍ଥାପନ କରାଯିବା ସହିତ ବୟାନ ରେକର୍ଡ କରାଯାଇଥିବା ଜଣାପଡ଼ିଛି।

## ୭ ବର୍ଷର ବାଳିକାଙ୍କୁ ବଳାତ୍କାର

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

ଶହୀଦନଗର ଥାନା ଅଧୀନ ଏକ ବସ୍ତିରେ ଜଣେ ୭ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏଥିସହ ୧୬ ବର୍ଷୀୟ ଅଭିଯୁକ୍ତ ନାବାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିବାବେଳେ ଅଭିଯୁକ୍ତ ନାବାଳକଙ୍କୁ ବାଳ ସୁଧାରଗୃହକୁ ପଠାଯିବ ବୋଲି ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ନାବାଳିକା ଜଣକ ସୋମବାର ସନ୍ଧ୍ୟାରେ ନିଜ ଘର ନିକଟରେ ଖେଳୁଥିଲେ। ତାଙ୍କୁ ଏକାକୀ ଦେଖି ସେ ଘର ଭିତରକୁ ଟେକି ନେଇଥିଲେ। ଘର ପଛପଟେ ଏକ ବୁଦାମୂଳେ ତାଙ୍କୁ ବଳାତ୍କାର କରିଥିଲେ। ନାବାଳିକା କାନ୍ଦି କାନ୍ଦି ଘରକୁ ଫେରିବା ପରେ ପରିବାର ଲୋକେ ପଚାରି ସବୁ କଥା ଜାଣିବାକୁ ପାଇଥିଲେ। ଏ ନେଇ ସେମାନେ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଉକ୍ତ ବସ୍ତିରେ ଲୁଚିଥିବା ଅଭିଯୁକ୍ତ ନାବାଳକଙ୍କୁ ଧରି ଥାନାକୁ ଆଣିଥିଲା। ସିଆର୍‌ପିସି ଧାରା ୧୬୧ରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିବା ପୋଲିସ କହିଛି।



ଅପୂର୍ବା ପତ୍ରିକା ପୂଜା ସଂଖ୍ୟା ୨୦୨୦କୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ମଙ୍ଗଳବାର ମନ୍ତ୍ରୀ ଅରୁଣ କୁମାର ସାହୁ, ସମ୍ପାଦକ କ୍ଷୀରୋଦ ପତି ଓ କବି ରକ୍ଷକ ନାୟକ ଲୋକାର୍ପଣ କରୁଛନ୍ତି।

## ଅଫ୍‌ଲାଇନ୍‌ରେ ଫର୍ମ ପୂରଣ କରୁଛନ୍ତି ଘରୋଇ ସ୍କୁଲ

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

### କୋଭିଡ୍ ଗାଇଡଲାଇନ ଉଲ୍ଲଙ୍ଘନ ଅଭିଯୋଗ

ଅନ୍‌ଲାଇନରେ ନବମ-ଏକାଦଶ ନାମ ପଞ୍ଜୀକରଣ ଓ ଦଶମ-ଦ୍ୱାଦଶ ଫର୍ମ ପୂରଣ କରିବା ଲାଗି ଓଡ଼ିଶା ଅଭିଭାବକ ମହାସଂଘ ଦାବି କରିଛି। କରୋନା ମହାମାରୀ ପାଇଁ ସ୍କୁଲ ବନ୍ଦ ଥିବାବେଳେ କେବଳ ଅନ୍‌ଲାଇନରେ କ୍ଲାସ ଚାଲିଛି। ଏଭଳିସ୍ଥଳେ ସିବିଏସ୍‌ଇର ନିର୍ଦ୍ଦେଶକୁ ଢାଲ କରି ନବମ ଓ ଏକାଦଶ ଶ୍ରେଣୀ ନାମ ପଞ୍ଜୀକରଣ ଏବଂ ଦଶମ ଓ ଦ୍ୱାଦଶ ପରୀକ୍ଷା ପାଇଁ ଫର୍ମ ପୂରଣ ଆଳରେ ପ୍ରାଇଭେଟ ସ୍କୁଲଗୁଡ଼ିକ ଅଭିଭାବକଙ୍କୁ ସ୍କୁଲକୁ ଡାକି ଅଫ୍‌ଲାଇନ ଫର୍ମ ପୂରଣ କରିବା ସହିତ ସମସ୍ତ ଫି' ଜୋର ଜବରଦସ୍ତ ଓ ଧମକାଇ ଆଦାୟ କରୁଛନ୍ତି। ଏପରିକି ଅନ୍‌ଲାଇନ କ୍ଲାସ ବନ୍ଦ କରିବା ପାଇଁ ମଧ ସ୍କୁଲଗୁଡ଼ିକ ପଛାଉନାହାନ୍ତି। ସିବିଏସଇ କର୍ତ୍ତୃପକ୍ଷଙ୍କ କରୋନା ସମୟରେ ଫି' କମାଇବା ଓ ଆଦାୟ ନିଷ୍ପତି ରାଜ୍ୟ ସରକାର ନେବା ପାଇଁ ସର୍କୁଲାର ଜାରି କରିଥିଲେ ମଧ ସ୍କୁଲ୍ କର୍ତ୍ତୃପକ୍ଷ ଏହାକୁ ମାନୁନାହାନ୍ତି। ଏଭଳିସ୍ଥଳେ ଜରିମାନା ସହ ଫର୍ମ ଫିଲପ ନିର୍ଦ୍ଦେଶ ପ୍ରତ୍ୟାହାର ଓ ସମୟ ଅବଧି ବୃଦ୍ଧି, କେବଳ ଅନଲାଇନରେ ଫର୍ମ ପୂରଣ ଅନୁମତି ସହ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ କ୍ଲାସରୁ ବଞ୍ଚିତ ନ ହେବା ପାଇଁ ସିବିଏସ୍‌ଇ ଅଧ୍ୟକ୍ଷଙ୍କ ନିକଟରେ ଓଡିଶା ଅଭିଭାବକ ମହାସଂଘ ଦାବି କରିଥିଲା। ମାତ୍ର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ତିନି ଦଫା ଦାବିନେଇ ମହାସଂଘ ପକ୍ଷରୁ ସିବିଏସ୍‌ଇ ଆଞ୍ଚଳିକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ବାସୁଦେବ ଭଟ୍ଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଧାରଣାରେ ମହାସଂଘର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଆଞ୍ଚଳିକ ଅଧିକାରୀ ଟି. ମାଟେ ମହାସଂଘ କର୍ମକର୍ତ୍ତାଙ୍କ ସହ ଦୀର୍ଘ ୧ଘଣ୍ଟା ଧରି ଆଲୋଚନା କରିବା ସହ ଅନ୍‌ଲାଇନରେ ଫର୍ମ ପୂରଣକୁ ସୁବ୍ୟବସ୍ଥିତ କରିବା ସହ ନିୟମ ଭାଙ୍ଗିଥିବା ସ୍କୁଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କହିଥିଲେ।



ମଙ୍ଗଳବାର ଲଗାଣବର୍ଷା ସମୟରେ ଭୁବନେଶ୍ୱରରେ ଲୋକମାନେ ଯିବାଆସବା କରୁଛନ୍ତି।

## ଅକ୍ସିଜେନ ସିଲିଣ୍ଡର ବ୍ୟାଙ୍କ ଲୋକାର୍ପିତ

**ପୁରୀ ଅଫିସ, ୧୩।୧୦**

ରୋଟାରୀ କ୍ଲବ, ପୁରୀ ପକ୍ଷରୁ ଅକ୍ସିଜେନ ସିଲିଣ୍ଡର ବ୍ୟାଙ୍କର ଲୋକାର୍ପଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ନିକଟରେ ପରଲୋକ ଘଟିଥିବା ରୋଟାରିଆନ ମହେଶ କୁମାର ପ୍ରଧାନ ଏବଂ ଇନର ହୁଇଲ୍ କ୍ଲବର ପୂର୍ବତନ ସଭାନେତ୍ରୀ ପ୍ରତିମା ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ ସମର୍ପିତ କରାଯାଇଛି। କୌଣସି ରୋଗୀର ହଠାତ୍ ଅମ୍ଳଜାନ ପରିମାଣ କମିଲେ କୃତ୍ରିମ ଉପାୟରେ ଦ୍ୱରିତ୍ୱ ପ୍ରୟୋଗ କରିବା ଆବଶ୍ୟକ ପଡ଼େ। ଏହାକୁ ଦୃଷ୍ଟିରେ ରଖି ଏହି ଧରଣର ରୋଗୀଙ୍କୁ ସହାୟତା ଦେବା ଲକ୍ଷ୍ୟରେ ଏହି ପ୍ରକଳ୍ପର ପରିକଳ୍ପନା କରାଯାଇଛି। ପ୍ରାରମ୍ଭିକ ଭାବେ ୧୦ଟି ସିଲିଣ୍ଡର ରଖି ସେବା ଆରମ୍ଭ ହେବାକୁ ଯାଉଥିଲେ ହେଁ ଆଗାମୀ ଦିନରେ ଆହୁରି ୧୦ଟି ବ୍ୟବସ୍ଥା କରାଯିବ। ଅମ୍ଳଜାନ ଆବଶ୍ୟକ ଥିବା ରୋଗୀଙ୍କୁ ଏହା ବିନା ଶୁଳ୍କରେ ଦିଆଯାଇପାରିବ। ସାମାଜିକ କର୍ମୀ ତଥା ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ଏହା ଦିଆଯିବ । ୧୦ଟି ସିଲିଣ୍ଡରକୁ ସଭାପତି ପ୍ରମୋଦ କୁମାର ଆଚାର୍ଯ୍ୟ, ସଦସ୍ୟ ବିଜୟ କୁମାର ପତି, ବିଭୁପ୍ରସାଦ ତ୍ରିପାଠୀ, ବଦ୍ରିନାରାୟଣ ପାତ୍ର, ସୁଧୀର ଚନ୍ଦୁକା, ବିଜୟ କୁମାର ରଥ, ଅଜୟ ସାହା, କେଦାର ଚୌଧୁରୀ, ଜୟ ଦାଶଗୁପ୍ତା, କୃଷ୍ଣଚନ୍ଦ୍ର ପାତ୍ର ପ୍ରଭୃତି ନିଜ ଦିବଂଗତ ପ୍ରିୟଜନଙ୍କ ଉଦ୍ଦେଶ୍ୟରେ ଦାନ କରିଛନ୍ତି।

## ତଦନ୍ତ ନାଁରେ ଯୁବକଙ୍କୁ ପିଟି ହତ୍ୟା ଅଭିଯୋଗ

**ଖୋର୍ଦ୍ଧା ଅଫିସ/ବାଣପୁର, ୧୩।୧୦**

- କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ଧାରଣା
- କାଠ ଚୋରି ଅଭିଯୋଗରେ ଉଠାଇ ନେଇଥିଲେ ବନ କର୍ମଚାରୀ

ତଦନ୍ତ ଆଳରେ ବାଲୁଗାଁ ବନ କର୍ମଚାରୀ ଜଣେ ଯୁବକଙ୍କୁ ପିଟି ହତ୍ୟା କରିଥିବା ନେଇ ତାଙ୍କ ସ୍ତ୍ରୀ ପ୍ରତିମା ବେହେରା ମଙ୍ଗଳବାର ବାଣପୁର ଥାନାରେ ଅଭିଯୋଗ କରିଛନ୍ତି। ମୃତକ ହେଲେ ନୟାଗଡ଼ ଜିଲା ଶରଣକୂଳ ଥାନା ଅଧୀନ ଗୋଳଗାଁର ବଳଭଦ୍ର ବେହେରା ଓରଫ୍ ଟିକି। ପରିବାରକୁ କ୍ଷତିପୂରଣ ସହ ସମ୍ପୃକ୍ତ ବନ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ପରିବାରବର୍ଗ ଓ ସମ୍ପର୍କୀୟମାନେ ବାଣପୁର ମେଡିକାଲରେ ଧାରଣା ଦେବା ସହ ମୃତଦେହକୁ ଛାଡ଼ି ନ ଥିଲେ। ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସତ୍ତ୍ୱେ ପରିବାରଲୋକେ ବ୍ୟବଚ୍ଛେଦ ଲାଗି ରାଜି ହୋଇ ନ ଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଟାମଣା ସଂରକ୍ଷିତ ଜଙ୍ଗଲ ଅଧୀନ ମଇଁଷିଗୋଠ ନିକଟରେ କେତେଜଣ ବ୍ୟକ୍ତି ଗଛ କାଟୁଥିବା ବନ କର୍ମଚାରୀ ସୂଚନା ପାଇଥିଲେ। ଧୂଆଁନଳୀ ଫରେଷ୍ଟ ବିଟ୍ ହାଉସ୍‌ର କର୍ମଚାରୀଙ୍କୁ ଦେଖି କେତେଜଣ ଯୁବକ ଦୌଡି ପଳାଇଥିଲେ। ମାତ୍ର ଟିକି ଗଛ କାଟୁଥିବା ବେଳେ ବନକର୍ମଚାରୀମାନେ ତାଙ୍କୁ ଧରି କାର୍ଯ୍ୟାଳୟକୁ ନେଇଥିଲେ। ରାତିରେ ଟିକି ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ନୀଳାଦ୍ରିପ୍ରସାଦ ଓ ପରେ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଣପୁର ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ମଙ୍ଗଳବାର ମୃତକଙ୍କ ପରିବାର ସଦସ୍ୟ ଡାକ୍ତରଖାନାରେ ପହଞ୍ଚି ଟିକିଙ୍କ ଶରୀରରେ କ୍ଷତ ଚିହ୍ନ ଥିବା ଦେଖିବାକୁ ପାଇଥିଲେ।

## ୬.୬୮ ଲକ୍ଷ ଲୁଟ୍ ମାମଲାରେ ୫ ଗିରଫ

**ଜଟଣୀ, ୧୩।୧୦(ଡି.ଏନ୍.ଏ):** ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର କର୍ମଚାରୀ ମନୋରଞ୍ଜନ ପଟ୍ଟନାୟକଙ୍କଠାରୁ ୬ଲକ୍ଷ ୬୮ହଜାର ୨୭ଟଙ୍କା ଲୁଟ୍ ମାମଲାରେ ଜଟଣୀ ପୋଲିସ ମଙ୍ଗଳବାର ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ବିଡିଏ କଲୋନୀର ଗୁଲୁ ମହାରଣା, ବାଛରାପାଟଣାର ଚନ୍ଦୁ ଓରଫ ରଞ୍ଜିତ୍ ଘଡ଼େଇ, ମିଥୁନ୍ ଘଡ଼େଇ, ଭୀମପୁର ଗ୍ରାମର କାହ୍ନା ନାୟକ, ବାଛରା ପାଟଣା ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ଟାଉନ୍ ଥାନା କଦଳୀବାଡ଼ି ଅଞ୍ଚଳର ଚନ୍ଦନ ରାଉତରାୟ। ଏମାନଙ୍କ ନିକଟରୁ ଦୁଇଟି ବାଇକ୍, ଲୁହାରଡ୍, ୪ ମୋବାଇଲ୍ ଫୋନ୍ ଓ ୪୫୦୦ ଟଙ୍କା ଜବତ ହୋଇଛି।

## ମିଠା ଦୋକାନୀଙ୍କୁ ହତ୍ୟା ଘଟଣା: ୨ଦିନିଆ ରିମାଣ୍ଡରେ ରାଜା

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

ସାମନ୍ତରାପୁର ଛକରେ ମିଠା ଦୋକାନୀ ପ୍ରଭାକର ବେହେରା ହତ୍ୟା ଘଟଣାରେ କୋର୍ଟରେ ଆତ୍ମସମର୍ପଣ କରିଥିବା ରାଜକିଶୋର ବେହେରା ଓରଫ ରାଜାଙ୍କୁ ପୋଲିସ ୨ଦିନିଆ ରିମାଣ୍ଡରେ ଆଣିଛି। ଲିଙ୍ଗରାଜ ଥାନା ପୋଲିସ ପକ୍ଷରୁ ରାଜାଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବା ପାଇଁ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରାଯାଇଥିଲା। କିନ୍ତୁ କୋର୍ଟ ୨ଦିନ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି। ରାଜା ଏହି ହତ୍ୟା ଘଟଣାର ମାଷ୍ଟରମାଇଣ୍ଡ ହୋଇଥିବାରୁ ତାଙ୍କୁ ପଚରାଉଚରାବେଳେ ବହୁ ତଥ୍ୟ ପଦାକୁ ଆସିବ ବୋଲି ପୋଲିସ କହିଛି।

## ଏଟିଏମ୍ ଲୁଟ୍ ପୂର୍ବରୁ ଧରାପଡ଼ିଲେ

**କଟକ ଅଫିସ, ୧୩।୧୦**

### ୟୁଟ୍ୟୁବ୍ ଦେଖି ଶିଖିଥିଲେ କୌଶଳ



ଅଭିଯୁକ୍ତ ଶିଶିର ଦେବନାଥ।

ୟୁଟ୍ୟୁବ୍ ଦେଖି ଚୋରି ବିଦ୍ୟା ଶିଖିଥିଲେ। ଏଟିଏମ୍ ସାଇରନ୍‌କୁ କିପରି ବିଚ୍ଛିନ୍ନ କରାଯିବ, ଭୋଲ୍ଟକୁ କିପରି ଅଲଗା କରାଯାଇ ଟଙ୍କା ଲୁଟିହେବ ସେ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ମାତ୍ର ବିଦ୍ୟାକୁ କାର୍ଯ୍ୟକାରୀ କରିବାବେଳେ ଧରାପଡ଼ିଛନ୍ତି ଜଣେ ଲୁଟେରା। ସେ ହେଲେ ଗଣ୍ଡରପୁର ଅଞ୍ଚଳର ଶିଶିର ଦେବନାଥ। ଗଣ୍ଡରପୁର ପେଟ୍ରୋଲ ପମ୍ପ ସମ୍ମୁଖ ଏସବିଆଇ ଏଟିଏମ୍‌ରୁ ଲୁଟ୍ ଉଦ୍ୟମରେ ପୋଲିସ ତାଙ୍କୁ ଗିରଫ କରିଛି। ଏ ନେଇ ଏକ କେସ୍ (ନଂ. ୩୫୧/୨୦) ରୁଜୁ ସହ ତାଙ୍କୁ କୋର୍ଟ ଚାଲାଣ କରିଛି। ମଙ୍ଗଳବାର କଟକ ଡିସିପି ପ୍ରତୀକ ସିଂ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଡିସିପି କହିଛନ୍ତି ଯେ, ଗତ ୧୧ ତାରିଖ ରାତି ପ୍ରାୟ ୩ଟାରେ ଶିଶିର ଗ୍ୟାସ୍ କଟର୍ ମେଶିନ୍‌ରେ ଏଟିଏମ୍‌ରୁ ଲୁଟ୍ କରିବାକୁ ଚେଷ୍ଟା କରିଥିଲେ। ୟୁଟ୍ୟୁବରୁ ସବୁ ଶିଖି ଗତ ୨ ତାରିଖରେ ମହାନଦୀବିହାର ସାବରମତୀ ହସ୍ପିଟାଲରୁ ଅକ୍ସିଜେନ୍ ସିଲିଣ୍ଡର ଏବଂ ଗତ ୮ତାରିଖରେ କଲେଜଛକର ଆରେନ୍ ଦାସ ଆଣ୍ଡ ସନ୍ସ ଷ୍ଟୋରରୁ ଗ୍ୟାସ୍ କଟର୍ ଏବଂ ପାଇପ୍ କିଣିଥିଲେ। ୧୧ତାରିଖ ବିଳମ୍ବିତ ରାତିରେ ଏଟିଏମ ଲୁଟ କରିବାକୁ ଆସିଥିଲେ। ରାତି ପ୍ରାୟ ୨ଟାରେ ସେ ଏଟିଏମ୍ ସାଇରନ୍ ଏବଂ ସ୍ପିକରର ସଂଯୋଗକୁ ବିଚ୍ଛିନ୍ନ କରିଥିଲେ। ଏଟିଏମ ଭୋଲ୍ଟକୁ ମଧ କାଟିଦେଇଥିଲେ। ତେବେ ଏଟିଏମରେ ଲାଗିଥିବା ଭାଇବ୍ରେଟ ସେନ୍ସର ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟକୁ ଟାମ୍ପରିଂ ହେଉଥିବା ନେଇ ସଂକେତ ଦେଇଥିଲା। ମୁଖ୍ୟ କାର୍ଯ୍ୟାଳୟରୁ ତତକ୍ଷଣାତ୍ ଚାଉଳିଆଗଞ୍ଜ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚିବା ବେଳକୁ ଶିଶିର ଫେରାର ହୋଇ ଯାଇଥିଲେ। ପରେ ସିସିଟିଭି କ୍ୟାମେରା ଫୁଟେଜକୁ ଆଧାର କରି ପୋଲିସ ତାଙ୍କୁ ଗିରଫ କରିଛି।

## ବୁଦ୍ଧିଜୀବୀଙ୍କ ମତ ଲୋଡ଼ାଯିବ

**ପୁରୀ ଅଫିସ, ୧୩।୧୦**

### ଶ୍ରୀମନ୍ଦିର ଖୋଲିବା ପ୍ରସଙ୍ଗ



ଶ୍ରୀମନ୍ଦିର ଖୋଲିବା ନେଇ ତୃତୀୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ସେବାୟତ ନିଯୋଗ ଯୋଗ ଦେଇ ନିଜ ମତ ରଖିଛନ୍ତି। ଅନ୍ୟପକ୍ଷରେ ଏ ନେଇ ପ୍ରଶାସନ ପକ୍ଷରୁ ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ମତ ଲୋଡ଼ାଯିବ ବୋଲି ସୂଚନା ମିଳିଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ୬ଟି ସେବାୟତ ନିଯୋଗ ଏବଂ ବରିଷ୍ଠ ଏକକ ସେବାୟତଙ୍କ ସହ ବିଚାର ବିମର୍ଶ ଓ ମତ ସଂଗ୍ରହ କରିଥିଲେ। ଏଥିରେ ସୁଆର ବଡୁ, ପତ୍ରୀବଡୁ, ହଡ଼ପ ନାୟକ, ମେକାପ, ଦଉମହାପାତ୍ର, ବିଦୁଆ, ପନ୍ତିବଡୁ, ବେହେରା ଏବଂ ପ୍ରଧାନୀ ଭାଗ ନେଇଥିଲେ। ସାମ୍ପ୍ରତିକ ସ୍ଥିତିରେ ଶ୍ରୀମନ୍ଦିର ନ ଖୋଲିବା ପାଇଁ ପ୍ରାୟ ସମସ୍ତେ କହିଥିଲେ। ତେବେ ସେବାୟତଙ୍କୁ ଦିଆଯାଉଥିବା ସ୍ୱତନ୍ତ୍ର ଅନୁଦାନ ବୃଦ୍ଧି ପାଇଁ ସେବାୟତମାନେ ଦାବି ଜଣାଇଥିଲେ। ଏତଦ୍‌ବ୍ୟତୀତ ମନ୍ଦିର ଖୋଲିବା ନେଇ ଏକ ନିର୍ଦ୍ଦିଷ୍ଟ ତାରିଖ ସ୍ଥିର କରିବାକୁ ମୁଖ୍ୟ ପ୍ରଶାସକଙ୍କୁ କହିଥିଲେ। ଆସନ୍ତା ୧୬ ତାରିଖରେ ସେ ଏକ ତାରିଖ ସ୍ଥିର କରିବେ। ଏହି ତାରିଖ ସଂକ୍ରାନ୍ତରେ ପରିଚାଳନା କମିଟି ବୈଠକରେ ଆଲୋଚନା ହେବ। ଯଦି ସମସ୍ତଙ୍କ ସହମତି ରୁହେ ତେବେ ଏହାକୁ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ ବୋଲି ନିଷ୍ପତ୍ତି ହୋଇଛି। ସୂଚନାଥାଉ କି, ଏହି ଭର୍ଚୁଆଲ ମିଟିଂ ବୁଧବାର ଠାରୁ ଅନ୍ୟ ସେବାୟତ ନିଯୋଗ ସହ ଆହୁରି ୩ ଦିନ ଧରି ଚାଲିବ।

## ଫୋରେନ୍‌ସିକ ଲାବ୍‌କୁ ଗଲା ସିସିଟିଭି ହାର୍ଡ ଡିସ୍କ

**ଭୁବନେଶ୍ୱର, ୧୩।୧୦ (ବ୍ୟୁରୋ)**

### ପେଟ୍ରୋଲ ଟାଙ୍କି ବିସ୍ଫୋରଣ ଘଟଣା

- ସିପିଙ୍କୁ ଭେଟିବେ ନିଖୋଜ ସୀମାଞ୍ଚଳଙ୍କ ମା'
- ନ୍ୟାୟ ନ ମିଳିଲେ ଧାରଣାରେ ବସିବେ



ରାଜଭବନ ପେଟ୍ରୋଲ ଟାଙ୍କି ବିସ୍ଫୋରଣ ଘଟଣାକୁ ଆଜିକୁ ୮ ଦିନ ବିତିଲାଣି। ଏଯାବତ୍ ନିଖୋଜ ସୀମାଞ୍ଚଳ ପରିଡ଼ାଙ୍କ ବିଷୟରେ ପୋଲିସ କିଛିବି ସୂଚନା ଦେଉ ନାହିଁ। ସୀମାଞ୍ଚଳଙ୍କ ପରିବାର ଲୋକେ ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ ତାଙ୍କ ଅଭିଯୋଗକୁ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଘଟଣା ପରଦିନ ଏକ ସାଦା କାଗଜରେ ପରିବାର ଲୋକଙ୍କ ଦସ୍ତଖତ ନେଇ ପୋଲିସ ବସି ପଡ଼ିଛି। ସୀମାଞ୍ଚଳ ଜୀବିତ କି ମୃତ ସେନେଇ ସ୍ପଷ୍ଟ କରୁନାହାନ୍ତି। ଏପରି କି ଡିଏନ୍‌ଏ ପରୀକ୍ଷା ପାଇଁ ତାଙ୍କ ବାପା କିମ୍ବା ମା'ଙ୍କ ନମୁନା ନେଉ ନାହାନ୍ତି। ପରିବାର ଲୋକେ ଫୋନ୍ କଲେ ପୋଲିସ ବୁଝାଇ ଦେଇ ଫୋନ୍ କାଟି ଦେଉଥିବା ସୀମାଞ୍ଚଳଙ୍କ ସମ୍ପର୍କୀୟ ଦୁର୍ଗା ପ୍ରସାଦ ଜେନା କହିଛନ୍ତି। ପୋଲିସ ଅଭିଯୋଗ ନେଉ ନ ଥିବାରୁ ସୀମାଞ୍ଚଳଙ୍କ ମା' ବୁଧବାର ସିପିଙ୍କୁ ଭେଟିବାକୁ ଆସିବେ। ଏଥିସହ ଆଇଓସିଏଲ୍ ଅଧିକାରୀଙ୍କୁ ମଧ ଭେଟିବେ। ଯଦି ତାଙ୍କୁ ନ୍ୟାୟ ନ ମିଳେ ତେବେ ପରିବାର ଲୋକେ ସିପି ଏବଂ ଆଇଓସିଏଲ୍ ଅଫିସ ଆଗରେ ଧାରଣାରେ ବସିବେ ବୋଲି ଦୁର୍ଗା କହିଛନ୍ତି।

ଅନ୍ୟପକ୍ଷରେ ପେଟ୍ରୋଲ ଟାଙ୍କିରେ ଲାଗିଥିବା ସିସିଟିଭି ଫୁଟେଜର ହାର୍ଡ ଡିସ୍କକୁ ପୋଲିସ ମଙ୍ଗଳବାର ରାଜ୍ୟ ଫୋରେନ୍‌ସିକ ଲାବ୍‌କୁ ପଠାଇଛି। ବିସ୍ଫୋରଣ ସମୟରେ ଫୁଟେଜରେ ଉତ୍ତୋଳିତ ହୋଇଥିବା ଭିଡିଓ ଠିକ୍ ଅଛି କି ନାହିଁ, ଏଥିରେ କୌଣସି ପ୍ରକାର ଏଡିଟ୍ କରାଯାଇଛି କି , ବିସ୍ଫୋରଣ ସମୟ ଅନୁସାରେ ଫୁଟେଜରେ ଉତ୍ତୋଳନ ହୋଇଥିବା ଛବି ମଧ୍ୟରେ ସାମଞ୍ଜସ୍ୟ ରହିଛି କି ନାହିଁ ସେନେଇ ଫୋରେନ୍‌ସିକ୍ ଲାବ୍ ଅଧିକାରୀମାନେ ରିପୋର୍ଟ ଦେବେ। ପୋଲିସ ଏହି ରିପୋର୍ଟ ପାଇବା ପରେ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରିବ। ଅପରପକ୍ଷରେ ଏହି ମାମଲାକୁ ଚାପି ଦେବାକୁ ପାଇଁ ଉପରସ୍ତରରେ ଏକ ଯୋଜନା ହୋଇଥିବା ଅଭିଯୋଗ ହେଉଛି। କାରଣ ଉକ୍ତ ପେଟ୍ରୋଲ ଟାଙ୍କିର କାଗଜପତ୍ର ଠିକ୍ ଥିଲା କି ନାହିଁ ସେନେଇ ଆଇଓସିଏଲ ପକ୍ଷରୁ କିଛିବି କୁହାଯାଉନାହିଁ। ଏପରିକି ଆଇଓସିଏଲ ପକ୍ଷରୁ ପେଟ୍ରୋଲ ପମ୍ପକୁ ନିୟମିତ ଭାବେ ଯାଞ୍ଚ କରାଯାଉଥିଲା କି ନାହିଁ ତାକୁ ନେଇ ଏବେ ଭିନ୍ନ ପ୍ରଶ୍ନ ଉଠୁଛି। ଏତେ ବଡ଼ ବିସ୍ଫୋରଣ ଘଟିଥିଲେ ମଧ ଆଇଓସିଏଲ୍‌ର ଅଧିକାରୀ ଏନେଇ କିଛି ପ୍ରତିକ୍ରିୟା ଦେଉନାହାନ୍ତି। କେବଳ ମୃତକଙ୍କ ପରିବାରକୁ କ୍ଷତିପୂରଣ ଘୋଷଣା କରି ଆଇଓସିଏଲ ବସିପଡ଼ିଥିବା ଅଭିଯୋଗ ହେଉଛି। ଏନେଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି ଯେ, ସିସିଟିଭି ଫୁଟେଜର ହାର୍ଡ ଡିସ୍କ ଫୋରେନ୍‌ସିକ ଲାବ୍‌କୁ ପଠାଯାଇଛି। ଏହାସହ ପୋଲିସ ସବୁ ଦିଗକୁ ନେଇ ତଦନ୍ତ କରୁଛି।

## ମିଜୋରାମରୁ ଉପହାରରେ ଆସିବେ ୮ ପଶୁପକ୍ଷୀ

ବାରଙ୍ଗ,(ଡି.ଏନ୍.ଏ.)- ମିଜୋରାମର ଆଇଜଲ ଚିଡିଆଖାନାରୁ ନନ୍ଦନକାନନକୁ ଆସିବେ ନୂଆ ପଶୁପକ୍ଷୀ। ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ଏହି ନୂଆ ପଶୁପକ୍ଷୀ ଆଣିବା ପାଇଁ ନନ୍ଦନକାନନର ୫ ଜଣିଆ ଟିମ୍ ମିଜୋରାମ ଗସ୍ତ କରିବାର ଯୋଜନା ହୋଇଥିବା ଜଣାପଡିଛି। ଏଥର ପଶୁପକ୍ଷୀ ଅଦଳବଦଳ ନୁହେଁ ଉପହାରରେ ଆସିବ ୪ ପ୍ରଜାତିର ୮ଟି ପଶୁପକ୍ଷୀ। ଏମାନଙ୍କ ମଧ୍ୟରେ ରହିଛନ୍ତି ହଳେ ବଳିଆକୁକୁର, ହଳେ ହିମାଳୟ କଳାଭାଲୁ, ହଳେ ଆସାମିଜ୍ ମାଙ୍କଡ଼ ଓ ହଳେ ନୂଆ ପ୍ରଜାତିର କଇଁଚ। ୨୦୧୮ମସିହାରେ ମିଜୋରାମରୁ ଉପହାରରେ ହଳେ ବଳିଆକୁକୁର, ହଳେ ଆସାମିଜ୍ ମାଙ୍କଡ, ଗୋଟିଏ ହିମାଳୟ କଳାଭାଲୁ ଆସିଥିବାବେଳେ ବଳିଆକୁକୁର ବଂଶ ଲୋପ ପାଇଯାଇଛି।

## ପୁରୀ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମାମଲା

**ମନ୍ତ୍ରୀ, ବିଧାୟକଙ୍କ କୋଭିଡ୍ ଆଇନ ଉଲ୍ଲଂଘନ ପ୍ରସଙ୍ଗ**

ପୁରୀ ଅଫିସ,୧୩।୧୦: କୋଭିଡ୍ ଆଇନ ଉଲ୍ଲଂଘନ କରିଥିବାରୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଙ୍ଗଳବାର ପୁରୀ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଶ୍ରୀଜଗନ୍ନାଥ ସେନା ମାମଲା ରୁଜୁ କରିଛି। ପୂର୍ବରୁ ସେନା ସମୁଦ୍ରକୂଳ ଥାନାରେ ଅଭିଯୋଗ କରିବା ସହ ଏସ୍‌ପି ଏବଂ ରାଜ୍ୟପାଳଙ୍କୁ ଫେରାଦ ହୋଇଥିଲା। ମାତ୍ର ପୋଲିସ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ତେଣୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛୁ ବୋଲି ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି।

ଉପରୋକ୍ତ ଦୁଇ ଜନପ୍ରତିନିଧି କରୋନା ପଜିଟିଭ ଚିହ୍ନଟ ପରେ ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଶେଷକୃତ୍ୟରେ ସାମିଲ ହୋଇଥିଲେ। ଏହାଦ୍ୱାରା ଦୁହେଁ କୋଭିଡ୍ ଆଇନ ଭାଙ୍ଗିଥିବା ଅଭିଯୋଗ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସେନା ଥାନାରେ ଏତଲା ଦେଇଥିଲା। ବିଧାୟକଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ମାତ୍ର ମନ୍ତ୍ରୀ ଦାଶଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

# ଡିଲ୍ ବେଳେ ଶିକାରୀଙ୍କୁ ଧରିଲା ଏସ୍‌ଟିଏଫ୍

**କଡ଼ା ନିୟମ ସତ୍ତ୍ୱେ ଅବାଧ ବାଘ ଶିକାର**
- ଦେଢ଼ ଲକ୍ଷ ଟଙ୍କାର ବାଘଛାଲ ଜବତ
- କୋଲକାତା ଦେଇ ବିଦେଶକୁ ଚାଲାଣ କରାଯାଉଛି

ଭୁବନେଶ୍ୱର,(ବ୍ୟୁରୋ)/ ସୋନପୁର, (ନି.ପ୍ର.) ୧୩।୧୦

ରାଜ୍ୟରେ ବନ୍ୟପ୍ରାଣୀ ଶିକାର ବିରୋଧରେ କଠୋର ଆଇନ ବ୍ୟବସ୍ଥା ରହିଛି। ହେଲେ କଡ଼ା ଆଇନ ଓ କଟକଣା ସତ୍ତ୍ୱେ ବନ ବିଭାଗ ବନ୍ୟପ୍ରାଣୀ ଶିକାରକୁ ରୋକିପାରୁ ନାହିଁ। ବିଶେଷକରି ଅନ୍ତର୍ଜାତୀୟ ବଜାରରେ ବାଘଛାଲର ବିଶେଷ ଚାହିଦା ରହିଥିବାରୁ ବାଘଙ୍କ ଉପରେ ଶିକାରୀଙ୍କ ଲୋଲୁପଦୃଷ୍ଟି ପଡୁଛି। ଅନେକ କ୍ଷେତ୍ରରେ ବନ କର୍ମଚାରୀଙ୍କ ସହ ଶିକାରୀ ମଧୁଚନ୍ଦ୍ରିକା ରଖି ବାଘ ଶିକାର କରୁଛନ୍ତି, ଯେଉଥିପାଇଁ ରାଜ୍ୟରେ ଅବାଧ ବାଘ ଶିକାର ବଢିଚାଲିଛି। ଏକ କଲରାପତରିଆ ବାଘକୁ ଶିକାର କରି ଛାଲ ବିକ୍ରି କରିବା ସମୟରେ ମଙ୍ଗଳବାର କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଦ୍ୱାରା ଜଣେ ଶିକାରୀ ଗିରଫ ହୋଇଛନ୍ତି। ତାଙ୍କ ନିକଟରୁ ଦେଢ ଲକ୍ଷ ଟଙ୍କାର ବାଘଛାଲ ଜବତ କରାଯାଇଛି। ସୁବର୍ଣ୍ଣପୁର ସରକାରୀ ଆଇଟିଆଇ ନିକଟରେ ଏହି ଡିଲ୍ ହେଉଥିବାବେଳେ ଏସ୍‌ଟିଏଫ୍ ସୂଚନା ପାଇ ସମ୍ପୃକ୍ତ ଶିକାରୀ ତଥା ବେପାରୀ ସମ୍ବଲପୁର ଜିଲା ମହୁଲପାଲି ଅଞ୍ଚଳର ଅଶୋକ ଛତ୍ରିଆଙ୍କୁ ଗିରଫ କରିଛି। ଏହି ଛାଲ ସୁବର୍ଣ୍ଣପୁରରୁ ରାଜ୍ୟ ବାହାରକୁ ଚାଲାଣ ହୋଇଥାନ୍ତା। ଏ ନେଇ ୱାଇଲ୍ଡ୍ ଲାଇଫ୍ ପ୍ରୋଟେକ୍‌ସନ୍ ଆକ୍ଟର ବିଭିନ୍ନ ଦଫାରେ ଏକ ମାମଲା (ନଂ. ୨୪/୨୦) ରୁଜୁ


ଗିରଫ ଅଶୋକ ଛତ୍ରିଆ

କରି ଏସ୍‌ଟିଏଫ୍ ଅଶୋକଙ୍କୁ ସୁବର୍ଣ୍ଣପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟକୁ ଚାଲାଣ କରିଛି। ସୂଚନା ଅନୁଯାୟୀ, ସୁବର୍ଣ୍ଣପୁର ସରକାରୀ ଆଇଟିଆଇ ନିକଟରେ ବାଘ ଛାଲ ଡିଲ୍ ହେବା ନେଇ ଏସ୍‌ଟିଏଫ୍ ଖବର ପାଇଥିଲା। ତେଣୁ ଏ ନେଇ ଏସ୍‌ଟିଏଫ୍ ଜାଲ ବିଛାଇଥିଲା। ସୋମବାର ମଧ୍ୟାହ୍ନ ୧୨ଟାରେ ଅଶୋକ ଉକ୍ତ କଲେଜ ନିକଟରେ ଏକ ପ୍ଲାଷ୍ଟିକ୍ ବ୍ୟାଗ୍ ଧରି ଛିଡ଼ା ହୋଇଥିଲେ। ସମ୍ବଲପୁରର ଜଣେ ବେପାରୀ ଆସି ତାଙ୍କଠାରୁ ବାଘଛାଲ ନେଇଥାନ୍ତେ। ତେବେ ପୂର୍ବରୁ ସେଠାରେ ଲୁଚି ରହିଥିବା ଏସ୍‌ଟିଏଫ ଅଧିକାରୀମାନେ ଅଶୋକଙ୍କୁ ମାଡ଼ିବସିଥିଲେ। ଯାଞ୍ଚବେଳେ ତାଙ୍କ ବ୍ୟାଗରୁ ଏକ ବାଘ ଛାଲ ମିଳିଥିଲା।

ଅଶୋକ କେବେଠାରୁ ବାଘଛାଲ ବେପାର କରୁଥିଲେ? ତାଙ୍କ ଲିଙ୍କ୍‌ରେ କେତେଜଣ ଏଜେଣ୍ଟ ଅଛନ୍ତି? ସେ କେତେଜଣଙ୍କୁ ବାଘଛାଲ ବିକ୍ରି କରିଛନ୍ତି? ବାଘକୁ ସେ କେଉଁ ଜଙ୍ଗଲରୁ ହତ୍ୟା କଲେ ଏବଂ ଗୁଳି କରି ନା ଅନ୍ୟ କେଉଁଥିରେ ଶିକାର କଲେ? ଏ ସବୁ ପ୍ରଶ୍ନର ଉତ୍ତର ପାଇଁ ଏସ୍‌ଟିଏଫ୍ ଅଧିକାରୀମାନେ ତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବେ ବୋଲି ଜଣାପଡ଼ିଛି। କିଭଳି ବାଘ ଶିକାର କରାଯାଇଛି ତାହା ଜାଣିବା ପାଇଁ ଜବତ ବାଘଛାଲକୁ ଡେରାଡୁନସ୍ଥିତ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟକୁ କେମିକାଲ ଟେଷ୍ଟ ନିମନ୍ତେ ପଠାଯିବ ବୋଲି ଏସ୍‌ଟିଏଫର ଜଣେ ଅଧିକାରୀ କହିଛନ୍ତି।


ଜବତ ବାଘଛାଲ

ବିଦେଶରେ ବାଘଛାଲର ଚାହିଦା ରହିଛି। ସମ୍ପ୍ରତି ବାଘଛାଲ କାରବାରର ହବ୍ ପାଲଟିଛି କୋଲକାତା। ଓଡ଼ିଶାର ବିଭିନ୍ନ ଜଙ୍ଗଲରୁ ବାଘ ଶିକାର କରାଯାଇ କୋଲକାତାକୁ ପଠାଯାଉଛି। ସେଠାରୁ ସିଲିଗୁଡ଼ି, ନେପାଳ, ତିବ୍ବତ୍, ବର୍ମା, ଚାଇନା ଓ ଇରାନକୁ ଚାଲାଣ ହେଉଛି। ସରକାରୀ ତଥ୍ୟ ଅନୁଯାୟୀ, ୨୦୧୫-୧୬ରେ ରାଜ୍ୟର ୧୬ ବନ୍ୟପ୍ରାଣୀ ଡିଭିଜନରେ ୨୪ ବାଘ ଶିକାର ହୋଇଥିଲା। ଅନ୍ୟପକ୍ଷେ ଏସ୍‌ଟିଏଫ୍ ରିପୋର୍ଟ ମୁତାବକ ଗତ ୩ବର୍ଷରେ ୧୧ ବାଘଛାଲ, ୪ ହରିଣ ଛାଲ ଜବତ କରାଯାଇଛି। ସେହିପରି ଗୋଟିଏ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରାଯାଇଥିବା ବେଳେ ୪ଟି ବଜ୍ରକାପ୍ତାର କାତି ଜବତ ହୋଇଛି। ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନ ମାମଲାରେ ଏପର୍ଯ୍ୟନ୍ତ ୩୮ ଜଣଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ବନ୍ୟପ୍ରାଣୀ ଶିକାର ରୋକିବାକୁ ହେଲେ ବନ ବିଭାଗକୁ ଅଧିକ ସକ୍ରିୟ ଓ ସଜାଗ ହେବାକୁ ପଡ଼ିବ।

## ବନ୍ଧୁକ ଦେଖାଇ ଅଳଙ୍କାର, ୨୫ଲକ୍ଷ ଲୁଟ୍

**ୟୁକୋ ବ୍ୟାଙ୍କରେ ସଶସ୍ତ୍ର ଡକାୟତି**
- ଗଲା ବେଳେ ଛାଡ଼ିଗଲେ ବୋମା

ଭୋଗରାଇ, ୧୩।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଚୌକିବଜାରସ୍ଥିତ ୟୁକୋ ବ୍ୟାଙ୍କରୁ ମଙ୍ଗଳବାର ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ୨୫ଲକ୍ଷ ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଗଲାବେଳେ ସେମାନେ ଏକ ବୋମା ଛାଡିଯାଇଥିଲେ। ବାଲେଶ୍ୱରରୁ ବୋମା ନିଷ୍କ୍ରିୟକାରୀ ଦଳ ଓ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବୋମା ନିଷ୍କ୍ରିୟ କରିଛନ୍ତି। ପୋଲିସ ପହଞ୍ଚି ବ୍ୟାଙ୍କ କର୍ମଚାରୀଙ୍କୁ ପଚରାଉଚୁରା କରି ତଲାସୀ ଅଭିଯାନ ଆରମ୍ଭ କରିଛନ୍ତି। ୬ଜଣ ଦୁର୍ବୃତ୍ତ ୩ ବାଇକ୍‌ରେ ଆସି ବ୍ୟାଙ୍କଠାରୁ କିଛି ଦୂରରେ ଗାଡ଼ି ରଖିଥିଲେ। ୬ଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ବ୍ୟାଙ୍କକୁ ଲାଗିଥିବା ଦୋକାନରେ ଠିଆ ହୋଇ ପାନ ଭାଙ୍ଗିବା ପାଇଁ ଦୋକାନୀଙ୍କୁ କହିଥିଲେ। ଏହି ସମୟରେ ଅନ୍ୟ ୫ଜଣ ଦୁର୍ବୃତ୍ତ ବ୍ୟାଙ୍କ ଭିତରକୁ ପଶିଥିଲେ। ପ୍ରଥମେ ଜଣେ ଦୁର୍ବୃତ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ଚାମ୍ବରକୁ ପଶିଯାଇ ଦୁଇଟି କମ୍ପ୍ୟୁଟର ହାଡ଼ଡିସ୍କ କାଢ଼ି ଆଣିଥିଲେ। ଅନ୍ୟ ୪ଜଣ ଦୁର୍ବୃତ୍ତ ବନ୍ଧୁକ, ଛୁରି ଓ ବୋମା ଧରି କ୍ୟାଶିୟର ଓ ଅନ୍ୟ ବ୍ୟାଙ୍କ କର୍ମଚାରୀଙ୍କୁ ନାଟକୀୟ ଢ଼ଙ୍ଗରେ ଧମକ ଦେଇ ଭୟଭୀତ କରିଥିଲେ। ସେମାନେ ବ୍ୟାଙ୍କରେ ଥିବା କର୍ମଚାରୀ ଓ ଗ୍ରାହକଙ୍କ ସହ ୨୦ଜଣଙ୍କର ମୋବାଇଲ ଫୋନ୍ ମାଗି ନେଇ ଗୋଟିଏ ବ୍ୟାଗ୍‌ରେ ପୂରାଇଥିଲେ। ଏହାପରେ କ୍ୟାଶିୟରଙ୍କଠାରୁ ଲକର ଚାବି ମାଗି ନେଇ ଏକ ସ୍ଥାନରେ ଅଟକାଇ ପାଟି କଲେ ମାରିଦେବେ ବୋଲି ଧମକାଇଥିଲେ। ଦୁର୍ବୃତ୍ତମାନେ ମୁହଁରେ ମାସ୍କ ଲଗାଇଥିଲେ। ଦୁଇଜଣ ଓଡ଼ିଆ କହୁଥିବା ବେଳେ ଅନ୍ୟ ୩ ଜଣ ବଙ୍ଗଳା ଓ ହିନ୍ଦୀ ଭାଷାରେ କଥା କହୁଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଦୁର୍ବୃତ୍ତମାନେ ଟଙ୍କା, ସୁନା ଲୁଟ୍ କରିବା ପରେ ତିନୋଟି ବାଇକ୍‌ରେ ଚନ୍ଦନେଶ୍ୱର-ଜଳେଶ୍ୱର ରାସ୍ତାରେ ଫେରାର ହୋଇଯାଇଥିଲେ। ତେବେ ଖବରଲେଖା ହେବା ପର୍ଯ୍ୟନ୍ତ ବ୍ୟାଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇନାହିଁ।

# ପ୍ରାର୍ଥୀ ଘୋଷଣା ପରେ ବିଜେଡିରେ ଅସନ୍ତୋଷ

**ବାଲେଶ୍ୱର ଉପନିର୍ବାଚନ**
- ରୁଦ୍ଧଦ୍ୱାର ବୈଠକ କଲେ ପ୍ରତାପ ଦେବ
- ଦଳ ସୁପ୍ରିମୋଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବା: ରବୀନ୍ଦ୍ର

ବାଲେଶ୍ୱର ଅଫିସ,୧୩।୧୦

ବାଲେଶ୍ୱର ଉପନିର୍ବାଚନ ପାଇଁ ସୋମବାର ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ସ୍ୱରୂପ କୁମାର ଦାସଙ୍କ ନାମ ଘୋଷଣା କରାଯାଇଛି। ନୂତନ ପ୍ରାର୍ଥୀଙ୍କୁ ନେଇ ନେତା ଓ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୋମବାର ସନ୍ଧ୍ୟାରୁ ମଙ୍ଗଳବାର ପର୍ଯ୍ୟନ୍ତ ସ୍ଥାନୀୟ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ନେତା ଓ କର୍ମୀ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଚୟନ କରାଯାଇଥିବା ପ୍ରାର୍ଥୀ ପରିବର୍ତ୍ତନ ଲାଗି ନାରା ଦେଇଥିଲେ। ଜିଲା ସଭାପତି ତଥା ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା କିମ୍ବା ତାଙ୍କ ସ୍ତ୍ରୀ ସୁବାସିନୀ ଜେନାଙ୍କୁ ପ୍ରାର୍ଥୀ କରିବା ପାଇଁ ସେମାନେ ଦାବି କରିଥିଲେ। ଦଳୀୟ କର୍ମୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ବରିଷ୍ଠ ନେତା ପ୍ରତାପ ଦେବଙ୍କୁ ବାଲେଶ୍ୱର ପଠାଇଛନ୍ତି। ସେ ଜିଲା ବିଜେଡି କାର୍ଯ୍ୟାଳୟରେ ପହଞ୍ଚି ସଭାପତି ଜେନାଙ୍କ ଉପସ୍ଥିତିରେ ଦଳୀୟ ନେତା ଓ ଅସନ୍ତୁଷ୍ଟ କର୍ମୀଙ୍କୁ ଡାକି ରୁଦ୍ଧଦ୍ୱାର ବୈଠକ କରିଥିଲେ। ପରେ ଅଫିସ ବାହାରେ ଥିବା ଶତାଧିକ ନେତା ଓ କର୍ମୀଙ୍କ ବିରୋଧକୁ ଦେଖି ସେ କହିଥିଲେ, ବିଜୁ ଜନତା ଦଳ ସୁପ୍ରିମୋଙ୍କ ନିର୍ଦ୍ଦେଶରେ ସ୍ୱରୂପଙ୍କୁ ଉପନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। କର୍ମକର୍ତ୍ତାଙ୍କ ମନରେ ଥିବା ଅସନ୍ତୋଷ ବିଷୟରେ ଦଳର ସୁପ୍ରିମୋଙ୍କୁ ଜଣାଇବେ ବୋଲି କହିଛନ୍ତି।


ବରିଷ୍ଠ ନେତା ପ୍ରତାପ ଦେବ ନିଜର ପ୍ରତିକ୍ରିୟା ରଖୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ପୂର୍ବତନ ବିଧାୟକଙ୍କ ଗୋଷ୍ଠୀ ସ୍ୱାଗତ କରିଥିବା ବେଳେ ଜିଲା ସଭାପତିଙ୍କ ଗୋଷ୍ଠୀ ବିରୋଧ କରିଛି। କିନ୍ତୁ ଟିକେଟ ପାଇଥିବା ସ୍ୱରୂପ ଜେନାଙ୍କ ଆନୁଗତ୍ୟ ହୋଇଥିଲେ ମଧ୍ୟ ଜିଲା ସଭାପତିଙ୍କ ଗୋଷ୍ଠୀର କେତେକ ଛାମୁଆ ନେତା ଏହାକୁ ତୀବ୍ର ବିରୋଧ କରିଛନ୍ତି। ଏ ସମ୍ପର୍କରେ ଜିଲା ସଭାପତି ଜେନା କହିଛନ୍ତି, ବିଜେଡି ଏକ ଶୃଙ୍ଖଳିତ ଦଳ। ସୁପ୍ରିମୋ ହେଉଛନ୍ତି ନବୀନ ପଟ୍ଟନାୟକ। ତାଙ୍କର ନିଷ୍ପତ୍ତିକୁ ଆମେ ସମସ୍ତେ ସମ୍ମାନ ଦେବା। କର୍ମୀମାନଙ୍କ ଅସନ୍ତୋଷକୁ ପ୍ରତାପ ଦେବ ନିଶ୍ଚିତ ଭାବେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିବେ। ଧୈର୍ଯ୍ୟର ସହ କାର୍ଯ୍ୟ କରିବା ସହିତ ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେ ଆହ୍ୱାନ ଦେଇଥିଲେ।

# ଖସୁଛି ସଂକ୍ରମଣ ସଂଖ୍ୟା, ଚିନ୍ତା ବଢ଼ାଉଛି ମୃତ୍ୟୁ

- ୨,୨୭୫ ଆକ୍ରାନ୍ତ ଚିହ୍ନଟ, ୧୭ ମୃତ: ୨,୭୯୬ ସୁସ୍ଥ
- ଆଇଏଲ୍‌ଏସ୍‌ରେ ଏକଲକ୍ଷ ଟପିଲା କୋଭିଡ୍ ପରୀକ୍ଷା
- ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଛି। ଗତ ୧୦ଦିନ ହେବ ଦୈନିକ ସଂକ୍ରମଣ କ୍ରମାଗତ ଭାବେ ଖସିବାରେ ଲାଗିଛି। ଏହି ୧୦ଦିନରେ ପଜିଟିଭ୍ ହାର ୮.୫୩%ରୁ ୬.୩୨%କୁ ଖସି ଆସିଛି। ସେହିପରି ଦୈନିକ ସଂକ୍ରମଣ କ୍ଷେତ୍ରରେ ସଂଖ୍ୟା ୪,୧୪୧ରୁ ୨,୮୩୩କୁ ଖସିଛି। ରାଜ୍ୟର ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ୪ ଜିଲା ଗଞ୍ଜାମ, ଖୋର୍ଦ୍ଧା, କଟକ ଓ ପୁରୀରେ ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୨,୨୭୫ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୩୬୪ଜଣ ଥିବାବେଳେ ସୁନ୍ଦରଗଡ଼ ୧୫୦, କଟକ ୧୪୪, ଅନୁଗୋଳ ୧୩୬, ବାଲେଶ୍ୱର ୧୧୧, ମୟୂରଭଞ୍ଜ ୧୧୦ ଏବଂ ଝାରସୁଗୁଡ଼ାରୁ ୧୦୦ ଜଣ ରହିଛନ୍ତି। ଅନ୍ୟ ସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଦୁଇ ଅଙ୍କରେ ସୀମିତ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୫୬,୯୩୭କୁ ବୃଦ୍ଧି ପାଇଛି। ସେପଟେ ମଙ୍ଗଳବାର ରାଜ୍ୟରେ ଆଉ ୨,୭୯୬ ଆକ୍ରାନ୍ତ କରୋନାରୁ ଆରୋଗ୍ୟ ଲାଭ କରିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୨,୩୨,୯୮୮ରେ ପହଞ୍ଚିଛି। ଦୈନିକ ସଂକ୍ରମିତ ସଂଖ୍ୟା କମୁଥିଲେ ବି ମୃତ୍ୟୁ ସଂଖ୍ୟା ଚିନ୍ତା ବଢ଼ାଉଛି। ଗତ କିଛି ଦିନ ହେଲା ଦୈନିକ ମୃତ୍ୟୁ ସଂଖ୍ୟା ୧୫ରୁ ୧୮ ଭିତରେ ରହୁଛି। ଗତ ୨୪ ଘଣ୍ଟାରେ ୧୭ଜଣଙ୍କ ଜୀବନ ଯାଇଛି। ରାଜ୍ୟରେ ଏପର୍ଯ୍ୟନ୍ତ ୩୮,୩୬,୮୨୫ କୋଭିଡ୍ ପରୀକ୍ଷା ହୋଇଥିବାବେଳେ ୬.୭% ପଜିଟିଭ୍ ବାହାରିଛି। ଗତ ୨୪ଘଣ୍ଟାରେ ୪୦,୦୫୮ ନମୁନା ପରୀକ୍ଷା ହୋଇଛି। ଏକଲକ୍ଷ କୋଭିଡ୍ ନମୁନା ପରୀକ୍ଷଣ ମାଇଲଖୁଣ୍ଟ ଅତିକ୍ରମ କରି ମହାମାରୀ ବିରୋଧରେ ଓଡ଼ିଶାର ସଂଗ୍ରାମକୁ ସଶକ୍ତ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଇଏଲ୍‌ଏସ୍‌କୁ ଅଭିନନ୍ଦନ ଜଣାଇଛନ୍ତି।


## ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁନ୍ଦରଗଡ଼
## DISTRICT MINERAL FOUNDATION, SUNDARGARH

Collectorate Campus, Sundargarh - 770001
Email ID: dmfsundergarh@gmail.com, Tel. No. 06622-273846

Letter No. 1931/(DMF) Dated the 12.10.2020

**RFP No. DMF/SNG/09-2020-21**

| | | | |
|---|---|---|---|
| 1. | The Collector-cum-Chairperson, District Mineral Foundation (DMF), Sundargarh, Government of Odisha invites Technical and Financial proposals from reputed implementing NGOs/Agencies/Firms of National and International repute for **"Establishment and Management of Pre-recruitment Competitive Exam Coaching Centre for providing coaching to educated unemployed youth in Sundargarh District"** as detailed in the Scope of Work in this DTCN. The interested and eligible firms with valid Registration Certificate as a company, as detailed in DTCN, may apply for the same in OFF-LINE mode. (For details visit **www.sundergarh.nic.in**). | | |
| 2. | Nature of Works | : | RFP document for Establishment and Management of Pre-recruitment Competitive Exam Coaching Centre for providing coaching to educated unemployed youth in Sundargarh District. |
| 3. | RFP (Bid) Cost | : | Rs.6,000/- |
| 4. | EMD | : | Rs.50,000/- |
| 5. | Availability of RFP document in the website | : | From 11.00 A.M. of 14.10.2020 to 03.11.2020 upto 5.00 P.M. |
| 6. | Last date of receipt of Bid | : | 03.11.2020 upto 5.00 P.M. |
| 7. | Mode of Receipt of Bids | : | Through Speed Post/Registered Post (India Post)/and by no other means |
| 8. | Date of opening of Technical Bid and Commercial Bid | : | Date: 04.11.2020 at 11.00 A.M. |
| 9. | Address for Business query and Correspondence | : | District Mineral Foundation Collectorate Campus, Near Sub-Collector Office, Sundargarh - 770001 Tel No.: 06622-273846 Website: www.sundergarh.nic.in E-mail id: dmfsundergarh@gmail.com |
| 10. | The bidders have to participate in OFF-LINE bidding only. Further details can be seen from the Sundargarh District website **(www.sundergarh.nic.in)**. Any addendum/corrigendum/ cancellation of tender can also be seen in the said website. If any query then contact E-mail ID: **dmfsundergarh@gmail.com**. | | |

Sd./- Collector & Chairperson, DMF, Sundargarh


# ପଥର ଖନନ ବିରୋଧରେ ଆଦିବାସୀ ମେଳି


ଏକାଠି ହୋଇଥିବା ଆଦିବାସୀମାନେ।

ଖଇରପୁଟ,୧୩।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକସ୍ଥିତ ମା' ଦାମଲଦେଇ ମନ୍ଦିର ସମ୍ମୁଖରେ ମଙ୍ଗଳବାର ଆମ୍ବାକୁଣ୍ଡ ପର୍ବତରୁ ପଥର ଖନନକୁ ବିରୋଧ କରି ଶତାଧିକ ଆଦିବାସୀ ମହିଳାପୁରୁଷ ଏକାଠି ହୋଇଥିଲେ। ଏହି ଅବସରରେ ସେମାନେ ବିଡିଓଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ଏଠାରୁ ପଥର ଖନନ ହେଲେ ସେମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହେବେ ସେ ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରି ଏହାକୁ ବନ୍ଦ କରିବା ଲାଗି ଦାବି କରିଛନ୍ତି। ପଥର ଖନନ ହେଲେ ଉକ୍ତ ଅଞ୍ଚଳରୁ ସବୁଜ ବନାନୀ ଲୋପ ପାଇବ। ତୁରନ୍ତ ଏହାକୁ ବନ୍ଦ କରିବା ଲାଗି ସାଧାରଣରେ ମତ ପ୍ରକାଶ ପାଉଛି।

# ସ୍ତ୍ରୀଙ୍କୁ ଟ୍ରଲିରେ ନେବା ପ୍ରସଙ୍ଗ: ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ

ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)

ପୁରୀ ଜିଲା ସତ୍ୟବାଦୀ ବ୍ଲକର କବୀର ଭୋଇ ସ୍ତ୍ରୀଙ୍କୁ ପୁରୀରୁ କଟକ ବଡ଼ ମେଡିକାଲ ପର୍ଯ୍ୟନ୍ତ ନିଜେ ଟ୍ରଲିରେ ବୋହିନେବା ଘଟଣା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅପାରଗତାକୁ ପଦାରେ ପକାଇଛି। ରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ଏହା ଏକ ନମୁନା ମାତ୍ର ବୋଲି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଅଭିଯୋଗ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ରାଜ୍ୟରେ ଆନ୍ଦୋଳନକୁ ଓହ୍ଲାଇବ। କଂଗ୍ରେସ ଭବନରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରସାଦ କହିଛନ୍ତି, ୧୦୮ ଆମ୍ବୁଲାନ୍ସ ସେବା କାହା ସ୍ୱାର୍ଥରେ ବ୍ୟବହାର କରାଯାଉଛି। କବୀରଙ୍କ ପରିବାରବର୍ଗଙ୍କୁ ସରକାର ୨୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରନ୍ତୁ। ଏ ସମସ୍ତ ଘଟଣାକୁ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିଜ ଆଡ଼ୁ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତକରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଦାନ ମାଝି ଘଟଣାଠାରୁ ସରକାର କ'ଣ ଶିଖିଲେ ବୋଲି ପ୍ରସାଦ ପ୍ରଶ୍ନ କରିବା ସହିତ ଆଗାମୀ ଦିନରେ ସାଧାରଣ ଜନତା ଏହାର ଜବାବ ଦେବେ ବୋଲି କହିଛନ୍ତି। ଏହି ଅବସରରେ ମୁଖପାତ୍ର ନିଶିକାନ୍ତ ମିଶ୍ର ପୁରୀ ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ଭୂମିକାକୁ ନେଇ ପ୍ରଶ୍ନ କରିଛନ୍ତି। ପୁରୀ ଡାକ୍ତରଖାନାକୁ ମେଡିକାଲ କଲେଜ କରିବା ପାଇଁ ସରକାର ଭିତ୍ତିଭୂମି ପ୍ରସ୍ତୁତି କରୁଥିବା ସ୍ଥଳେ ସୁକାନ୍ତୀଙ୍କ ରୋଗ ଚିହ୍ନଟ ନ କରିପାରି ଅଧିକ ଚିକିତ୍ସା ଲାଗି କଟକ କିମ୍ବା ଭୁବନେଶ୍ୱର ପଠାଇବା ପରିବର୍ତ୍ତେ କ'ଣ ପାଇଁ ଘରକୁ ପଠାଇ ଦେଲେ ବୋଲି ପ୍ରଶ୍ନ କରିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

PM ଯୋଜନା ଅଧୀନରେ
Megma Finance Ltd.
ଆଧାରକାର୍ଡ ଏଗ୍ରିକଲ୍ଚର ମାର୍କଶିଟ୍ ପର୍ସନାଲ ପ୍ରପର୍ଟି ଗ୍ରୁପ୍
ଋଣ ମାତ୍ର 24 ଘଣ୍ଟାରେ ଘରେ ବସି
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8901314495
8395921265
B-34/7 A Block Vijay Enclave, Bururi, New Delhi

ଦୟାକରି ଧ୍ୟାନ ଦିଅନ୍ତୁ !!
SHREE KRISHNA FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।।
୦% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765994255
7206213932

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ ।
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nurshing : 2 Years (GNM Pass)
DMLT 2 Year, OT.Tech 2 Year, Dialysis 2 Year, I.C.U 1 Year, E.C.G 1 Year — 10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE — LIMITED SEAT
KIMS, KHANDAGIRI, BBSR
Mob. 8658179869

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଘରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
CAPITAL FINANCE
୧୯୮୨ରୁ ଭାରତର ଏକମାତ୍ର ବିଶ୍ୱସ୍ତନିୟ କମ୍ପାନୀ (Reg.No.AND6590B001)
ମାର୍କସିଟ, ହୋମଲୋନ, ପର୍ସନାଲ, ସମ୍ପତି, ଆଧାରକାର୍ଡ, ପଶୁପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
8765102561

AMBA Finance
ମାର୍କସିଟ ବ୍ୟବସାୟ ବ୍ୟକ୍ତିଗତ ଆଧାରକାର୍ଡ ସମ୍ପତି ଋଣ ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## ସଂକ୍ଷେପରେ

### ରୋନାଲ୍‌ଡୋଙ୍କୁ କରୋନା



**ଲିସ୍‌ବନ୍, ୧୩।୧୦ (ଏପି):** ପର୍ତ୍ତୁଗୀଜ୍ ଷ୍ଟାର ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍‌ଡୋ କରୋନା ସଂକ୍ରମିତ ହୋଇଛନ୍ତି। କୋଭିଡ୍ ଟେଷ୍ଟରୁ ଏହା ସ୍ପଷ୍ଟ ହୋଇଛି। ତାଙ୍କ ନିକଟରେ ରୋଗର କୌଣସି ଲକ୍ଷଣ ନ ଥିଲା। ସେ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି। ବୁଧବାର ତାଙ୍କ ଦେଶର ସ୍ୱାଡେନ୍ ବିପକ୍ଷ ନେଶନ୍ସ ଲିଗ୍ ମ୍ୟାଚରୁ ସେ ବାଦ୍ ପଡ଼ିଛନ୍ତି।

### ଅଲିମ୍ପିକ ଚାମ୍ପିୟନ ମୁର୍‌ଙ୍କ ପରଲୋକ



**ୱାଶିଂଟନ, ୧୩।୧୦ (ଏପି):** ହେଲ୍‌ସିଙ୍କି ଅଲିମ୍ପିକ୍ସ ୧୯୫୨ରେ ୪୦୦ ମିଟର ହର୍ଡଲ୍ସ ଚାମ୍ପିୟନ ଚାର୍ଲି ମୁର୍‌ଙ୍କର ପରଲୋକ ଘଟିଛି। ତାଙ୍କୁ ୯୧ବର୍ଷ ବୟସ ହୋଇଥିଲା। ମୁର୍ ପାନ୍‌କ୍ରିଆଟିକ୍ କ୍ୟାନସର ରୋଗରେ ପୀଡ଼ିତ ଥିଲେ। ସେ ସେତେବେଳେ କ୍ୱାର୍ଟରଫାଇନାଲରେ ୫୦.୮ ସେକେଣ୍ଡ ଟାଇମିଂରେ ଅଲିମ୍ପିକ ରେକର୍ଡ କରିଥିଲେ। ମୁର୍ ଆହୁରି ମଧ ହେଲସିଙ୍କିରେ ଯୁକ୍ତରାଷ୍ଟ୍ର ଆମେରିକା ୧,୬୦୦ ମିଟର ରିଲେ ଟିମ୍‌ରେ ରୌପ୍ୟ ଜିତିଥିଲେ। ଅଲିମ୍ପିକ୍ସ ପରେ ସେ ଲଣ୍ଡନଠାରେ ଅନୁଷ୍ଠିତ ବ୍ରିଟିଶ ଏମ୍ପାୟର ଗେମ୍ସ ୪୪୦ ହର୍ଡଲ୍ସରେ ୫୧.୬ ସେକେଣ୍ଡ ଟାଇମିଂରେ ଏକ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଥିଲେ। ୧୯୭୮ରେ ତାଙ୍କ ନାମ କର୍ନେଲ୍ସ ଆଥଲେଟିକ୍ ହଲ୍ ଅଫ୍ ଫେମ୍ ଏବଂ ୧୯୯୯ରେ ୟୁଏସ୍ଏ ଟ୍ରାକ୍ ଆଣ୍ଡ ଫିଲ୍ଡ ହଲ୍‌ରେ ତାଲିକାଭୁକ୍ତ ହୋଇଥିଲା। ମୁର୍ ତାଙ୍କ ଦୁଇଟି ଅଲିମ୍ପିକ ପଦକ ମରସର୍ସବର୍ଗ ଏକାଡେମୀକୁ ଦାନ କରିଦେଇଥିଲେ।

# ସନ୍‌ରାଇଜର୍ସଙ୍କୁ ହରାଇଲା ସୁପରକିଙ୍ଗ୍ସ

**ଦୁବାଇ, ୧୩।୧୦ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସ ୨୦ ରନରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ୬ ଉଇକେଟ ହରାଇ ୧୬୭ ରନ କରିଥିବାବେଳେ ହାଇଦ୍ରାବାଦ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୪୭ ରନ କରି ପାରିଥିଲା। କ୍ରମାଗତ ୨ ପରାଜୟ ପରେ ଚେନ୍ନାଇର ଏହା ପ୍ରଥମ ଏବଂ ମୋଟ ଉପରେ ୮ ମ୍ୟାଚରୁ ୩ୟ ବିଜୟ। ଅନ୍ୟପକ୍ଷରେ ସନ୍‌ରାଇଜର୍ସର ଏହା ୮ ମ୍ୟାଚରୁ ୫ମ ପରାଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଚେନ୍ନାଇ ଇନ୍‌ଫର୍ମ ଓପନର ଫାଫ୍ ଡୁପ୍ଲେସିଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଡୁପ୍ଲେସି ଖାତା ଖୋଲିବା ପୂର୍ବରୁ ଉଇକେଟକିପର ଜନି ବେୟାରଷ୍ଟୋଙ୍କୁ କ୍ୟାଚ୍ ଦେଇ ଦ୍ରୁତ ବୋଲର ସନ୍ଦୀପ ଶର୍ମାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଡୁପ୍ଲେସି ଅଫ୍ ଷ୍ଟମ୍ପ ବାହାରର ଏକ ଇନ୍‌ସୁଇଙ୍ଗରକୁ ଖେଳିବାକୁ ଯାଇଥିଲେ ଓ ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା। ଫଳରେ ବଲ୍ ବେୟାରଷ୍ଟୋଙ୍କ ହାତକୁ ଯାଇଥିଲା। ଡୁପ୍ଲେସିଙ୍କ ସହ ଇନିଂସ ଓପନ କରିବାକୁ ଆସିଥିବା ସାମ କୁରାନ ୨୧ ବଲରୁ ୩ ଚୌକା ଓ ୨ ଛକା ସହ ଦ୍ରୁତ ୩୧ ରନ କରିଥିବା ବେଳେ ଲାଇନ୍ ମିସ୍ କରି ବୋଲ୍ଡ ହେବା ସହ ସନ୍ଦୀପଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ତୃତୀୟ ଉଇକେଟରେ ଅମ୍ବାତି ରାୟୁଡୁ ଓ ଶେନ୍ ୱାଟସନ ୬୪ ବଲରୁ ଦ୍ରୁତ ୮୧ ରନକରି ସ୍ଥିତି ସମ୍ଭାଳିଥିଲେ। ରାୟୁଡୁ ୩୪ ବଲରୁ ୩ ଚୌକା, ୨ ଛକା ସହ ୪୧ ରନକରି ଲଙ୍ଗଅଫ୍‌ରେ ଡେଭିଡ୍ ୱାର୍ନରଙ୍କୁ ସିଧାସଳଖ କ୍ୟାଚ୍ ଦେଇ ଖଲିଲ ଅହମ୍ମଦଙ୍କ ବଲ୍‌ରେ ଆଉଟ ହୋଇଥିଲେ। ରାୟୁଡୁଙ୍କ ଆଉଟକରି ଖଲିଲ୍ ଦଳକୁ ବ୍ରେକ୍ ଥ୍ରୁ ଦେଇଥିଲେ। ୱାଟସନ ୩୮ ବଲରୁ ୧ ଚୌକା ଓ ୩ ଛକା ସହ ୪୨ ରନ କରି ଲଙ୍ଗଅଫ୍‌ରେ ମନୀଷ ପାଣ୍ଡେଙ୍କୁ କ୍ୟାଚ୍ ଦେଇ ଟି. ନଟରାଜନଙ୍କ ଶିକାର ହୋଇଥିଲେ। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ଯାଇ ୧୩ ବଲରୁ ୨ ଚୌକା ୧ ଛକା ସହ ୨୧ ରନ କରି ଏକ୍ସଟ୍ରା କଭରରେ କେନ୍ ୱିଲିୟମସନଙ୍କୁ କ୍ୟାଚ୍ ଦେଇ ନଟରାଜନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ବିସ୍ଫୋରକ ଡ୍ୱେନ ବ୍ରାଭୋ ବ୍ୟାଟିଂ କରିବାକୁ ଆସି ପ୍ରଥମ ବଲ୍‌ରେ ହିଁ ଖଲିଲ ଅହମ୍ମଦଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଶେଷରେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଧୂଆଁଧାର ପ୍ରଦର୍ଶନ କରି ମାତ୍ର ୧୦ଟି ବଲରୁ ୩ ଚୌକା ଓ ୧ ଛକା ସହ ୨୫ ରନ ସଂଗ୍ରହ କରି ଅପରାଜିତ ରହିଥିଲେ। ଦୀପକ ଚହର ୨ ରନ କରି ଅପରାଜିତ ରହିଥିଲେ। ପଞ୍ଚମ ଉଇକେଟରେ ଧୋନୀ ଓ ଜାଡେଜା ୧୬ ବଲରୁ ଦ୍ରୁତ ୩୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ସନ୍ଦୀପ, ଖଲିଲ ଓ ନଟରାଜନ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରବୀନ୍ଦ୍ର ଜାଡ଼େଜା।

ସନ୍‌ରାଇଜର୍ସ ମାତ୍ର ୨୭ ରନରେ ଅଧିନାୟକ ଡେଭିଡ ୱାର୍ନର (୯) ଓ ମନୀଷ ପାଣ୍ଡେ(୪)ଙ୍କ ଉଇକେଟ ହରାଇଥିଲା। ଫଳରେ କେନ୍ ୱିଲିୟମସନଙ୍କ ଉପରେ ଚାପ ବଢ଼ିଥିଲା। ତେବେ ସେ ନିଜ ଅଭିଜ୍ଞତାର ଉପଯୋଗ କରି ଜନି ବେୟାରଷ୍ଟୋଙ୍କ ସହ ୩ୟ ଉଇକେଟ ଯୋଡ଼ିରେ ୩୨ ଓ ଯୁବ ବ୍ୟାଟ୍ସମ୍ୟାନ ପ୍ରିୟମ ଗର୍ଗଙ୍କ ସହ ୪ର୍ଥ ଉଇକେଟରେ ୪୦ ରନର ଭାଗୀଦାରି ଗଢ଼ି ଇନିଂସକୁ ଆଗେଇ ନେଇଥିଲେ। ବେୟାରଷ୍ଟୋ ୨୪ ବଲ୍‌ରୁ ୨୩ ଓ ଗର୍ଗ ୧୮ ବଲ୍‌ରୁ ୧୬ ରନ କରିଥିଲେ। ଅଲରାଉଣ୍ଡର ବିଜୟ ଶଙ୍କର ୧୨ ରନ କରି ପାରିଥିଲେ। ଆବଶ୍ୟକ ରନହାର ବଢ଼ୁଥିବାରୁ ବଡ଼ ଶଟ୍ ଖେଳିବା ଲକ୍ଷ୍ୟରେ ୱିଲିୟମସନ ୧୮ତମ ଓଭରରେ ଆଉଟ ହୋଇଯାଇଥିଲେ। କର୍ନ ଶର୍ମାଙ୍କ ବଲ୍‌ରେ ସ୍ଲଗ୍ ସୁଇପ୍ ଖେଳିବାକୁ ଯାଇ ସେ ଲଙ୍ଗଅନ୍‌ରେ ଶାର୍ଦ୍ଦୁଳ ଠାକୁରଙ୍କୁ କ୍ୟାଚ ଦେଇଥିଲେ। ୩୯ଟି ବଲ୍ ଖେଳିଥିବା ୱିଲିୟମସନ ୭ ଚୌକା ସହ ସର୍ବାଧିକ ୫୭ ରନ ସ୍କୋର କରିଥିଲେ। ଏହି ଓଭରରେ କର୍ନ ଶର୍ମା ୧୯ ରନ ବ୍ୟୟ କରିବାରୁ ସନ୍‌ରାଇଜର୍ସ ଆଶା ଉଜ୍ଜୀବିତ ହୋଇଥିଲା। ମାତ୍ର ଶାର୍ଦ୍ଦୁଳ ଠାକୁର ୧୯ତମ ଓଭରରେ ମାତ୍ର ୫ ରନ ଦେଇ ରଶିଦ ଖାଁଙ୍କ ଉଇକେଟ ନେବାରୁ ଚେନ୍ନାଇ ବିଜୟ ଏକପ୍ରକାର ନିଶ୍ଚିତ ହୋଇଯାଇଥିଲା। ଚେନ୍ନାଇ ବୋଲରଙ୍କ ମଧ୍ୟରେ କର୍ନ ଶର୍ମା ଓ ଡ୍ୱେନ ବ୍ରାଭୋ ୨ଟି ଲେଖାଏ ଏବଂ ସାମ୍ କୁରାନ, ରବୀନ୍ଦ୍ର ଜାଡେଜା ଓ ଶାର୍ଦ୍ଦୁଳ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୫ | ୨ | ୧୦ | +୧.୩୨୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୫ | ୨ | ୧୦ | +୧.୦୩୮ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୫ | ୨ | ୧୦ | -୦.୧୧୬ |
| ନାଇଟ ରାଇଡର୍ସ | ୭ | ୪ | ୩ | ୮ | -୦.୫୭୭ |
| ସନ୍‌ରାଇଜର୍ସ | ୮ | ୩ | ୫ | ୬ | +୦.୦୦୯ |
| ଚେନ୍ନାଇ ସୁପରକିଙ୍ଗ୍ସ | ୮ | ୩ | ୫ | ୬ | -୦.୩୯୦ |
| ରାଜସ୍ଥାନ ରୟାଲ୍ସ | ୭ | ୩ | ୪ | ୬ | -୦.୮୭୨ |
| କିଙ୍ଗ୍ସ ଇଲେଭେନ | ୭ | ୧ | ୬ | ୨ | -୦.୩୮୧ |

### ସଂକ୍ଷିପ୍ତ ସ୍କୋର

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୬୭/୬ (ୱାଟସନ- ୪୨, ରାୟୁଡୁ- ୪୧, କୁରାନ- ୩୧, ଜାଡେଜା- ୨୫*, ଧୋନୀ- ୨୧, ସନ୍ଦୀପ- ୨/୧୯, ଖଲିଲ- ୨/୪୫, ନଟରାଜନ- ୨/୪୧)। ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୪୭/୮ (ୱିଲିୟମସନ-୫୭, ବେୟାରଷ୍ଟୋ-୨୩, କର୍ନ-୨/୩୭, ବ୍ରାଭୋ-୨/୨୫, ଶାର୍ଦ୍ଦୁଳ-୧/୧୦, ସାମ୍ କୁରାନ-୧/୧୮, ଜାଡେଜା-୧/୨୧)।

## ଲକ୍ଷ୍ୟ ସେନ୍‌ଙ୍କ ସଫଳ ପ୍ରତ୍ୟାବର୍ତ୍ତନ



**ଓଡେନ୍ସ, ୧୩।୧୦ (ପି.ଟି.):** ଭାରତର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ପ୍ରତିଯୋଗିତାକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୭୫୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଡେନମାର୍କ ଓପନ୍‌ର ଓପନିଂ ରାଉଣ୍ଡରେ ସେ କ୍ରିଷ୍ଟୋ ପୋପୋଭ୍‌ଙ୍କୁ ୨୧-୧୯, ୨୧-୧୫ରେ ହରାଇ ଦେଇଛନ୍ତି। ୧୯ବର୍ଷୀୟ ଲକ୍ଷ୍ୟ ପରବର୍ତ୍ତୀ ରାଉଣ୍ଡରେ ଡେନମାର୍କର ହାନ୍ସ-କ୍ରିଷ୍ଟିଆନ ସୋଲବର୍ଗ ଭିଟିଙ୍ଗସ ବନାମ ବେଲଜିୟମର ମାକ୍ସିମ ମୋରିଲ୍ସଙ୍କ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ସୂଚନାଯୋଗ୍ୟ, ଲକ୍ଷ୍ୟ ଗତବର୍ଷ ଦୁଇଟି ସୁପର ୧୦୦ ଟୁର୍ନାମେଣ୍ଟ ସମେତ ୫ଟି ଟାଇଟଲ ଜିତିଥିଲେ। କୋଭିଡ୍-୧୯ ଯୋଗୁ ୭ ମାସ ହେଲା ପ୍ରତିଯୋଗିତା ସବୁ ବନ୍ଦ ରହିଥିଲା। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡ୍‌ବ୍ଲ୍ୟୁଏଫ୍) ବହୁ ଟୁର୍ନାମେଣ୍ଟ ବାତିଲ କରିବାକୁ ବାଧ ହୋଇଥିଲା। ଏସିଆ ଲେଗ୍ ଏବଂ ୱାର୍ଲ୍ଡ ଟୁର୍ ଫାଇନାଲ ଆସନ୍ତା ବର୍ଷକୁ ଘୁଞ୍ଚାଇ ଦେଇଛି।

## କାମ୍ବୋଡ଼ିଆର ପୋଭ୍‌ଙ୍କୁ ଭେଟିବେ ରିତୁ

**ନୂଆଦିଲ୍ଲୀ, ୧୩।୧୦ (ପି.ଟି.):** ରେସ୍‌ଲରରୁ ଏମ୍ଏମ୍ଏ ଫାଇଟର ହୋଇଥିବା ଭାରତର ରିତୁ ଫୋଗଟ୍ (୫୨.୨କେଜି) ୱାନ୍: ଇନ୍‌ସାଇଡ୍ ଦି ମାର୍ଟିକ୍ସରେ କାମ୍ବୋଡିଆର ନୋଭ ଶ୍ରେ ପୋଭ୍‌ଙ୍କୁ ଭେଟିବେ। ଏଥିରେ ୬ଟି ୱାର୍ଲ୍ଡ ଟାଇଟଲ ବାଉଟ୍ ହେବ। ଚଳିତମାସ ଶେଷଭାଗରେ ଏହି ପ୍ରତିଯୋଗିତାରେ ମୋଟ ୬ଟି ବିଶ୍ୱ ଶ୍ରେଣୀୟ ମ୍ୟାଚ୍ ହେବ। ସିଙ୍ଗାପୁର ଇନ୍‌ଡୋର ଷ୍ଟାଡିୟମରୁ ଏହି ଇଭେଣ୍ଟର ସିଧାପ୍ରସାରଣ ହେବ। ୱାନ୍ ଚାମ୍ପିୟନଶିପ୍ ପକ୍ଷରୁ ମଙ୍ଗଳବାର ଏହା ଘୋଷଣା କରାଯାଇଛି। ଭାରତ ଏମ୍ଏମ୍ଏ ଚ୍ୟାଲେଞ୍ଜର ଏକ ପାୱାର ହାଉସ୍ ବୋଲି ସେ ଅବଶିଷ୍ଟ ବିଶ୍ୱକୁ ଦେଖାଇଦେବାକୁ ଚାହାନ୍ତି ବୋଲି ରିତୁ କହିଛନ୍ତି। ଚାରୋଟି ୱାର୍ଲ୍ଡ ଟାଇଟଲ ବାଉଟ୍ ମଧ୍ୟରେ ମ୍ୟାନମାରର ଅଙ୍ଗ୍ ଲା ଏନ୍ ସାଙ୍ଗ୍ ତାଙ୍କ ମିଡ୍‌ଲ ୱେଟ୍ ଟାଇଟଲ ବଜାୟ ରଖିବା ଲାଗି ଚେଷ୍ଟା କରିବେ। ସେ ଅପରାଜେୟ ପ୍ରତିଦ୍ୱନ୍ଦ୍ୱୀ ନେଦରଲାଣ୍ଡ୍ସର ଗିନର ଡି' ରିଡରଙ୍କୁ ଭେଟିବେ। ସେହିପରି ସିଙ୍ଗାପୁରର କ୍ରିଷ୍ଟିଆନ ଲି' ଟପ୍ ଲାଇଟ୍‌ୱେଟ୍ କନ୍‌ଟେଣ୍ଡର ମୋଲ୍‌ଡୋଭାର ଲୁରି ଲାପିଅସ୍ ଏବଂ ଫିଦରୱେଟ୍‌ରେ ଭିଏତ୍‌ନାମର ମାର୍ଟିନ ଏନ୍‌ଗୁୟେନ ଯୁକ୍ତରାଷ୍ଟ୍ର ଆମେରିକାର ଥାନ୍ ଲି'ଙ୍କ ସହ ମୁକାବିଲା କରିବେ। ସେହିପରି ଫାଇନାଲ ୱାର୍ଲ୍ଡ ଚାମ୍ପିୟନଶିପ୍ ଶୋ ଡାଉନ୍‌ରେ ବର୍ତ୍ତମାନର ଷ୍ଟ୍ରୱେଟ୍ ୱାର୍ଲ୍ଡ ଚାମ୍ପିୟନ ଚାଇନାର ଜିଅଙ୍ଗ ଜିନ୍ ନାନ୍ ତାଙ୍କ ୱାନ୍ ସର୍କଲ ପ୍ରତ୍ୟାବର୍ତ୍ତନରେ ପୂର୍ବତନ ୱାନ୍ ୱାର୍ଲ୍ଡ ଟାଇଟଲ ଚ୍ୟାଲେଞ୍ଜର ସିଙ୍ଗାପୁରର ଟିଫାନି ଟିଓଙ୍କ ସହ ମୁକାବିଲା କରିବେ। ସେହିପରି ଦୁଇଥର ପୂର୍ବତନ ୱାନ୍ ଲାଇଟ୍‌ୱେଟ୍ ୱାର୍ଲ୍ଡ ଚାମ୍ପିୟନ ଫିଲିପାଇନ୍ସର ଏଡୁଆର୍ଡ ଫୋଲାୟାଙ୍ଗ୍ ୱାନ୍ ସର୍କଲକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ଅଷ୍ଟ୍ରେଲିଆର ଆଣ୍ଟୋନିଓ କାରୁସୋଙ୍କ ସହ ମୁକାବିଲା କରିବେ।



ରିତୁ ଫୋଗଟ୍

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶା ଭାରତୀୟ...

ଯୋଗାଇଦେବ। ଏହା ଆମ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଭାଗୀଦାରି ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାର କାନ୍ତି ବେହେରା କହିଛନ୍ତି। ଗତକିଛି ବର୍ଷ ମଧ୍ୟରେ ରଗ୍‌ବୀର ଲୋକପ୍ରିୟତା ବଢ଼ିଛି ଓ ଏଥିରେ ଅଂଶଗ୍ରହଣ କରିବା ଦଳଗୁଡିକର ସଂଖ୍ୟାରେ ମଧ ବୃଦ୍ଧି ଘଟିଛି। ରଗ୍‌ବୀ ଇଣ୍ଡିଆର ପ୍ରୟାସ ଯୋଗୁ ଯୁବ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବାକୁ ମନ ବଳାଉଛନ୍ତି। ଏହି ଚୁକ୍ତି ଦ୍ୱାରା ରାଜ୍ୟ ଓ ସାରା ଦେଶରେ ରଗ୍‌ବୀର ଯଥେଷ୍ଟ ପ୍ରଚାର ଓ ପ୍ରସାର ହେବ। କେବଳ ସେତିକି ନୁହେଁ ଭାରତୀୟ ଜାତୀୟ ରଗ୍‌ବୀ ଦଳଗୁଡିକ ପାଇଁ ହାଇ ପରଫର୍ମାନ୍ସ ଟ୍ରେନିଂର ବ୍ୟବସ୍ଥାକୁ ଆହୁରି ଦୃଢ଼ କରାଯିବ। ଓଡ଼ିଶା ମଧ କେତେଜଣ ଜାତୀୟସ୍ତରର ରଗ୍‌ବୀ ଖେଳାଳି ସୃଷ୍ଟି କରିଛି। ଏବେ ତୃଣମୂଳସ୍ତରରୁ ରଗ୍‌ବୀ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କ ବିକାଶ କରାଯାଇପାରିବ। ଏହି ଖେଳାଳିମାନେ ଅନ୍ତର୍ଜାତୀୟସ୍ତରରେ ନିଜର ପ୍ରଦର୍ଶନ ଦ୍ୱାରା ଦେଶକୁ ଗୌରାବାନ୍ୱିତ କରିବେ ବୋଲି ସେ କହିଛନ୍ତି।

ରଗ୍‌ବୀ ଇଣ୍ଡିଆ ତରଫରୁ ଅଧ୍ୟକ୍ଷ ଅନ୍‌ୱାଲା ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ସରାକାରଙ୍କ ସମର୍ଥନ ନିଶ୍ଚିତ ଭାବେ ଆମ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ଏହି ଚୁକ୍ତି ଓ ସହଭାଗିତା ଦ୍ୱାରା ରଗ୍‌ବୀର ଉନ୍ନତି ହୋଇପାରିବ। କ୍ରୀଡ଼ାକୁ ଓଡ଼ିଶା ସରକାର ଅଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ବିଭିନ୍ନ କ୍ରୀଡ଼ା ପାଇଁ ଓଡ଼ିଶା ଏକ ସ୍ପୋର୍ଟ୍ସ ହବ୍‌ରେ ପରିଣତ ହୋଇଛି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ାର ହାଇ ପରଫର୍ମାନ୍ସ ଟ୍ରେନିଂ ସେଣ୍ଟର ଓଡ଼ିଶା ସରକାର ସ୍ଥାପନ କରିଛନ୍ତି ଓ ଏହା ଦ୍ୱାରା ଖେଳାଳିମାନେ ଉପକୃତ ହୋଇଛନ୍ତି ବୋଲି ସେ କହିଛନ୍ତି।

ସେହିପରି ଭାରତୀୟ ରଗ୍‌ବୀ ପାଇଁ ଏହା ଏକ ଐତିହାସିକ ଦିନ ବୋଲି ରାହୁଲ କହିଛନ୍ତି। ପ୍ରାୟୋଜକ ହୋଇଥିବାରୁ ଓଡ଼ିଶା ସରକାରଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ଏବେ ପ୍ରଥମଥର ପାଇଁ ଭାରତୀୟ ପୁରୁଷ ଓ ମହିଳା ରଗ୍‌ବୀ ଖେଳାଳିମାନେ ସେମାନଙ୍କ ପ୍ରଦର୍ଶନ ଓ ସେବା ପାଇଁ ପାଉଣା ପାଇବେ। ଏହା ଦ୍ୱାରା ରଗ୍‌ବୀ ଦେଶରେ ଏକ ପେସାଦାର ଖେଳରେ ପରିଣତ ହେବ। କେବଳ ରଗ୍‌ବୀ ନୁହେଁ ଅନ୍ୟ କ୍ରୀଡ଼ାଗୁଡିର ଉନ୍ନତି ପାଇଁ ଓଡ଼ିଶା ସରକାର ବହୁତ କିଛି କରିଛନ୍ତି ଓ ଏ ନେଇ ପ୍ରୟାସ ଜାରି ରଖିଛନ୍ତି। ଓଡ଼ିଶା ସରକାର ଏଥିପାଇଁ ପ୍ରଶଂସାର ହକ୍‌ଦାର ବୋଲି ସେ କହିଛନ୍ତି।

ଗତକିଛି ବର୍ଷ ମଧ୍ୟରେ ଓଡ଼ିଶା ସାରା ଦେଶରେ କ୍ରୀଡ଼ାର ଉନ୍ନତି ପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ସହ ପ୍ରୟାସ ଜାରି ରଖିଛି। ଓଡ଼ିଶା ଏକପ୍ରକାର ଦେଶର ଅଘୋଷିତ କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଛି। ତେଣୁ ଏଥିପାଇଁ ରଗ୍‌ବୀ ଇଣ୍ଡିଆ ଓଡ଼ିଶାର ଏକ ବ୍ରାଣ୍ଡ ଇମେଜ ପ୍ରସ୍ତୁତ କରିବ ବୋଲି ଆଶା କରାଯାଉଛି। ଉଲ୍ଲେଖଥାଉ କି, ୨୦୧୮ରେ ଓଡ଼ିଶା ସରକାର ଭାରତୀୟ ପୁରୁଷ ଓ ହକି ଦଳର ପ୍ରାୟୋଜକ ହିସାବରେ ୫ ବର୍ଷ ପାଇଁ ଚୁକ୍ତି କରିଥିଲେ। କେବଳ ସେତିକି ନୁହେଁ, ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଟିମ୍ ଓଡ଼ିଶା ଏଫ୍‌ସିକୁ ମଧ ସମର୍ଥନ କରିଥିଲେ। ଏହାପରେ ଜାତୀୟ ରଗ୍‌ବୀ ଦଳର ପ୍ରାୟୋଜକ ହୋଇ ଓଡ଼ିଶା ଜାତୀୟ କ୍ରୀଡ଼ାରେ ଏକ ବିରଳ ଦୃଷ୍ଟାନ୍ତ ସୃଷ୍ଟି କରିଛି।




କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଉପସ୍ଥିତିରେ ମଙ୍ଗଳବାର ଓଡ଼ିଶା ସରକାର ଓ ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହେଉଛି।

# ପ୍ରତିଶୋଧ ଲକ୍ଷ୍ୟରେ ରାଜସ୍ଥାନ

**ଦୁବାଇ, ୧୩।୧୦ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ ରାଜସ୍ଥାନ ରୟାଲ୍ସ। ଚଳିତ ସଂସ୍କରଣର ପ୍ରଥମ ମୁକାବିଲାରେ ଦିଲ୍ଲୀ ନିକଟରୁ ୪୬ ରନରେ ପରାଜିତ ହୋଇଥିଲା ରାଜସ୍ଥାନ। ତେଣୁ ରିଟର୍ନ ମ୍ୟାଚରେ ପ୍ରତିପକ୍ଷ ଦଳକୁ ହରାଇ ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି ଷ୍ଟିଭ୍ ସ୍ମିଥଙ୍କ ରୟାଲ୍ସ। ଚେନ୍ନାଇ ସୁପରକିଙ୍ଗ୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ହରାଇ ସଫଳତାର ସହ ଅଭିଯାନ ଆରମ୍ଭ କରିଥିବା ରାଜସ୍ଥାନ ପରବର୍ତ୍ତୀ ୪ଟି ମ୍ୟାଚରେ କୋଲକାତା, ବାଙ୍ଗାଲୋର, ମୁମ୍ବାଇ ଓ ଦିଲ୍ଲୀ ନିକଟରୁ ପରାଜୟବରଣ କରି ସଂଘର୍ଷ କରିଥିଲା। ଏବେ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଉପଲବ୍ଧ ହେବାଦ୍ୱାରା ଦଳ ସନ୍ତୁଳିତ ହୋଇଛି। ଗତ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇ ଦଳ ବିଜୟ ପଥକୁ ଫେରିଛି। ତେଣୁ ଏହି ପ୍ରଦର୍ଶନ ବଜାୟ ରଖି ଦଳ ଦିଲ୍ଲୀକୁ ମାତ୍‌ଦେବାକୁ ଆଶା ବାନ୍ଧିଛି। ରାଜସ୍ଥାନ ୭ ମ୍ୟାଚ ଖେଳି ୩ ବିଜୟ ଓ ୪ ପରାଜୟ ସହ ୬ ପଏଣ୍ଟ ପାଇଛି।

ଅନ୍ୟପକ୍ଷରେ ଦିଲ୍ଲୀର ପ୍ରଦର୍ଶନ ଏଥର ଉତ୍ସାହଜନକ ରହିଛି। ଶ୍ରେୟାସ ଆୟାରଙ୍କ ନେତୃତ୍ୱାଧୀନ ଦଳ ୭ ମ୍ୟାଚରୁ ୫ ବିଜୟ ସହ ୧୦ ପଏଣ୍ଟ ପାଇ ସାରିଛି। ଏକାଧିକ ଥର ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିବାବେଳେ ଏବେ ରନ ହାରରେ ମୁମ୍ବାଇ ଇଣ୍ଡିଆନ୍ସ ତଳକୁ ଦ୍ୱିତୀୟରେ ରହିଛି।

**ଆଇପିଏଲ୍**
(ବୁଧବାର ମ୍ୟାଚ୍)
**ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରାଜସ୍ଥାନ ରୟାଲ୍ସ**
**ସ୍ଥାନ:** ଦୁବାଇ, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

ଗତ ମ୍ୟାଚରେ ମୁମ୍ବାଇଠାରୁ ପରାଜୟକୁ ଭୁଲି ଦଳ ଆଗାମୀ ମ୍ୟାଚରେ ପେସାଦାର ପ୍ରଦର୍ଶନ ଲକ୍ଷ୍ୟରେ ରହିଛି। ଦିଲ୍ଲୀର ବ୍ୟାଟିଂ ବିଭାଗ ଏଥର ଦ୍ରୁତ ରନ ସଂଗ୍ରହରେ ସମର୍ଥ ହୋଇଥିବାବେଳେ କାଗିଶୋ ରାବାଡ଼ାଙ୍କ ନେତୃତ୍ୱାଧୀନ ବୋଲିଂ ବିଭାଗ ମଧ ଭଲ ପ୍ରଦର୍ଶନ କରି ଆସିଛି। ରାବାଡ଼ା ଏପର୍ଯ୍ୟନ୍ତ ୧୭ଟି ଉଇକେଟ ନେଇ ନିଜ ଫର୍ମର ପ୍ରମାଣ ଦେଇଛନ୍ତି। ତାଙ୍କୁ ଦକ୍ଷିଣ ଆଫ୍ରିକା ପେସର ଏନରିଚ୍ ନର୍ଜେ(୮ ଉଇକେଟ) ଓ ହର୍ଷଲ ପଟେଲ ଉପଯୁକ୍ତ ସହାୟତା ଦେଉଛନ୍ତି। ରବିଚନ୍ଦ୍ରନ ଅଶ୍ୱିନ ଓ ଅକ୍ଷର ପଟେଲଙ୍କ ସ୍ପିନ ମଧ ପ୍ରଭାବୀ ସାବ୍ୟସ୍ତ ହୋଇଛି। ଅଲରାଉଣ୍ଡର ମାର୍କୁସ ଷ୍ଟୋଇନ୍ସ ଉଭୟ ବ୍ୟାଟିଂ ଓ ବୋଲିଂରେ ଦଳକୁ ଫାଇଦାରେ ରଖି ଆସିଛନ୍ତି। ରାଜସ୍ଥାନ ବିପକ୍ଷ ଗତ ମୁକାବିଲାରେ ସେ ହିଁ ଫଳାଫଳରେ ପ୍ରଭେଦ ଆଣିଥିଲେ। ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଆହତ ଯୋଗୁ ଏକ ସପ୍ତାହ ଆକ୍ସନରୁ ଦୂରେଇ ଯାଇଛନ୍ତି। ତେଣୁ ଟିମ୍ ମ୍ୟାନେଜମେଣ୍ଟ ଗତ ମ୍ୟାଚରେ ଶିମରନ ହେଟମେରଙ୍କୁ ବାଦ୍ ଦେଇ ଉଇକେଟ କିପର ଆଲେକ୍ସ କାରେଙ୍କୁ ସୁଯୋଗ ଦେଇଥିଲେ। ଫଳରେ ଅଜିଙ୍କ୍ୟ ରାହାନେ ମଧ ପ୍ରଥମ ମ୍ୟାଚ ଖେଳିବା ସୁଯୋଗ ପାଇଥିଲେ। ଶିଖର ଧାୱନ ଫର୍ମକୁ ଫେରିଥିବାରୁ ପୃଥ୍ୱୀ ଶ' ଓ ଆୟାରଙ୍କୁ ନେଇ ଦିଲ୍ଲୀର ଟପ୍ ଅର୍ଡର ଅଧିକ ମଜଭୁତ ହୋଇଛି।

ବେନ୍ ଷ୍ଟୋକ୍ସ ପ୍ରଥମ ୬ଟି ମ୍ୟାଚ ପାଇଁ ଉପଲବ୍ଧ ନ ଥିଲେ। ରାଜସ୍ଥାନର ୭ମ ମ୍ୟାଚରେ ସେ ଦଳ ସହ ଯୋଗ ଦେଇଥିଲେ। ଏଥିରେ ସେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିଲେ ହେଁ ତାଙ୍କ ଉପସ୍ଥିତିରେ ଦଳ ଉତ୍ସାହୀ ପ୍ରଦର୍ଶନ କରିଥିଲା ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୫ ଉଇକେଟରେ ହରାଇ ୪ ମ୍ୟାଚ ପରାଜୟ ଧାରା ଭାଙ୍ଗିଥିଲା। ରାଜସ୍ଥାନର ଲୋୟର ଅର୍ଡର ବ୍ୟାଟ୍ସମ୍ୟାନମାନେ ଚମତ୍କାର ପ୍ରଦର୍ଶନ କରି ଆସିଛନ୍ତି। ବିଶେଷ କରି ରାହୁଲ ଟେୱାଟିଆଙ୍କ ବିସ୍ଫୋରକ ବ୍ୟାଟିଂ ଦଳକୁ ଫାଇଦାରେ ରଖି ଆସିଛି। ତେଣୁ ଟପ୍ ଅର୍ଡରକୁ ମଜଭୁତ କରିବା ପାଇଁ ଗତ ମ୍ୟାଚରେ ଷ୍ଟୋକ୍ସଙ୍କୁ ଓପନିଂ ଭାର ଦିଆଯାଇଥିଲା। ଆଗାମୀ ଦିନରେ ମଧ ଷ୍ଟୋକ୍ସ ଟପ୍ ଅର୍ଡରରେ ଖେଳିବା ଆଶା ରହିଛି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଜୋସ୍ ବଟଲର ୪୪ ବଲ୍‌ରୁ ୭୦ ରନ କରିଥିଲେ। ତେବେ ଅନ୍ୟ ଖେଳାଳିଙ୍କ ଅବଦାନ ଅଭାବରୁ ଦଳ ପରାଜିତ ହୋଇଥିଲା। ଜୋଫ୍ରା ଆର୍ଚରେ ବୋଲିଂ ବିଭାଗର ନେତୃତ୍ୱ ନେଉଥିବାବେଳେ ଟେୱାଟିଆ ଓ ଶ୍ରେୟାସ ଗୋପାଳଙ୍କ ସ୍ପିନ୍ ବୋଲିଂ ମଧ ଉପଯୋଗୀ ସାବ୍ୟସ୍ତ ହୋଇଛି।



ଅଭ୍ୟାସ ଅବସରରେ ବେନ୍ ଷ୍ଟୋକ୍ସ।


## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଲକ୍ଷ୍ମୀଧର ମହାପାତ୍ର**
ସେବକସାହି, ସାକ୍ଷୀଗୋପାଳ
ଆବିର୍ଭାବ: ତା. ୦୫।୦୧।୧୯୩୯
ତିରୋଧାନ: ତା. ୦୫।୧୦।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମର ଅଭୁଲା ସ୍ମୃତିହୋଇ ରହିବ। ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀସାକ୍ଷୀଗୋପାଳଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର: ବାବୁ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପୁତୁରା, ଝିଆରୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୭୬୨୭

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଯୁଗଳ କୃଷ୍ଣ ମିଶ୍ର**
ଶାସନ ଦାମୋଦରପୁର, ପୁରୀ
ଆବିର୍ଭାବ: ୦୨।୦୫।୧୯୬୩
ତିରୋଧାନ: ୦୫।୧୦।୨୦୨୦
ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଆରପାରିକୁ ଚାଲିଗଲେ ମଧ ଆମ ପାଖରେ ଏବେ ବି ତୁମେ ଥିଲା ପରି ଲାଗୁଛ। ପ୍ରତ୍ୟେକ ମୁହୂର୍ତ୍ତରେ ଆମକୁ ବାଟ ବତାଇ ନେବାକୁ ଆଶିଷ ଦେଉଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ:
ପତ୍ନୀ: ଝୁନୁ, ଝିଅ: ଓଁ, ଭାଇ, ଭାଉଜ, ଶଳା, ଶଳାଭାଉଜ, ଶାଳୀ, ଶଢୁ, ଝିଆରୀ, ପୁତୁରା, ଭଉଣୀ, ଭଣଜା, ଭାଣିଜୀ।
ଧ-୧୮୫୯୦

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା କେତକୀ ମହାରଣା**
ଦାଢ଼ାପାଟଣା, ବାରଙ୍ଗ, କଟକ
ଆବିର୍ଭାବ: ୧୨।୦୨।୧୯୪୦ (ପଟିଆ)
ତିରୋଧାନ: ୦୪।୧୦।୨୦୨୦ (ଦାଢ଼ାପାଟଣା)
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କ ଆଶୀର୍ବାଦ ସଦାସର୍ବଦା ଆମ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର: ଅର୍ଜୁନ, ଅମୂଲ୍ୟ, ପୁତ୍ରବଧୂ: ମାନସୀ, ରୀନା, ନାତି: ଅଜିତ୍, ବିଭୁଦତ୍ତ, ପ୍ରଭୁଦତ୍ତ, ଶୁଭଜିତ୍, ନାତୁଣୀ: ଶୁଚିସ୍ମିତା, ସୁଦିପ୍ତା, ସ୍ୱରୂପା, ଶର୍ମିଷ୍ଠା, ସୁନନ୍ଦା, ଅଣନାତି/ନାତୁଣୀ: ଅମିତ, ଆଦିତ୍ୟ, ଅଂଶୁ, ଖୁସି, ଶ୍ରଦ୍ଧା, ଗୁଗୁ, ମଙ୍ଗଳ
M/S SMITH UDYOG, M/S SWASTIK PROFILES, M/S OMM INDUSTRIES, M/S SPM INDUSTRIES, M/S APEX SOLAR SOLUTION, M/S SHREE ENTERPRISES
ଧ-୬୯୬୩୧

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଦୁର୍ଗାପ୍ରସାଦ ମିଶ୍ର**
ଭି.ଏସ୍.ଏସ୍. ନଗର, G/L-68, ଭୁବନେଶ୍ୱର
ଆବିର୍ଭାବ: ୨୫।୦୫।୧୯୪୧
ତିରୋଧାନ: ୦୪।୧୦।୨୦୨୦
ଆପଣଙ୍କ ଅମର ଆତ୍ମା ମୋକ୍ଷ ଲାଭକରୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଶୈଳ, ବାପୁନା, ଟିକିନା, ପୁପୁନା, ଲୁସି, ଚିକୁ, ଚିନ୍ତୁ, ଆଦି ଓ ପରିବାରବର୍ଗ।
ଧ-୧୮୫୯୬

## ପନିପରିବା...

ଆଳୁ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କୁଇଣ୍ଟାଲ୍ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨-୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟା ଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ।

-ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।

-ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

-ସହଳ କିସମ ଫୁଲକୋବିରେ ସଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ।



## ମହୁଚାଷ ସମ୍ପର୍କରେ...

-ମହୁମାଛିମାନେ ଫୁଲରେ ଥିବା ମକରନ୍ଦ ଓ ପରାଗରେଣୁକୁ ଖାଦ୍ୟରୂପେ ବ୍ୟବହାର କରନ୍ତି। ତେଣୁ ସେମାନେ ସମ୍ପୂର୍ଣ୍ଣରୂପେ ଫୁଲଗଛ ଉପରେ ନିର୍ଭରଶୀଳ। ଫୁଲଗଛ ଗୁଡ଼ିକ ମଧ୍ୟ ସେମାନଙ୍କର ପରାଗସଙ୍ଗମ ଓ ବଂଶବୃଦ୍ଧି ନିମନ୍ତେ ମହୁମାଛି ଉପରେ ନିର୍ଭର କରନ୍ତି।

-ମହୁବାକ୍ସ ଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସ ଗୁଡ଼ିକ ଉପରେ ନଡ଼ା କିମ୍ବା ଅଖାଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି। ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।



## ଚାଷରୁ ମିଳିଛି ଆତ୍ମସନ୍ତୋଷ

ଅଦମ୍ୟ ଇଚ୍ଛାଶକ୍ତି ତାଙ୍କୁ ପରିଣତ ବୟସରେ କରିଛି କର୍ମଚଞ୍ଚଳ। ଏ ବୟସରେ କଠିନ ପରିଶ୍ରମକୁ ଆପଣେଇ ସେ ଅନ୍ୟପାଇଁ ପାଲଟିଛନ୍ତି ଉଦାହରଣ। ଚାକିରି ଜୀବନରୁ ଅବସର ପରେ ତାଙ୍କୁ ମିଳିଛି ଆଉ ଏକ ପରିଚୟ। ପାମୋଲିନ୍ ଚାଷ କରି ସ୍ଥାନୀୟ ଅଞ୍ଚଳରେ ଜଣେ ସଫଳ ଚାଷୀ ଭାବେ ସେ ପରିଚିତ। ସେ ହେଲେ ଭଦ୍ରକ ଜିଲା ଧାମନଗର ବ୍ଲକ ମଙ୍ଗଳପୁର ଗ୍ରାମର ନିର୍ମଳ ବେଉରିଆ(ମୋ:୮୬୫୮୨୩୧୩୧୯)।



ନିର୍ମଳ ବେଉରିଆ

୨୦୧୧ରେ ସଚିବାଳୟରୁ ଅବସର ଗ୍ରହଣ ପରେ ସେ ନିଜ ଗାଁକୁ ଫେରିଥିଲେ। ତା’ପରେ ଚାଷକାମରେ ମନୋନିବେଶ ଲାଗି ନିଷ୍ପତ୍ତି ନେଲେ। ଆଉ ଆରମ୍ଭ କରିଥିଲେ ପାମୋଲିନ ଚାଷ। ଏ ସମ୍ପର୍କରେ ନିର୍ମଳ କହନ୍ତି, ‘ଚାଷରେ ମୋତେ ଆତ୍ମସନ୍ତୋଷ ମିଳିଛି, ତା’ସହ ମୋର ପିଲାଦିନର ସ୍ୱପ୍ନ ସାକାର ହୋଇଛି । ତେବେ ଏହି ଚାଷ ଆଗାମୀ ଯୁବ ପିଢିଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ସହ ସଫଳତା ଲାଗି ବାଟ ଦେଖାଇବ ବୋଲି ଆଶା ରଖିଛି।’ ମଙ୍ଗଳପୁର ଛକ ନିକଟରେ ୨ଏକରରୁ ଊର୍ଦ୍ଧ୍ୱ ଜମିରେ କରିଛନ୍ତି ପାମୋଲିନ ଚାଷ। ପ୍ରଥମେ ସେହି ଜମିରେ କଦଳୀ ଚାଷ କରୁଥିଲେ, କିନ୍ତୁ ପରେ ଏକ କମ୍ପାନୀର କର୍ମଚାରୀଙ୍କ ପ୍ରୋତ୍ସାହନରେ ସେ ପାମୋଲିନ ଚାଷରେ ମନୋନିବେଶ କରିଛନ୍ତି। ତାଙ୍କ ଜମିରେ ଲଗାଇଛନ୍ତି ୧୪୩ଟି ଗଛ। ସୌରଶକ୍ତି ସାହାଯ୍ୟରେ ମୋଟର ଦ୍ୱାରା ପାଣି ମଡ଼ାଉଛନ୍ତି। ପ୍ରତ୍ୟେକ ଦିନ ସକାଳୁ ନିଜର ନିତ୍ୟକର୍ମ ସାରିବା ପରେ ଲାଗିପଡନ୍ତି ଏହି ଚାଷ କାମରେ। ବାଡ଼ି ସଫା କରିବା, ପାଣି ମଡ଼ାଇବା ଓ ଗଛ ଗୁଡିକର ଡାଳ ସଫା କରନ୍ତି। ‘‘ପାମୋଲିନ୍ ଚାଷ ଏକ ଲାଭଦାୟକ ଚାଷ, ମୋର ବର୍ଷକୁ ୨୫ ଟନ ପାମୋଲିନ ଉତ୍ପାଦନ ହୋଇଥାଏ ଓ ଏହାର କଞ୍ଚାମାଲ ବାହାର ରାଜ୍ୟକୁ ଯାଇଥାଏ। ପରେ ଏଥିରୁ ବିଭିନ୍ନ ପ୍ରକାର ତୈଳ ଜିନିଷ ତିଆରି ହୋଇ ବଜାରରେ ବିକ୍ରି ହୋଇଥାଏ। ବର୍ଷକୁ ମୋର ଏହି ଚାଷରୁ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲାଭ ହେଉଛି। ଆଗକୁ ଏହି ଗଛଗୁଡିକ ୫୦ ଟନରୁ ଊର୍ଦ୍ଧ୍ୱ ଉତ୍ପାଦନ ହେବ, ଯାହାକି ଆଗାମୀ ଦିନରେ ଅଧିକ ଲାଭଜନକ ହୋଇପାରିବ। କିଛିଦିନ ଅନ୍ତରରେ ଫଳଗୁଡିକ କଟାଯାଇଥାଏ। ଏହି କାର୍ଯ୍ୟରେ ସହାୟତା ଲାଗି ସେ ଜଣକୁ କାମରେ ନିଯୁକ୍ତ କରିଛନ୍ତି। ତେବେ ଯୁବ ବର୍ଗ ଏହି ଚାଷ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ମୋର ଦୃଢ ଆଶା ବୋଲି କୁହନ୍ତି ନିର୍ମଳ।’’ କେବଳ ଏହି ପାମୋଲିନ ଚାଷ ନୁହେଁ, ନିଜ ବାଡ଼ିରେ ସପୁରି ଚାଷ କରିଛନ୍ତି। ଗଛ ଲଗାଇବାର ଚତୁର୍ଥ ବର୍ଷରୁ ଏହି ଫଳ ଅମଳ ହୋଇଥାଏ। ୧୪୦ ଗଛ ଲାଗି ୭୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ବର୍ଷକୁ ୨ ଲକ୍ଷରୁ ଅଧିକ ହେଉଥିବା କୁହନ୍ତି ସେ। ତେବେ ପରିଶ୍ରମକୁ ଆପଣେଇ ପାରିଲେ ଜଣେ ନିଶ୍ଚିତ ସ୍ୱାବଲମ୍ବୀ ହୋଇପାରିବ ବୋଲି ସେ ଦୃଢୋକ୍ତି ବ୍ୟକ୍ତ କରନ୍ତି।

– ବିଭୂପ୍ରସାଦ ବେହେରା

# ବୈଜ୍ଞାନିକ ପଦ୍ଧତିରେ ସୋରିଷ ଚାଷ



ମାନସ ରଞ୍ଜନ ପଟ୍ଟନାୟକ



ଆମ ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ। ରାଜ୍ୟର ପ୍ରାୟ ୭୦-୭୧ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରନ୍ତି। ସାଧାରଣତଃ ଆମ ରାଜ୍ୟରେ ଧାନ ଚାଷ ମୁଖ୍ୟ ଓ ଗୌଣ ଫସଲ ହେଲେ ମଧ୍ୟ ପନିପରିବା ତଥା ତୈଳବୀଜ ଫସଲରେ ଅଧିକ ମାତ୍ରାରେ ଲାଭ ହୋଇପାରିବ। ତୈଳବୀଜ ଫସଲ ମଧ୍ୟରେ ସୋରିଷ ଅନ୍ୟତମ ଫସଲ ।

**ଜମି ପ୍ରସ୍ତୁତି :** ନିଗିଡା ବାଲିଆ ଦୋରସା ଓ ପଟୁ ମାଟି ସୋରିଷ ଚାଷ ପାଇଁ ଉପଯୁକ୍ତ। ସୋରିଷ ମଞ୍ଜି କ୍ଷୁଦ୍ର ହୋଇଥିବାରୁ ଏହା ଏକ ଉତ୍ତମ ଗୁଣ୍ଡ ଚାଷ ହୋଇଥିବା ଜମି ଆବଶ୍ୟକ କରିଥାଏ। ବିହନ ବୁଣି ସାରିବା ପରେ ହାଲୁକା ଭାବରେ ମଇ ଦିଆଯାଏ।

**ଜମି ପ୍ରସ୍ତୁତି ସହ ବିହନ ବୁଣା:** ଜମିକୁ ୩-୪ ଓଡ଼ ଚାଷ କରି ମାଟି ଗୁଣ୍ଡ କରିଦିଅନ୍ତୁ। ଲଙ୍ଗଳ ସିଧାର ପଛରେ ବା ଧାଡିକୁ ଧାଡି ୨୦-୩୦ ସେମି ମଞ୍ଜିକୁ ମଞ୍ଜି ୧୦ ସେମି ବ୍ୟବଧାନରେ ବୁଣନ୍ତୁ। ଜଳସେଚିତ ଜମିରେ ୧୦୦ରୁ ଅଧିକ ଦିନ ବିହନ କିସମ ବ୍ୟବହାର କରିଥିଲେ ଧାଡିକୁ ଧାଡି ୪୫ ସେମି ବ୍ୟବଧାନରେ ରଖନ୍ତୁ।

**କିସମ :** ସୋରିଷର ଉନ୍ନତ କିସମ ମଧ୍ୟରେ ରହିଛି, ଏମ-୨୩ (୭୫ଦିନ), ପିଟି-୩୦୩ (୮୫ଦିନ), ଅନୁରାଧା (୭୫ଦିନ), ପାଦିତୀ (୭୫ଦିନ), ବରୁଣ (୧୧୦-୧୧୫ଦିନ)। ସୂଚନାଯୋଗ୍ୟ ବନ୍ଧନୀ ମଧ୍ୟରେ ଲିଖିତ ଦିନଗୁଡିକ ହେଉଛି ଅମଳ ସମୟ।

**ବୁଣିବା ସମୟ :** ଅଣ ଜଳସେଚିତ ଅଞ୍ଚଳରେ ଅକ୍ଟୋବର ଦ୍ୱିତୀୟ ସପ୍ତାହ ମଧ୍ୟରେ ବୁଣିବା କାମ ଶେଷ କରନ୍ତୁ। ଜଳସେଚିତ ଅଞ୍ଚଳରେ ନଭେମ୍ବର ଦ୍ୱିତୀୟ ସପ୍ତାହ ମଧ୍ୟରେ ବୁଣିବା କାମ ଶେଷ କରନ୍ତୁ।

**ବିହନ ପରିମାଣ :** ପ୍ରତି ଏକର ଜମି ପାଇଁ ୩-୪ କିଗ୍ରା ବିହନ ଆବଶ୍ୟକ ।

**ବିହନ ବିଶୋଧନ :** ପ୍ରତି କିଗ୍ରା ବିହନ ସହିତ ଦୁଇ ଗ୍ରାମ କାର୍ବେନ୍ଡାଜିମ ବା ୧.୫ ଗ୍ରାମ ଭିଟାଭାକ୍ସ ପାଓ୍ୱାରକୁ ଏକ ପାତ୍ର କିମ୍ବା ଏକ ମାଠିଆରେ ରଖି ମୁହଁ ବାନ୍ଧି ମାଠିଆକୁ ହଲଚଲ କରି ବିଶୋଧନ କରିବା ଜରୁରୀ।

**ଖତ ଓ ସାର :** ଏକର ପ୍ରତି ୨୦ କୁଇଣ୍ଟାଲ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଅଣଜଳସେଚିତ ଜମି ପାଇଁ ୧୬ କିଗ୍ରା ଯବକ୍ଷାରଜାନ, ୮ କିଗ୍ରା ଫସଫରସ, ୮ କିଗ୍ରା ପଟାସ ମୂଳ ସାର ହିସାବରେ ମାଟିରେ ମିଶାଇ ଦିଅନ୍ତୁ। ଜଳସେଚିତ ଜମି ପାଇଁ ୨୦ କିଗ୍ରା ଯବକ୍ଷାରଜାନ, ୧୦ କିଗ୍ରା ଫସଫରସ ଏବଂ ୧୦ କିଗ୍ରା ପଟାସ ଖାଦ୍ୟ ସାର ମାଟିରେ ମିଶାଇ ଦିଅନ୍ତୁ। ଏହାର ତିନି ସପ୍ତାହ ପରେ ୧୦ କିଗ୍ରା ଯବକ୍ଷାରଜାନ ଧାଡି ମଧ୍ୟରେ ପ୍ରୟୋଗ କରି କୋଡାଖୁସା କରନ୍ତୁ।

**ଅନ୍ତଃ ଚାଷ :** ଧାଡିରେ ଗଛ ସଂଖ୍ୟା ଅଧିକ ଥିଲେ ୧୫-୨୦ଦିନ ପରେ ୮-୧୦ସେମି ବ୍ୟବଧାନରେ ହୃଷ୍ଟପୁଷ୍ଟ ଓ ନୀରୋଗ ଗଛ ରଖି ଅନ୍ୟ ଗଛ ଉପାଡି ପତଳା କରିଦିଅନ୍ତୁ। ୨୦-୨୫ଦିନ ବେଳକୁ କୋଡାଖୁସା କରି ଅନାବନା ଘାସ ବାଛି ଦିଅନ୍ତୁ।

**ଜଳସେଚନ :** ସୋରିଷ ଚାଷ ପାଇଁ ମୋଟ ୩୦୦ ମିଲି ଲିଟର ପାଣି ଦରକାର। ପ୍ରାଥମିକ ଚାରା, ଫୁଲ ଧରିବା ଓ ଫଳ ଧରିବା ଅବସ୍ଥାରେ ତିନି ଥର ଜଳସେଚନ କରନ୍ତୁ।

ସୋରିଷ ଦୁଇ ପ୍ରକାର-ତୋରିଆ ରବି ଏବଂ ରାଏ ସୋରିଷ ରବି। ତୋରିଆ ରବି ସୋରିଷର ଉନ୍ନତ କିସମଗୁଡିକ ହେଲା-ପାର୍ବଣ (ଅମଳ ସମୟ-୭୫ଦିନ, ଏକର ପ୍ରତି ୬୦୦ କିଗ୍ରା), ଅନୁରାଧା, ପିଟି-୩୦୩ (ଅମଳ ସମୟ ୭୫ଦିନ, ଏକର ପ୍ରତି ୬୫୦ କିଗ୍ରା), ପିଟି-୩୦୩ (ଅମଳ ସମୟ ୮୫ଦିନ, ଏକର ପ୍ରତି ୪୮୦ କିଗ୍ରା), ଏବଂ ଏମ-୨୭ (ଅମଳ ସମୟ ୭୫ଦିନ, ଏକର ପ୍ରତି ୨୦୦ କିଗ୍ରା)। ଅନ୍ୟପକ୍ଷରେ ରାଏ ସୋରିଷ ରବି ସୋରିଷର ଉନ୍ନତ କିସମଗୁଡିକ ହେଲା-ପୁଷା ବଲତ (ଅମଳ ସମୟ-୧୧୦-୧୧୫, ଏକର ପ୍ରତି ୬୦୦ କିଗ୍ରା), ପୁଷା ବାହାର (ଅମଳ ସମୟ-୧୦୫-୧୨୦, ଏକର ପ୍ରତି ୩୦କିଗ୍ରା), ପୁଷା ଜୟକିଶାନ (ଅମଳ ସମୟ-୯୦-୯୫ଦିନ, ଏକର ପ୍ରତି ୭୨୦ କିଗ୍ରା)।

**ରୋଗ-ପୋକ ଦମନ**

ଜଉ ପୋକ : ଜଉ ପୋକ ଗଛର ଗଣ୍ଡ, ଫୁଲ ଓ ଛୁଇଁରୁ ରସ ଶୋଷଣ କରନ୍ତି। ପତ୍ର, ଅଙ୍ଗ, ଓ ଫଳରେ ଏହି ପୋକ ମେଞ୍ଚା ମେଞ୍ଚା ହୋଇ ଲାଗିଥାଆନ୍ତି। ଗଛ ପ୍ରତି ୫୦ରୁ ଅଧିକ ପୋକ ଦେଖାଦେଲେ ଏକର ପ୍ରତି ଇମିଡାକ୍ଲୋପ୍ରିଡ ୫୦ ମିଲିକୁ ୨୦୦ ଲିଟର ପାଣିରେ ଗୋଳାଇ ସ୍ପ୍ରେ କରନ୍ତୁ।

**କରତିଆ ମାଛି :** ଏହା ପତ୍ର ଖାଇ ନଷ୍ଟ କରିଦିଅନ୍ତି। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମିଥୋଏଟ୍ ୨୦୦ ଲିଟର ପାଣିରେ ସ୍ପ୍ରେ କରିବେ।

**ପତ୍ର ଶଢ଼ା ରୋଗ :** ପ୍ରଥମେ ପତ୍ର ତଳ ପାଖରେ ପାଣିପଚା ହଳଦିଆ ଚିହ୍ନ ଦେଖାଯାଏ। ଏହାର ଚାରିପଟେ ଧାର ବାଦାମୀ ଓ ମଝି ଅଂଶ ଧୂସର ଦେଖାଯାଏ। ପରବର୍ତ୍ତୀ ସମୟରେ ପୋଡାଳିଆ ହୋଇ ଶୁଖିଯାଏ। ଏହାର ଦମନ ପାଇଁ ଏକ କିଗ୍ରା କପର ଅକ୍ସିକ୍ଲୋରାଇଡ୍‌କୁ ୨୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ।

**ଅମଳ :** ଗଛ ହଳଦିଆ ପଡିଗଲେ ସକାଳ ବେଳା କାଟି ଦିଅନ୍ତୁ। ଏହାପରେ ୨-୩ଦିନ ଖରାରେ ଶୁଖାଇ ବାଡିରେ ପିଟି କିମ୍ବା ବଳଦ କିମ୍ବା ଟ୍ରାକ୍ଟର ଦ୍ୱାରା ବେଙ୍ଗଳା ପକାଇ ମଞ୍ଜି ଅମଳ କରନ୍ତୁ।

ଏକର ପ୍ରତି ୨.୫ରୁ ୩.୫ କୁଇଣ୍ଟାଲ ସୋରିଷ ଅଣଜଳସେଚିତ ଜମିରୁ ପାଇପାରିବେ।

*-ପ୍ରିନ୍ସିପାଲ, ଆଗ୍ରୋ ପଲିଟେକ୍ନିକ ସେଣ୍ଟର, ଓୟୁଏଟି, ବୌଦ୍ଧ*
*ମୋ : ୯୪୩୯୬୩୮୦୦୪*

### ସାର ପ୍ରୟୋଗ..

ଅଣଜଳସେଚିତ (ତୋରିଆ) ଜମିରେ ମୂଳ ସାର ଭାବରେ ଏକର ପ୍ରତି ଯବକ୍ଷାରଜାନ ୧୬ କିଗ୍ରା, ଫସଫରସ ୮ କିଗ୍ରା ଏବଂ ପଟାସ ସାର ୮ କିଗ୍ରା ପ୍ରୟୋଗ କରନ୍ତୁ। ତୋରିଆ (ଜଳସେଚିତ) ଜମିରେ ମୂଳ ସାର ହିସାବରେ ଏକର ପ୍ରତି ଯବକ୍ଷାରଜାନ ୨୦ କିଗ୍ରା (ବୁଣିବାର ପ୍ରଥମ ଏବଂ ଦ୍ୱିତୀୟ ଦିନ ପରେ), ଫସଫରସ ୧୦ କିଗ୍ରା (ବୁଣିବାର ପ୍ରଥମ ଏବଂ ଦ୍ୱିତୀୟ ଦିନ ପରେ) ଏବଂ ପଟାସ ୧୦ କିଗ୍ରା (ବୁଣିବାର ୨୧ଦିନ ପରେ) ପ୍ରୟୋଗ କରନ୍ତୁ। ରାଇ (ଅଣଜଳସେଚିତ) ଜମିରେ ସମସ୍ତ ମୂଳ ସାର ଭାବରେ ଯବକ୍ଷାରଜାନ ୨୦ କିଗ୍ରା, ଫସଫରସ ୧୦କିଗ୍ରା, ପଟାସ ୧୦ କିଗ୍ରା ପ୍ରୟୋଗ କରନ୍ତୁ। ରାଇ (ଜଳସେଚିତ) ଜମିରେ ଏକର ପ୍ରତି ଯବକ୍ଷାରଜାନ ୩୨ କିଗ୍ରା (ବୁଣିବାର ପ୍ରଥମ ଏବଂ ଦ୍ୱିତୀୟ ଦିନ ପରେ), ଫସଫରସ ୧୬ କିଗ୍ରା (ବୁଣିବାର ପ୍ରଥମ ଏବଂ ଦ୍ୱିତୀୟ ଦିନ ପରେ) ଏବଂ ପଟାସ୍ ୧୬ କିଗ୍ରା (ବୁଣିବାର ୨୧ ଦିନ ପରେ) ପ୍ରୟୋଗ କରନ୍ତୁ।

## ଅକ୍ଟୋବରରେ..



**କପାରେ ପୋକ ଦମନ :** ଜଉ ପୋକ, ପତ୍ରଡିଆଁ ପୋକ ଓ ଉଙ୍କୁଣିଆ ପୋକ ଦେଖାଦେଲେ ୧୫ ଲିଟର ପାଣିରେ ୩୦ ମି.ଲି. ଡାଇମିଥୋଏଟ୍ କିମ୍ବା ୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ମିଶାଇ ସିଞ୍ଚନ କରନ୍ତୁ। ଏହାଛଡ଼ା ୧୦ ଲିଟର ପାଣିରେ ୩ ଗ୍ରାମ୍ ଆସିଟାମିପ୍ରିଡ୍ ମିଶାଇ ପତ୍ର ସିଞ୍ଚନ କରିପାରିବେ।

**ଫଳଚାଷ :** ଫଳବଗିଚାରେ ପାଣି ଜମିବାର ଥିଲେ ଜଳ ନିଷ୍କାସନ କରନ୍ତୁ ଓ ଶେଷ ଦଫା ସାର ପ୍ରୟୋଗ କରନ୍ତୁ। ମାଟିର ବତର ଦେଖି ୧୦-୧୫ ଦିନରେ ଜଳସେଚନ କରନ୍ତୁ । ଅଦରକାରୀ ଡାଳଗୁଡ଼ିକୁ କାଟଛାଣ୍ଟ କରି ବୋର୍ଡୋପେଷ୍ଟର ପ୍ରଲେପ ଦିଅନ୍ତୁ। ଉଇ ନ ହେବା ପାଇଁ କ୍ଲୋରୋପାଇରିଫସ୍ ଦ୍ରବଣ (୪ ମି.ଲି. / ଲିଟର ପାଣିରେ) ମାଟିରେ ସିଞ୍ଚନ କରନ୍ତୁ କିମ୍ବା ଗଛ ପ୍ରତି ୫୦ ଗ୍ରାମ୍ ହିସାବରେ କ୍ଲୋରୋପାଇରିଫସ୍ ଗୁଣ୍ଡକୁ ଗଛ ମୂଳରେ ପ୍ରୟୋଗ ପରେ ମାଟି ଟେକି ଦିଅନ୍ତୁ।

**ଛେଳି ମେଣ୍ଢାପାଳନ :** ଛେଳିମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନ କରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଟୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ । କୃମି ରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ। ଏଣ୍ଟାରୋଟକ୍ସେମିଆ, ପି.ପି.ଆର୍. ରୋଗର ଟୀକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ।



## ଜମିରେ ନଡା ପରିଚାଳନା

ଡ. ପରେଶ କୁମାର ପଣ୍ଡା

ଅନ୍ୟାନ୍ୟ ରାଜ୍ୟ ପରି ଆମ ରାଜ୍ୟରେ ଧାନ ଫସଲ ଅମଳ ପରେ ଜମିରେ ନଡା ପରିଚାଳନା ଦରକାର। କାରଣ, ଧାନ ଫସଲ ପରେ ଦ୍ୱିତୀୟ ଓ ପରବର୍ତ୍ତୀ ଫସଲ ନେବା ଓ ନଡାରେ ଥିବା ପୋଷକତତ୍ତ୍ୱ ମୃତ୍ତିକାରେ ମିଶି ପରବର୍ତ୍ତୀ ଫସଲକୁ ଉପଲବ୍ଧ ହେବା ଆବଶ୍ୟକ। ନଡା ପୋଡିବା ଏକ ଉତ୍ତମ ପରିଚାଳନା ନୁହେଁ। ବରଂ ନଡା ପୋଡିବା ଦ୍ୱାରା ମୃତ୍ତିକା ଶୂନ୍ୟସ୍ଥାନଗୁଡିକରେ ଜୀବିତ ବୁଢ଼ିଆଣୀ, କେଞ୍ଚୁଆ ତଥା ଅସଂଖ୍ୟ ଉପକାରୀ ଅଣୁଜୀବ ମରିଯିବା ସହ ଏକର ପ୍ରତି ପ୍ରାୟ ୮୦୦ ଟଙ୍କା ମୂଲ୍ୟର ୧୨ କିଗ୍ରା ଯବକ୍ଷାରଜାନ+୧.୪ କିଗ୍ରା ଫସଫରସ+୧୨ କିଗ୍ରା ପଟାସ+୨.୬ କିଗ୍ରା ଗନ୍ଧକ+ଅଣୁସାରର ବିଶେଷାଂଶ +ଏକ କିଗ୍ରା ଅଙ୍ଗାର ନଷ୍ଟ ହୋଇଯାଏ। ଏହାବ୍ୟତୀତ ନଡାରେ ଥିବା ସମୁଦାୟ ଅଙ୍ଗାରର ୭୦ ପ୍ରତିଶତ, ଅଙ୍ଗାରକାମ୍ଳ ୭ ପ୍ରତିଶତ, ୦.୭ ପ୍ରତିଶତ କାର୍ବନ ମନୋକ୍ସାଇଡ ଓ ମିଥେନ୍ ରୂପେ ବାୟୁମଣ୍ଡଳକୁ ନିର୍ଗତ ହୋଇଥାଏ। ଅଧିକନ୍ତୁ, ନଡାରେ ଥିବା ଯବକ୍ଷାରଜାନ ପରିମାଣର ଅନ୍ୟୂନ ଦୁଇ ପ୍ରତିଶତ ନଡାକୁ ପୋଡିବା ସମୟରେ ନାଇଟ୍ରସ ଅକ୍ସାଇଡ୍ ରୂପେ ନିର୍ଗମନ ହୋଇ ମାନବ ସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି ବିପଦ ସୃଷ୍ଟି କରେ। ଅଙ୍ଗାରକାମ୍ଳ ଓ ଅଙ୍ଗାର ବାୟୁମଣ୍ଡଳକୁ ନିର୍ଗମନ ଦ୍ୱାରା ପରିବେଶ ପ୍ରଦୂଷିତ ହୋଇ ବିଶ୍ୱ ତାପୀକରଣରେ ସହାୟକ ହୋଇଥାଏ। ଦୀର୍ଘକାଳୀନ କୃଷି ଗବେଷଣାରୁ ଜଣାପଡିଛି ଯେ, ଜମିରେ ନଡାକୁ ହଳ ବା କର୍ଷଣ କରି ମାଟିରେ ମିଶାଇବା ଦ୍ୱାରା ତାହାର ଉର୍ବରତାକୁ ବୃଦ୍ଧି କରିଥାଏ ଏବଂ ଏହାଦ୍ୱାରା ଲଗାତର କିଛି ବର୍ଷ ମଧ୍ୟରେ ପରବର୍ତ୍ତୀ ଫସଲରେ ଯବକ୍ଷାରଜାନର ଆବଶ୍ୟକତାରେ ହ୍ରାସ ଘଟିଥାଏ। ଏହାକୁ ବାଦ୍ ଦେଇ ମୃତ୍ତିକାରେ ଅଙ୍ଗାର, ଫସଫରସ ଓ ମୋଟ ରନ୍ଧ୍ର ପରିମାଣ, ଜଳଧାରଣ କ୍ଷମତା, ଅଣୁଜୀବଗୁଡିକର କ୍ରିୟାଶୀଳତାରେ ବୃଦ୍ଧି ଘଟିଥାଏ। ବିକଳ୍ପ ରୂପେ ନଡା ମୂଳକୁ ଜମିର ଏକ କୋଣରେ କମ୍ପୋଷ୍ଟକରଣ କରି ପରବର୍ତ୍ତୀ ଫସଲରେ ସେହି କମ୍ପୋଷ୍ଟ ଖତକୁ ପ୍ରୟୋଗ କରି ବିଭିନ୍ନ ଫସଲର ଉତ୍ପାଦନ ବୃଦ୍ଧି କରାଯାଇପାରିବ। ସୁତରାଂ, ଫସଲ ଚାଷରେ ସଫଳ ନଡା ପରିଚାଳନାକୁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରୂପେ ବିବେଚନା କରିବା ଆବଶ୍ୟକ।



*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର*
*ମୋ : ୭୨୦୫୦୯୬୦୮୦*

## ହଳଦୀ ଲଗାଇବା ପୂର୍ବରୁ

ରୋମା ,ସୁରମା,ରଙ୍ଗ,ରଶ୍ମୀ,ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟ ଲାଗି ଉପଯୁକ୍ତ। ଏକ ଏକର ଜମିପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡ ଗୁଡିକୁ ୨-୩ଯି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷ କରି ଏକ ମିଟର ଓସାର ,୧୫ସେ.ମି ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳୀମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ, ୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ ଚାଷ ବେଳେ ଏକର ପ୍ରତି ୧୦ଗାଡି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳୀରେ ୧୦ଗାଡି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା ଯବକ୍ଷାରଜାନ,୧୨କି.ଗ୍ରା ଫସଫରସ,୩୬କି.ଗ୍ରା ପଟାସ ତିନିଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସଫେଟ ଓ ଅଧା ମ୍ୟୁରିଏଟ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।



**ବିନୋଦଙ୍କ ଚିକିତ୍ସା ପାଇଁ ଦାବି**

**କଣାସ(ସ୍ୱ.ପ୍ର):** କଣାସ ବ୍ଲକ୍ ଘଣ୍ଟପୁର ଗ୍ରାମର ବିନୋଦ ଜେନା ଦୀର୍ଘ ଦିନ ଧରି ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଅର୍ଥ ଅଭାବରୁ ଚିକିତ୍ସା ହୋଇପାରୁନି। ତାଙ୍କର ପୁଅ ୪ ବର୍ଷ ହେଲା କାମ ସନ୍ଧାନରେ ବାହାରକୁ ଯାଇ ଏପର୍ଯ୍ୟନ୍ତ ଫେରି ନାହାନ୍ତି। ବିନୋଦଙ୍କ ପାଟି ପାଖରେ ମାଂସ ଫୁଲିଯାଇଥିବାରୁ ଖାଇବାରେ ବହୁ ଅସୁବିଧା ହେଉଥିବା ସେ କହିଛନ୍ତି। ୧୦ ବର୍ଷ ଧରି ତାଙ୍କ ଗାଲରେ ଅସ୍ୱାଭାବିକ ଭାବେ ମାଂସ ବୃଦ୍ଧି ହେବାରେ ଲାଗିଛି। ବିନୋଦଙ୍କ ରୋଜଗାରପନ୍ଥା ନ ଥିବାବେଳେ ପୁଅ ଆସିବା ଅପେକ୍ଷାକୁ ଚାହିଁଥିଲେ ମଧ୍ୟ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଏଥିପ୍ରତି ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ଜିଲାପାଳ ଦୃଷ୍ଟି ଦେଇ ବିନୋଦର ଚିକିତ୍ସା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ସଂକ୍ଷେପରେ

### ସେବାୟତଙ୍କୁ ଆଜି ଦିଆଯିବ ହୋମିଓପାଥି ଔଷଧ

**ପୁରୀ ଅଫିସ,୧୩।୧୦:** କୋଭିଡ୍-୧୯କୁ ନଜରରେ ରଖି ସେବାୟତଙ୍କ ମଧ୍ୟରେ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ଉଦ୍ଦେଶ୍ୟରେ ହୋମିଓପାଥି ଔଷଧ ବଣ୍ଟନ କରାଯିବ। ବୁଧବାର ଓ ଗୁରୁବାର ବିଭିନ୍ନ ସେବାୟତ ନିଯୋଗ ମଧ୍ୟରେ ହୋମିଓପାଥି ଔଷଧ ବଣ୍ଟନ ପାଇଁ ନୀଳାଦ୍ରି ଭକ୍ତ ନିବାସରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ନିର୍ଦ୍ଧାରିତ ଦିନରେ ନିର୍ଦ୍ଦିଷ୍ଟ ସେବାୟତ ନିଯୋଗର ଜଣେ ସଦସ୍ୟ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ମଧ୍ୟରେ ଆସି ପୂରା ପରିବାର ପାଇଁ ଔଷଧ ନେଇପାରିବେ। ବୁଧବାର ଦଇତାପତି ନିଯୋଗ, ଗରାବଡୁ, ପ୍ରତିହାରୀ, ପୁଷ୍ପାଳକ ଏବଂ ପୂଜାପଣ୍ଡା ନିଯୋଗ ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଗୁରୁବାର ସୁଆର ମହାସୁଆର ନିଯୋଗ ଏବଂ ବାକି ସମସ୍ତ ନିଯୋଗ ଆସି ଏହି ହୋମିଓପାଥି ଔଷଧ ନେଇପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

### ଚୋରି ବାଇକ୍ ଜବତ, ୪ ଗିରଫ

**କୋଣାର୍କ,୧୩।୧୦(ଡି.ଏନ୍.ଏ.):** ଗତ କିଛିଦିନ ହେଲା କୋଣାର୍କ ଓ ଏହାର ଆଖପାଖ ଅଞ୍ଚଳରୁ ଚୋରି ହୋଇଥିବା ୪ ବାଇକ୍‌କୁ କୋଣାର୍କ ଥାନା ପୋଲିସ ଜବତ କରିଛି। ଏହାସହ ଜଣେ ନାବାଳକଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଥିବା ଆଇଆଇସି ରଞ୍ଜନ ମଲ୍ଲିକ ସୂଚନା ଦେଇଛନ୍ତି। ୩ଜଣ ହେଲେ ଏହି ଥାନା ଅଞ୍ଚଳର ଅଶୋକ ମହାରଣା, ବିପିନ ସାହୁ ଓ ନୃସିଂହ ତିୱାରୀ। ଏହା ପଛରେ ଏକ ବଡ଼ ର୍‍ୟାକେଟ ଥିବା ଜଣାପଡ଼ିଛି। ଏ ନେଇ ପୋଲିସ ନଂ୧୨୯/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମଙ୍ଗଳବାର ବାଇକ୍ ଚେକିଂ ସମୟରେ ପୋଲିସ ଜଣେ ନାବାଳକଙ୍କୁ ଗାଡ଼ି ଚଲାଉଥିବା ଜଣାପଡ଼ିବା ସହ ଗାଡ଼ିର କାଗଜପତ୍ର ମାଗିଥିଲେ। କୌଣସି କାଗଜପତ୍ର ସେ ନ ଦେଖାଇପାରିବାରୁ ପଚରାଉଚୁରା ବେଳେ ଚୋରି ଗାଡ଼ି କଥା ସବୁ କହିଥିଲା। କୋଣାର୍କ ନିକଟସ୍ଥ ନିଜି ରୂପାସରେ ଏକ ବନ୍ଧୁ ଘରେ ଉକ୍ତ ନାବାଳକ ଜଣକ ରହୁଥିଲା। ଚୋରି ବାଇକ୍ ଆଣି ସେଗୁଡ଼ିକୁ ନିକଟସ୍ଥ ଗ୍ୟାରେଜରେ ୪/୫ ହଜାର ଟଙ୍କାରେ ବିକ୍ରି କରିଥିବା ସ୍ୱୀକାର କରିଥିଲା। ପୋଲିସ ନାବାଳକଙ୍କ କହିବା ଅନୁଯାୟୀ ଅନ୍ୟ ୩ଜଣଙ୍କୁ ଧରିବା ସହ ଚୋରି ଗାଡ଼ି ସବୁ ଜବତ କରିଥିଲା।

### ଜଳିଗଲା ଗୁହାଳ, ଗାଈ ମୃତ

**ଚୌଦ୍ୱାର,୧୩।୧୦(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅଧୀନ ବଡଚାଞ୍ଚୋ ଗ୍ରାମର ଏକ ଗୁହାଳରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ପୋଡ଼ିଯିବା ସହ ଗୋଟିଏ ଗାଈର ମୃତ୍ୟୁ ହୋଇଛି। ଏଥିସହିତ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ୮ଟାରେ ଏହି ଗ୍ରାମର ଚତୁର୍ଭୁଜ ନାୟକଙ୍କ ଗୁହାଳରେ କୌଣସି କାରଣରୁ ହଠାତ୍ ନିଆଁ ଲାଗିଯାଇଥିଲା । ଗୁହାଳରେ ଥିବା ଗାଈଙ୍କୁ ଉଦ୍ଧାର କରିବା ସମୟରେ ଶିଶିର ନାୟକଙ୍କର ପିଠି ପୋଡି ଯାଇଥିଲା । ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଗୁହାଳଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡି ନାହିଁ।

### ମଦ ଜବତ, ୪ ଗିରଫ

**ନିମାପଡ଼ା,୧୩।୧୦(ଡି.ଏନ୍.ଏ.):** ନିମାପଡ଼ା ଅବକାରୀ ବିଭାଗ ଓ ପୁରୀ ଅବକାରୀ ମୋବାଇଲ ସ୍କ୍ୱାଡ୍ ମଙ୍ଗଳବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କର ୪ ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ୪୦ ମଦ ବୋତଲ ଜବତ ହୋଇଛି। ଗିରଫ ୪ ହେଲେ ଅସ୍ତରଙ୍ଗ ଥାନା ରସାଲୋ ଗ୍ରାମର ବିଶ୍ୱଜିତ ମହାନ୍ତି, ତାଳଦା ଗ୍ରାମର କିଶୋର ପରିଡ଼ା, ବିଭୂତି ନାୟକ, ମାନସ ସ୍ୱାଇଁ। ଏ ନେଇ ପୁରୀ ମୋବାଇଲ ସ୍କ୍ୱାଡ ନଂ. ୭୭/୨୦ରେ ଓ ନିମାପଡ଼ା ଅବକାରୀ ବିଭାଗରେ ନଂ.୩୯, ୪୦, ୪୧/୨୦ରେ ମାମଲା ରୁଜୁ ହୋଇଛି। ପୁରୀ ଅବକାରୀ ମୋବାଇଲ ସ୍କ୍ୱାଡର ସବଇନ୍ସପେକ୍ଟର ବନ୍ଦନା ପଟ୍ଟନାୟକ, ନିମାପଡ଼ା ଅବକାରୀ ନିରୀକ୍ଷକ ଏସ୍ଆଇ ଯୋଗମାୟା ମଲ୍ଲିକ, ଜାଗିନ ରାଓ, ଅବଦୁଲରଫ ଖାନ, ରଙ୍କନିଧି ମଲ୍ଲିକ, ଜିତେନ୍ଦ୍ର ବେହେରା, ସବିତା ସାହୁ, ମୀନତି ପରିଡ଼ା, ସଞ୍ଜୀବ ହସ୍ତି ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ସୁଧୁରୁନି ପରିମଳ ବ୍ୟବସ୍ଥା

**କଟକ ଅଫିସ,୧୩।୧୦**

କଟକ ସହରର ୫୯ନଂ. ୱାର୍ଡରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଳିଆ ଆବର୍ଜନା ପଡ଼ି ରହୁଥିଲେ ମଧ୍ୟ କେହି ଉଠାଇବାକୁ ଆସୁନାହାନ୍ତି। ଆଲୋକୀକରଣ କରାଯାଇଥିଲେ ବି ଅନେକ ଲାଇଟ୍ ଜଳୁ ନ ଥିବା ଦେଖିବାକୁ ମିଳିଛି। ଡ୍ରେନ ସଫା ନ ହେବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ନିଷ୍କାସନ ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବର୍ଷାରେ ନର୍ଦ୍ଦମା ପାଣି ଘରେ ପଶିବା ସହ ରାସ୍ତାରେ ଜମା ହୋଇ ରହୁଛି। ସାନିଟାରୀ ଇନସ୍ପେକ୍ଟରମାନେ ମଧ୍ୟ ସେମାନଙ୍କ ଦାୟିତ୍ୱ ଠିକ୍ ଭାବେ କରୁନାହାନ୍ତି। ନୂଆ କାଚରାମାଳ ମୁଖ୍ୟରାସ୍ତା ଉଳେଇ ଉପରେ ନାଳନର୍ଦ୍ଦମା ପଙ୍କ ବସି ରହିଛି। ଫଳରେ ସର୍ବସାଧାରଣ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାର ମୁଖ୍ୟ ନାଳ ଦୀର୍ଘଦିନ ହେବ ସଫା ହୋଇ ନ ଥିବାରୁ ଦୁର୍ଗନ୍ଧ ହେଉଛି। ଏନେଇ ୱାର୍ଡବାସିନ୍ଦା ୱାର୍ଡ ଅଫିସର ଓ ସିଏମ୍‌ସି ଅଧିକାରୀଙ୍କୁ ଜଣାଥଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ମଙ୍ଗଳବାର କେତେଜଣ ୱାର୍ଡବାସିନ୍ଦା ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ଭେଟିବା ସହ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ୭ଦିନ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ୱାର୍ଡବାସୀ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ସିଏମ୍‌ସି କମିଶନର ଦାସ କହିଛନ୍ତି।


ସିଏମ୍‌ସି କମିଶନରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ୫୯ ନଂ. ୱାର୍ଡବାସୀ।

# ପୁରୀର ୩୨ ହଜାର ପରିବାର ସେବା ପାଇବେ

- ସୁଜଳ ଯୋଜନାର ଶୁଭାରମ୍ଭ
- ପାଇଲଟ୍ ପ୍ରକଳ୍ପ ଭାବେ ୨ ବସ୍ତିରେ କାମ ଶେଷ

**ପୁରୀ ଅଫିସ,୧୩।୧୦**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସୁଜଳ ଯୋଜନା ବା ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ମିଶନର ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱର ଓ ପୁରୀ ସହର ପାଇଁ ଏହି ଯୋଜନାର ଆରମ୍ଭ ହୋଇଛି। ପୁରୀ ସହରର ୩୨ ହଜାର ପରିବାରଙ୍କୁ ଏହି ସେବା ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ପୁରୀର ମଶାଣି ଚଣ୍ଡୀ ଅଞ୍ଚଳରେ ଏଥିଲାଗି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଯୋଜନା ମାଧ୍ୟମରେ ଏବେ ପୁରୀର ୪ଟି ଜୋନ (ବଡ଼ଦାଣ୍ଡ, ଶ୍ରୀମନ୍ଦିର, ମଶାଣି ଚଣ୍ଡୀ ଓ ବଳିଆପଣ୍ଡା ବସ୍ତି)କୁ କଭର କରିବ। ପାଇଲଟ୍ ପ୍ରକଳ୍ପ ଭାବେ ମଶାଣି ଚଣ୍ଡୀ ଓ ବଳିଆପଣ୍ଡା ବସ୍ତିରେ କାମ ଶେଷ ହୋଇଛି। ପ୍ରାୟ ୩,୭୮୪ଟି ଘରେ ମିଟର ଲଗାଯାଇଛି। ବର୍ଷକ ମଧ୍ୟରେ ସମ୍ପୂର୍ଣ୍ଣ ଭାବେ କାମ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପ୍ରାୟ ୨୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଯୋଜନା ଦ୍ୱାରା ଲୋକେ ବିଶେଷ ଉପକୃତ ହେବେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲାପାଳ ବଲୱନ୍ତ ସିଂ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ ଦାଶ, ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପାନୀୟ ଜଳ ପାଇଁ ଗ୍ରାମବାସୀଙ୍କ ଧାରଣା

**ଗୋପ,୧୩।୧୦(ଡି.ଏନ୍.ଏ.)**

ଗୋପ ବ୍ଲକ ଅଧୀନ ଗଣେଶ୍ୱରପୁର ପଞ୍ଚାୟତର ଗଳଦରି ଗ୍ରାମରେ ପାନୀୟ ଜଳ ଲାଗି ୱାର୍ଡସଭ୍ୟଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗ୍ରାମବାସୀଙ୍କୁ ମିଳୁନି ପିଇବା ପାଣି। ଏହି ଦାବିରେ ମଙ୍ଗଳବାର ଗ୍ରାମର କେତେଜଣ ଲୋକ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ବିଡିଓ ଦୀପ୍ତିରାଣୀ ଦାସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ଏକ ଦାବିପତ୍ର ଗ୍ରହଣ କରିଥିଲେ। ଦୀର୍ଘ ବର୍ଷ ଧରି ଏହି ଗାଁର ଶତାଧିକ ପରିବାର ପୋଖରୀ, ଗଡିଆ ପାଣି ପିଉଥିବା ଗ୍ରାମର ସୂର୍ଯ୍ୟ ନାରାୟଣ ଦାଶ, ରାଧାକୃଷ୍ଣ ଦାଶ, ବୀରବର ମଲ୍ଲିକ, ଉମାଶଙ୍କର ଦାଶ, ଜୀବନ ଦାଶ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ଗାଁ ନିକଟରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ପିଇବା ପାଣି ଯାଉଥିବା ବେଳେ ଗଳଦରି ଗ୍ରାମରେ ମଧ୍ୟ ବ୍ଲକ ଜଳ ପରିମଳ ବିଭାଗ ପକ୍ଷରୁ ପାଇପ ବିଛା ଯାଇଥିଲା। କିନ୍ତୁ କୌଣସି କାରଣରୁ ପାଣି ଗ୍ରାମକୁ ପହଞ୍ଚି ପାରୁ ନାହିଁ। ଫଳରେ ଲୋକେ ବାଧ୍ୟ ହୋଇ ପୋଖରୀ ପାଣି ପିଇବା ପାଇଁ ବ୍ୟବହାର କରୁଛନ୍ତି। ହେଲେ ଏହାଦ୍ୱାରା ଅଧିକାଂଶ ଲୋକଙ୍କର ପେଟ ରୋଗ ସହ ଚର୍ମରୋଗ ହେଉଥିବା କହୁଛନ୍ତି। ଏହି ପଞ୍ଚାୟତଟି ବନ୍ୟା ପ୍ରଭାବିତ ଅଞ୍ଚଳ ସହ ଖାଲୁଆ ଅଞ୍ଚଳ ହୋଇ ଥିବାରୁ ପିଇବା ପାଣି ସମସ୍ୟା ସବୁ ସମୟରେ ଦେଖା ଦେଇଥାଏ। ଏପରି କି ଖରାଦିନ ଆସିଲେ ଗଳଦରି ଗ୍ରାମର ଲୋକମାନେ ପିଇବା ପାଣି ଲାଗି ୫/୬ କିମି ଦୂରରୁ ଯିବାକୁ ପଡ଼ିଥାଏ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ବିଡିଓ ଦାସଙ୍କୁ ପଚାରିବାରେ ବିଭାଗ କର୍ମଚାରୀଙ୍କ ସହ ବୁଝି ଖୁବଶୀଘ୍ର ପାଣି ଯୋଗାଇବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।


ଗଳଦରି ଗ୍ରାମବାସୀ ବ୍ଲକ୍ ସମ୍ମୁଖରେ ଧାରଣା ଦେଇଛନ୍ତି।

### ଫନୀ ନଷ୍ଟ ଜଙ୍ଗଲକୁ ସଜାଡୁଛି ମଧୁବନ ବନ ପ୍ରକଳ୍ପ

**ବ୍ରହ୍ମଗିରି,୧୩।୧୦(ଡି.ଏନ୍.ଏ.):** ଫନୀରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ଜଙ୍ଗଲ ଧ୍ୱସ୍ତ ହୋଇଥିବା ବେଳେ ଅନେକ ଫସଲ ଧରାଶାୟୀ ହୋଇଛି। ଏହି ଉଜୁଡା ଜଙ୍ଗଲକୁ ସଜାଡୁଛି ମଧୁବନ ବନ ପ୍ରକଳ୍ପ। ଅନ୍ନପୂର୍ଣ୍ଣା ଚାରିଟେବୁଲ ଟ୍ରଷ୍ଟ, ପୁରୀ, କଟକସ୍ଥିତ ଶିବଶକ୍ତି ସିଦ୍ଧ ଯୋଗାଶ୍ରମ ଓ ଜଗନ୍ନାଥ ସୋସାଇଟି ଅଫ ଆମେରିକାର ମିଳିତ ଉଦ୍ୟମରେ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାଇକସାହିରେ ୩୦ ଏକର ଜାଗାରେ ନଡିଆ, ପିଜୁଳି ଏବଂ ବିଭିନ୍ନ ଅର୍ଥକରୀ ଫସଲ ଲଗାଯାଇ ମଧୁବନ ବନ ପ୍ରକଳ୍ପ କରାଯାଇଛି। ଏହି ପ୍ରକଳ୍ପକୁ ଜଗନ୍ନାଥ ସୋସାଇଟିର ସନ୍ଥ ସ୍ୱାମୀ ଆଦ୍ୟାନନ୍ଦ ସରସ୍ୱତୀ ଏହାକୁ ଲୋକାର୍ପଣ କରିଥିଲେ। ଏଥିରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ରାଜକିଶୋର ଦାସ, ନୋଟାରୀ ପବ୍ଲିକ କଟକ ଉଚ୍ଚ ନ୍ୟାୟାଳୟର ପ୍ରଦୀପ୍ତ ଦାସ, ପ୍ରମୋଦ ଆଚାର୍ଯ୍ୟ ଯୋଗଦେଇ କରୋନା ସମୟରେ ସଚ୍ଚୋଟ କାର୍ଯ୍ୟ କରିଥିବା ଗଣମାଧ୍ୟମ ପ୍ରତିନିଧି ସ୍ୱାଧୀନ ଚମ୍ପତି ରାୟ, ରବିନାରାୟଣ ପୂଜାରୀ, ଅମୂଲ୍ୟ ସୁନ୍ଦରା ଓ ସାମାଜିକ କର୍ମୀ ରଞ୍ଜନ ଦଳାଇଙ୍କୁ ସମ୍ମାନିତ କରିଥିଲେ।

### ମହାରଥୀଙ୍କ ଏକାଦଶାହ

**ପିପିଲି,୧୩।୧୦(ସ୍ୱ.ପ୍ର.):** ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ଏକାଦଶାହ ମଙ୍ଗଳବାର ପାଳିତ ହୋଇଯାଇଛି। ପମସରା ପଞ୍ଚାୟତର ବିଜେଡିର ଯୁବନେତା ସତ୍ୟଜିତ୍ ରାୟ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଅର୍ଜୁନେଶ୍ୱର ମନ୍ଦିରରେ ହୋଇଥିବା କାର୍ଯ୍ୟକ୍ରମରେ ନାରାୟଣ ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ସରପଞ୍ଚ ପ୍ରକାଶ ଧଳ, ଆର୍ତ୍ତବନ୍ଧୁ ସାମନ୍ତରାୟ ପ୍ରମୁଖ ଯୋଗଦେଇ ମହାରଥୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ସରପଞ୍ଚ ସନ୍ତୋଷ ଜେନା, ଜ୍ୟୋସ୍ନାରାଣୀ ପୃଷ୍ଟି ସମ୍ପାଦନ କରିଥିଲେ।

# ଡକାୟତି ଯୋଜନା, ୫ ଗିରଫ

**ବଲଙ୍ଗା,୧୩।୧୦(ଡି.ଏନ୍.ଏ.)**

ବଲଙ୍ଗା ଥାନା ପୋଲିସ ସୋମବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ନିମାପଡ଼ା-ପିପିଲି ମୁଖ୍ୟରାସ୍ତାର ଶାଳଜଙ୍ଗ ପ୍ରଧାନ ସାହିରେ ଡକାୟତି ଯୋଜନା କରୁଥିବାବେଳେ ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋପର କାର୍ତ୍ତିକ ପଣ୍ଡା, ବ୍ରହ୍ମଗିରିର ବୁଲୁ ପଲେଇ, ପୁରୀର ପ୍ରଦୀପ ମହାପାତ୍ର, ବାସେଳି ସାହିର ଅକ୍ଷୟ ବେହେରା ଓ ଖୋର୍ଦ୍ଧାର ଜିଲାନ ଖାନ। ପୋଲିସ ସେମାନଙ୍କଠାରୁ ଗୋଟିଏ ବନ୍ଧୁକ, ଖଣ୍ଡା, ଭୁଜାଲି ପ୍ରଭୃତି ମାରଣାସ୍ତ୍ର ଜବତ କରି ନଂ.୧୦୮/୨୦ରେ ମାମଲା ରୁଜୁ କରିଛି। ଜାମିନ ନାମଞ୍ଜୁର ହେବାରେ ନିମାପଡ଼ା ଉପ କାରାଗାରକୁ ସେମାନଙ୍କୁ ପଠାଇ ଦିଆଯାଇଛି। ଏହି ଯୋଜନା ବେଳେ ଅନ୍ୟ ୩ଜଣ ଫେରାର ଅଛନ୍ତି। ବଲଙ୍ଗା ଥାନା ଆଇଆଇସି ସଞ୍ଜୀବ କୁମାର ପ୍ରଧାନ ଓ ଏସଆଇ ଗଙ୍ଗାଧର ରାଉତ ଚଢ଼ାଉରେ ସାମିଲ ଥିବାବେଳେ ଅଧିକ ତଦନ୍ତ ଜାରି ରହିଛି।

# ୪୨ କେଜି ଗଞ୍ଜେଇ ସମେତ କାର୍ ଜବତ: ୫ ଗିରଫ

**ଭୁବନେଶ୍ୱର,୧୩।୧୦(ବ୍ୟୁରୋ)/ କଟକ ରୋଡ୍ (ଡି.ଏନ୍.ଏ.)**

ରାଜଧାନୀର ୨ଟି ସ୍ଥାନରେ ପୋଲିସ ଚଢାଉ କରି ୪୨କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ଏ ନେଇ ଲକ୍ଷ୍ମୀସାଗର ଓ ଖଣ୍ଡଗିରି ଥାନାରେ ୨ଟି ମାମଲା ରୁଜୁ ହୋଇଛି। କାରବାରରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ତଦନ୍ତ ଜାରି ରହିଛି।

ଖଣ୍ଡଗରି ଥାନା ଅନ୍ତର୍ଗତ ବରମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳରେ ଚୋରା ଗଞ୍ଜେଇ ଚାଲାଣ ନେଇ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ଖଣ୍ଡଗିରି ପୋଲିସ ଟିମ୍ ସୋମବାର ଅପରାହ୍ନରେ ସେଠାରେ ଚଢାଉ କରି ୩ ଆନ୍ତଃରାଜ୍ୟ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାର ମୋତିହାର ଜିଲାର ରବିନ ମାହାତୋ, ମୁକେଶ ଦାସ ଓ ଗଞ୍ଜାମ ଧରାକୋଟ ଥାନା ଅଞ୍ଚଳର ଟୁଲୁ ସାହୁ। ଏମାନଙ୍କ ନିକଟରୁ ୧୨.୭୦୦ କେଜି ଗଞ୍ଜେଇ ସମେତ ୧୫ଶହ ଟଙ୍କା ଓ ୩ଟି ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ଖଣ୍ଡଗିରି ପୋଲିସ ଏକ କେସ୍ (ନଂ. ୬୨୯/୨୦) ରୁଜୁ ସହ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମେଲଣ ପଡିଆ ନିକଟରେ ମଙ୍ଗଳବାର ଚୋରା ଗଞ୍ଜେଇ କାରବାର ସମ୍ପର୍କରେ କ୍ୟୁଏଟି ଟିମ୍ ନିକଟରେ ଖବର ପହଞ୍ଚିଥିଲା। କ୍ୟୁଏଟି ଓ ଲକ୍ଷ୍ମୀସାଗର ଥାନା ପୋଲିସ ତୁରନ୍ତ ଚଢାଉ କରିଥିଲା। ସେଠାରୁ କାରରୁ ୩୦ କେଜି ଗଞ୍ଜେଇ ଓ ୨ଟି ମୋବାଇଲ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲକ୍ଷ୍ମୀସାଗର ଲେଙ୍କା ସାହି ଅଞ୍ଚଳର ପ୍ରସନ୍ନ ରାଉତରାୟ ଓ ଗଞ୍ଜାମ ପାଟପୁର ଥାନା ଅଞ୍ଚଳର ଅଶୋକ ପାତ୍ର। ଏ ନେଇ ଲକ୍ଷ୍ମୀସାଗର ଥାନାରେ କେସ୍ ନଂ. ୨୬୮/୨୦ ରୁଜୁ ସହ ୨ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଉଛି।

# ପୁରୀରୁ ୭୧ ପଜିଟିଭ୍ ଚିହ୍ନଟ, ୨ ମୃତ

**ପୁରୀ ଅଫିସ,୧୩।୧୦**

ପୁରୀ ଜିଲାରୁ ମଙ୍ଗଳବାର ୭୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏବେ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ହେଉଥିବାବେଳେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ପୁଣି ୨ ଜଣଙ୍କ କରୋନାରେ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ମୋଟ ଜିଲାରେ ୭୧ ଜଣଙ୍କ କରୋନାରେ ଜୀବନ ଗଲାଣି। ଅନ୍ୟପକ୍ଷେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୧,୪୫୫ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧୦,୫୪୧ ଜଣ ସୁସ୍ଥ ହୋଇଥିବା ବେଳେ ୮୪୨ ଜଣ ସକ୍ରିୟ ଅଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ଜିଲାରୁ ୧,୦୭,୩୨୫ କୋଭିଡ ଟେଷ୍ଟ କରାଯାଇଛି। ସୁସ୍ଥ ହାର ରହିଛି ୯୨.୦୨ ପ୍ରତିଶତ। ତେବେ ମଙ୍ଗଳବାର ଚିହ୍ନଟଙ୍କ ମଧ୍ୟରେ ପୁରୀ ପୌରାଞ୍ଚଳରୁ ୧୩ଜଣ ଓ ବିଭିନ୍ନ ବ୍ଲକରୁ ୫୮ଜଣ ଚିହ୍ନଟ ହୋଇଛନ୍ତି। ଜିଲାର ସମସ୍ତ ବ୍ଲକରେ ସକ୍ରିୟ ସଂକ୍ରମିତ ରହିଥିବା ବେଳେ ୩ଟି ଯାକ ଏନ୍ଏସି (ପିପିଲି, ନିମାପଡ଼ା ଓ କୋଣାର୍କ)ରେ କୌଣସି ସକ୍ରିୟ ସଂକ୍ରମିତ ନାହାନ୍ତି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଆଜି ଭାଜପାର ନବୀନ ନିବାସ ପଦଯାତ୍ରା

**ପୁରୀ ଅଫିସ,୧୩।୧୦**

ବଗଲା ଧର୍ମଶାଳା ଜମି ବିକ୍ରି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେବ ଭାଜପା। ବୁଧବାର ସକାଳ ୯ଟାରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସିଂହଦ୍ୱାରଠାରୁ ନବୀନ ନିବାସ ଅଭିମୁଖେ ପଦଯାତ୍ରା ଆରମ୍ଭ ହେବ। ବିକ୍ରି ହୋଇଥିବା କବଲା ରଦ୍ଦ ଏବଂ ପୁରୁଣା ଜେଲ୍ ଜମିକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ମିଶାଇବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ବଗଲା ଧର୍ମଶାଳା ଜମି ବିକ୍ରି କବଲ ରଦ୍ଦ ନେଇ ଜନସାଧାରଣଙ୍କଠାରୁ ସଂଗୃହୀତ ଦସ୍ତଖତ ପ୍ରଦାନ କରାଯିବ ବୋଲି ବିଧାୟକ ଷଡ଼ଙ୍ଗୀ କହିଛନ୍ତି। ଏଥିରେ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍‌ପ୍ରକାଶ ମିଶ୍ର, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ସାମିଲ ହେବେ।

# କୋଭିଡ୍-୧୯ ଜନ ଆନ୍ଦୋଳନ ଶପଥ ପାଠ

**ପୁରୀ ଅଫିସ,୧୩।୧୦:** ଜନ ଶିକ୍ଷଣ ସଂସ୍ଥାନ, ପୁରୀ ପକ୍ଷରୁ ସୋମବାର କୋଭିଡ୍-୧୯ର ଜନ ଆନ୍ଦୋଳନ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାନ ନିର୍ଦ୍ଦେଶକ ଜ୍ଞାନ ବିକାଶ ଗଜେନ୍ଦ୍ର କରୋନା ଭୂତାଣୁ ଯେପରି ଅଧିକ ନ ବ୍ୟାପେ ସେଥିପ୍ରତି ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ପ୍ରଶିକ୍ଷାର୍ଥୀ ଓ କର୍ମଚାରୀଙ୍କୁ ସଚେତନ ସହ ଶପଥ ପାଠ କରାଇଥିଲେ। ମାସ୍କ ପିନ୍ଧିବା, ସାମାଜିକ ଦୂରତା ରଖିବା, ହାତକୁ ଭଲ ଭାବେ ସଫା କରିବା ଉପରେ ଗୁରୁତ୍ୱ ଦେଇଥିଲେ।

# ପାଣି ପାଇଁ ସଂଘର୍ଷ ମାମଲା, ଆଉ ୪ ଗିରଫ

**ବ୍ରହ୍ମଗିରି,୧୩।୧୦(ଡି.ଏନ୍.ଏ.)**

ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଡିମିରିସେଣା ଡିହ ଭୋଇସାହିରେ ପାଣି ପାଇପ ସଂଯୋଗକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ସଂଘର୍ଷ ଘଟି ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୋଲିସ ଦୁଇଟି ମାମଲା(ନଂ.୧୬୭, ୧୬୮/୨୦) ରୁଜୁ କରିଛି। ସୋମବାର ୧୯ଜଣଙ୍କୁ ଗିରଫ କରିଥିବାବେଳେ ମଙ୍ଗଳବାର ଆଉ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଏହି ୪ଜଣଙ୍କ ମଧ୍ୟରୁ ୩ଜଣ ପୁରୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଅନ୍ୟଜଣେ ପୁରୀ ସଦର ଥାନା ବୀରହରେକୃଷ୍ଣପୁର ଗ୍ରାମରେ ଲୁଚି ରହିଥିଲେ। ୩ଜଣ ସୁସ୍ଥ ହେବା ପରେ ଓ ଅନ୍ୟଜଣଙ୍କୁ ପୋଲିସ ଚଢ଼ାଉ କରି ଗିରଫ କରିଛି।

### ମାସ୍କ ଚେକିଂବେଳେ ପୋଲିସକୁ ଆକ୍ରମଣ ଘଟଣା: ୫ ଗିରଫ

**କଣ୍ଟାପଡ଼ା,୧୩।୧୦(ଡି.ଏନ୍.ଏ.):** ଓଲଟପୁର ଥାନା ଅଡ଼ଶପୁର ବଜାରରେ ମାସ୍କ ଚେକିଂକୁ ନେଇ ରବିବାର ଏଏସ୍ଆଇ ଦୁର୍ଯ୍ୟୋଧନ ସେଠୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗୋବିନ୍ଦପୁର ଥାନାସ୍ଥିତ କାଳିଆଗଡ଼ ଗ୍ରାମର ଜ୍ୟୋତିରଞ୍ଜନ ସେଠୀ, ରମାକାନ୍ତ ପାତ୍ର, ବିଶ୍ୱଜିତ ପାତ୍ର, ପୃଥ୍ୱୀରାଜ ପାତ୍ର ଓ ପ୍ରଶାନ୍ତ ପାତ୍ର। ଆହତ ପୋଲିସଙ୍କ ଅଭିଯୋଗକ୍ରମେ ନଂ. ୧୦୧/୨୦ରେ ମାମଲା ରୁଜୁ ସହ ଘଟଣାରେ ସମ୍ପୃକ୍ତ ୨୦୦ଜଣଙ୍କ ନାମରେ ମାମଲା ହୋଇଛି। ଅନ୍ୟପଟେ ଚେକିଂ ଆଳରେ ପୋଲିସ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ତାଙ୍କ ସ୍ୱାମୀ କାଳିଆଗଡ଼ ଗ୍ରାମର ମାନସ ସେଠୀ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ ୧୦୨/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରବିବାର ଅଡ଼ଶପୁର ବଜାରରେ ପୋଲିସ ମାସ୍କ ଚେକିଂ ଚାଲିଥିବାବେଳେ ଏହି ଘଟଣା ହୋଇଥିଲା।

# ନିଯୁକ୍ତି ଦାବିରେ କାରଖାନା ଆଗରେ ଧାରଣା

**ଖୁଣ୍ଟୁଣୀ,୧୩।୧୦(ଡି.ଏନ୍.ଏ.)**

ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମସ୍ତପୁର ଗ୍ରାମରେ ଖୋଲିଥିବା ମଦ କାରଖାନାକୁ ଜମି ଦେଇଥିବା ଲୋକଙ୍କୁ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେଇ ପରେ ଅଣଦେଖା କରାଯାଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ନ ଶୁଣିବାରୁ ମଙ୍ଗଳବାର ସକାଳ ୯ଟାରୁ ଗ୍ରାମର ଶତାଧିକ ଲୋକ କାରଖାନା ମୁଖ୍ୟ ଫାଟକ ନିକଟରେ ଧାରଣା ଦେଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରି ବିଫଳ ହୋଇଛନ୍ତି। ସୂଚନାଯୋଗ୍ୟ, ଏହି କାରଖାନା ଆରମ୍ଭ ବେଳେ ଜନଶୁଣାଣିରେ ଏଠାରେ ଏକ ପାଣି ପାଉଚ କାରଖାନା ହେବ ବୋଲି ସେତେବେଳେ କାରଖାନା କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଲୋକଙ୍କଠାରୁ ଜମି ନେଇ କାରଖାନାରେ ଗ୍ରାମ ଲୋକଙ୍କୁ ନିଯୁକ୍ତି ଦିଆଯିବ ବୋଲି କହିଥିଲେ। କିନ୍ତୁ ପରେ ପୋଲିସ ଓ ପ୍ରଶାସନକୁ ଲଗାଇ ଲୋକଙ୍କ ପ୍ରତିବାଦ ସତ୍ତ୍ୱେ ମଦ କାରଖାନା କରିଥିଲେ। ଏହାପରେ ମଧ୍ୟ ସ୍ଥାନୀୟ ଲୋକ ପରିବର୍ତ୍ତେ ବାହାର ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ଏ ନେଇ ଗତ ମାସ ୨୦ ତାରିଖ ଦିନ ଗ୍ରାମବାସୀ ସମୂହ ଗ୍ରାମ ଦେବତୀଙ୍କ ପୀଠରେ ଏକତ୍ରିତ ହୋଇ କାରଖାନା କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏଥିରେ ୨୮ତାରିଖ ମଧ୍ୟରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ନ ମିଳିଲେ ୧ ତାରିଖଠାରୁ ଅନଶନ କରାଯିବ ବୋଲି ଜଣାଇ ଦିଆଯାଇଥିଲା। ଗ୍ରାମବାସୀ ପ୍ରଶାସନ ଓ ନେତାଙ୍କୁ ଏ ବିଷୟରେ ଜଣାଇବା ସତ୍ତ୍ୱେ କୋଣସି ଦାବି ପୂରଣ ନ ହେବାରୁ ବାଧ୍ୟହୋଇ ଆମରଣ ଅନଶନ ଆରମ୍ଭ କଲେ ବୋଲି ଗ୍ରାମ ସଭାପତି ଗୋଲକ ରାଉତ, ସୁରେଶ ସ୍ୱାଇଁ, ହେମନ୍ତ ସାହୁ, ବଳରାମ ରାଉତ, ବିଭୂତି ପ୍ରଧାନ, ଅର୍ଜୁନ ପରିଡ଼ା, ଇନ୍ଦ୍ରମଣି ସ୍ୱାଇଁ, ଜମ୍ଭେଶ୍ୱର ରାଉତ ଓ ରାଧାନାଥ ରାଉତ ପ୍ରମୁଖ କହିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାରଖାନା କର୍ତ୍ତୃପକ୍ଷ ଧାରଣାକାରୀଙ୍କ ନିକଟକୁ ଆସି ନ ଥିଲେ।



କାରଖାନା ସମ୍ମୁଖରେ ଧାରଣା ଦେଇଥିବା ଗ୍ରାମବାସୀ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୪/୨୦୨୦ Bhubaneswar, Wednesday, October 14/ 2020




# ବାଙ୍ଗାଲୋର ବିପକ୍ଷରେ ଖେଳିବେ ଗେଲ୍

**ଦୁବାଇ,୧୩।୧୦ (ପି.ଟି.):** କିଙ୍ଗ୍ସ ଏକାଦଶ ପଞ୍ଜାବର ବରିଷ୍ଠ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍ ଏଥର ଆଇପିଏଲ୍‌ର ପ୍ରଥମ ମ୍ୟାଚ୍ ଖେଳିବେ। ଇତିମଧ୍ୟରେ ସେ ଫୁଡ୍ ପଏଜନିଂରୁ ସୁସ୍ଥ ହୋଇଛନ୍ତି। ଗୁରୁବାର ସେ ରୟାଲ ଚ୍ୟାଲେଞ୍ଜର୍ସ ବିପକ୍ଷରେ ପଡିଆକୁ ଓହ୍ଲାଇବେ। ୪୧ ବର୍ଷୀୟ ଗେଲ୍ ଫୁଡ୍ ପଏଜନିଂର ଶିକାର ହୋଇଥିବାରୁ ଗତ ସପ୍ତାହରେ ସନ୍ ରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷରେ ଖେଳିପାରି ନ ଥିଲେ ବୋଲି ହେଡ୍ କୋଚ୍ ଅନିଲ କୁମ୍ବଲେ କହିଛନ୍ତି। ହସ୍ପିଟାଲ ବେଡ୍‌ରେ ଥାଇ ଗେଲ୍ ତାଙ୍କ ଫଟୋ ସୋସିଆଲ ମିଡିଆରେ ଅପଲୋଡ କରିଥିଲେ। ଗେଲ୍ ନେଟ୍ସକୁ ପ୍ରତ୍ୟାବର୍ତ୍ତନ କରିବାର ଫଟୋ ମଧ୍ୟ ପଞ୍ଜାବ ପୋଷ୍ଟ କରିଥିଲା। ସେ ଏବେ ସୁସ୍ଥ ଅଛନ୍ତି ଓ ଗୁରୁବାର ବାଙ୍ଗାଲୋର ବିପକ୍ଷ ମ୍ୟାଚ୍ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଦଳୀୟ ସୂତ୍ରରୁ ପ୍ରକାଶ। ଏହି ମ୍ୟାଚ୍ ଶାରଜାର ଅପେକ୍ଷାକୃତ ଛୋଟ ଗ୍ରାଉଣ୍ଡରେ ଖେଳାଯିବ। ତେଣୁ ଏହି ଗ୍ରାଉଣ୍ଡରେ ଗେଲ୍ ଛକା ବର୍ଷା କରିବେ ବୋଲି ଆଶା କରାଯାଉଛି। ଦଳ ତରଫରୁ ମୟଙ୍କ ଅଗ୍ରୱାଲ ଓ ଲୋକେଶ ରାହୁଲ ଓପନିଂ କରୁଛନ୍ତି। ପଞ୍ଜାବ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ୬ଟିରେ ପରାଜୟ ବରଣ କରିଛି।







FOR ALL BULK/INSTITUTIONAL REQUIREMENTS PLEASE MAIL: corporate.customersupport@tvsmotor.com; Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7440030004, 7381114371; 3S TVS, Ph : : 8860629978. PURI: Modern TVS, Ph : 7978707757, 7440002101; CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHOLE : Sasmita TVS, Ph : 8860793803; JAGATSINGHPUR : Gita TVS, Ph : 06724-222717, 7788901717. Authorised Dealers: CRP Square, Bhubaneswar, Ph.: 0674-2563343, 7537035786; Jatni, Ph.: 7008563051; Khurda, Ph.: 9861128283, 06755-223244; Baghamari, Ph.: 9238107505; Jagatpur, Ph.: 9861006854/9337268787; Pattamundai, Ph.: 9938602209; Mangalpur, Ph : 9853486660; Balipatna, Ph.:9238518534; Khandagiri, Ph : 0674-2351766, 9090894749;Athagarh, Ph.: 9853429148; Salepur, Ph.: 8018556514; Pipli, Ph.: 8093219941; Delang, Ph : 9090214582; Bramahgiri, Ph : 8480928880; Chari Chowk, Ph : 8327783765; Raj Sunakhala, Ph.: 7873510025; Daspalla, Ph.: 9437354285; Rohibank, Ph : 9090507765; Kalapathar, Ph : 9776942339;Ranpur, Ph : 9778520193; Paradip, Ph.: 9937392207; Nuapatana, Ph.: 9937019555; Banki, Ph.: 9937015536; Jatani, Ph : 8093198397; Balugaon, Ph : 9090048991, 9776099100; Duburi, Ph : 9439176344; Nirakarpur, Ph : 9658971360, 06756-252360; Khandapada, Ph : 9853479471, 9937153901; Erasama, Ph : 9937084847; Krushnanandapur, Ph : 9237066573; 9040091921; Badamba, Ph : 7381656665; Puranakatak, Ph : 7873727545, 9439071610; Chandpur, Ph : 9658866993, 9337112565, 9439333723; Sakhigopal, Ph : 9861150706; Nimapara, Ph : 06758-252044, 9438742101; Balichandrapur, Ph : 9439200714; Anandpur, Ph : 9438366880; Nachuni : Ph : 9337788799, 7008225699; Narasinghpur, Ph : 9238545610; Marshaghai, Ph : 9938837705; Kandarpur, Ph : 0671-2802345, 9090098000; Phulnakhara, Ph : 0671-2356967, 7440037801; Bari, Ph : 8917596087; Binjharpur, Ph : 7008499365; Nischintakoili, Ph : 9337438686; Chandol, Ph : 9437108541; Friends Automobile, Ph : 9668166377, 7008050051; Raipur, Ph : 9937963372; Naugoan, Ph : 06724-222717, 9778802623; Balitutha, Ph : 8093099967, 9777773277 ; Narasinghpur, Ph : 9658410027 ; Balikuda, Ph : 9439370305 ; Gothopatna, Ph : 9337950051, 8249710415; Odogaon, Ph : 9937558155; Tangi, Ph : 0671-2595877, 9348645572; Rajnagar, Ph : 9178026887; Tamando, Ph : 9337988543, 9778100000; Rajkanika, Ph : 9938602209.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ